
ଅନ୍ଦ୍ରିଭାଙ୍କ ବିଜୟ ଅଭିଯାନ
▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-70 ♦THURSDAY ♦3 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୭୦ ♦ଗୁରୁବାର ♦୩ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଇତିହାସ ରଚିଲେ ଶକ୍ତି ଶର୍ମା




### ପ୍ରତିରକ୍ଷା ବାହିନୀର ପ୍ରଥମ ମହିଳା ଅଣ-ମେଡିକାଲ୍ ଏୟାର ଭାଇସ୍ ମାର୍ଶାଲ୍

### ଶୁଭେଚ୍ଛା ଜଣାଇଲେ ନବୀନ

■ ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଭାରତୀୟ ପ୍ରତିରକ୍ଷା ବାହିନୀରେ ଇତିହାସ ରଚିଛନ୍ତି ଏୟାର ଭାଇସ୍ ମାର୍ଶାଲ୍ ଶକ୍ତି ଶର୍ମା। ଅଣ-ମେଡିକାଲ୍ ବର୍ଗରୁ ଏୟାର ଭାଇସ୍ ମାର୍ଶାଲ୍ ପଦବୀରେ ପହଞ୍ଚିଥିବା ସେ ପ୍ରଥମ ମହିଳା ଅଧିକାରୀ ହୋଇଛନ୍ତି। ସେପ୍ଟେମ୍ବର ୧ରେ ସେ ବାୟୁସେନା ମୁଖ୍ୟାଳୟରେ 'ଆସିଷ୍ଟାଣ୍ଟ ଚିଫ୍ ଅଫ୍ ଦ ଏୟାର ଷ୍ଟାଫ୍ (ଏଜୁକେସନ୍)' ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୪ ଜୁନ୍ ୧୮ରେ ବାୟୁସେନାର ଶିକ୍ଷା ଶାଖାରେ ଯୋଗଦେଇଥିବା ଶର୍ମାଙ୍କର ପ୍ରତିରକ୍ଷା କ୍ଷେତ୍ରରେ ୩୦ ବର୍ଷରୁ ଅଧିକ ସେବା ଅଭିଜ୍ଞତା ରହିଛି। ସେ ବିଭିନ୍ନ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଫିଲ୍ଡ ଷ୍ଟେସନ୍, କମାଣ୍ଡ ମୁଖ୍ୟାଳୟ ଓ ବାୟୁସେନା ମୁଖ୍ୟାଳୟରେ ଦାୟିତ୍ୱ ତୁଲାଇଛନ୍ତି। କାନପୁର ଆଇଆଇଟି ଓ ପୁଣେ ବିଶ୍ୱବିଦ୍ୟାଳୟରେ ବାୟୁସେନାର 'ଚେୟାର୍ସ ▶ପୃଷ୍ଠା-୭

## ମାର୍ଶାଲ ଜିତେନ୍ଦ୍ର ମିଶ୍ର ରାମମନ୍ଦିରର ପ୍ରଥମ ସିଇଓ



### ଟ୍ରଷ୍ଟରେ ୩ ନୂଆ ସଦସ୍ୟ ନିଯୁକ୍ତ

### ଗୋବିନ୍ଦ ଦେବ ଗିରି ନୂଆ ସଚିବ

■ ଅଯୋଧ୍ୟା, ୨।୯ (ଏଜେନ୍ସି): ଅବସରପ୍ରାପ୍ତ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରଙ୍କୁ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ପ୍ରଥମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଆଜି ତାଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି। 'ଅପରେସନ ସିନ୍ଦୂର' ସମୟରେ ସେ ପଶ୍ଚିମ ବାୟୁ କମାଣ୍ଡର ମୁଖ୍ୟ ଦାୟିତ୍ୱରେ ଥିଲେ। ଏହି ପଦବୀ ଲାଗି ୫୫୮୫ ଜଣ ଆବେଦନ କରିଥିଲେ। ସିଇଓ ଚୟନ ପାଇଁ ଗଠିତ ସର୍ଚ୍ଚ କମିଟି ଏହି ଆବେଦନ ମଧ୍ୟରୁ ତିନି ଜଣଙ୍କ ନାମର ସୁପାରିସ କରିଥିଲେ। ଟ୍ରଷ୍ଟ ବୈଠକରେ ୬୨ ବର୍ଷୀୟ ଜିତେନ୍ଦ୍ର ମିଶ୍ରଙ୍କ ନାମରେ ମୋହର ଲଗାଯାଇଛି। ମନ୍ଦିରରୁ ଚାନ୍ଦା ଚୋରି ଅଭିଯୋଗ ବିସ୍ଫୋରକ ରୂପ ଧାରଣ କରିବା ପରେ ଟ୍ରଷ୍ଟ ପକ୍ଷରୁ ସିଇଓ ନିଯୁକ୍ତି ▶ପୃଷ୍ଠା-୭

# ପୁଣି ବନ୍ୟା: ୧୪ରେ ଆସୁଛି ଆଉ ଏକ ଲଘୁଚାପ

### ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ



■ ଭୁବନେଶ୍ୱର, ୨।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଓଡ଼ିଶାଠାରୁ ଦୂରେଇ ଯାଉଥିବାରୁ ରାଜ୍ୟରେ ବର୍ଷାର ପ୍ରଭାବ କମିଛି। ମାତ୍ର ଏହି ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶା ସମେତ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାରେ ପୁଣି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ସବୁଠୁ ଅଧିକ ରହିଥିବା ହେତୁ ଏଥର ବାଲେଶ୍ୱର ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଅପରପକ୍ଷେ ଆସନ୍ତା ୧୪ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ସାଧାରଣତଃ ମୌସୁମୀ ଯିବା ସମୟ ଅର୍ଥାତ ଅକ୍ଟୋବର ଆରମ୍ଭରୁ ବାତ୍ୟା ଋତୁ ଆରମ୍ଭ ହେଉଥିବାରୁ ଏହା ଉପରେ ଅଧିକ ନଜର ରହିଛି। ଯଦିଓ ଏହି ଲଘୁଚାପ କେତେ ଶକ୍ତିଶାଳୀ ହେବ ତାହା ଏଯାଏ କୌଣସି ସ୍ପଷ୍ଟ କରାଯାଇ ନାହିଁ; ମାତ୍ର ଏହି ଲଘୁଚାପ ଅଧିକ ଘନୀଭୂତ ହେବାକୁ ଏଡ଼ାଇ ଦିଆଯାଇ ନ ପାରେ।

ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ତୃତୀୟ ବନ୍ୟା ଆସିଛି। ଉଭୟ ଜାମଶୋଳା ଘାଟ୍ ▶ପୃଷ୍ଠା-୭

### ଓପିଟିସିଏଲ୍‌ର ତ୍ରୁଟିପୂର୍ଣ୍ଣ ତଥ୍ୟ

# କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ଓଡ଼ିଶା

### କେନ୍ଦ୍ର ନିକଟରେ ବଢ଼େଇ ଚଢ଼େଇ ରଖିଥିଲେ ତଥ୍ୟ

### ତଥ୍ୟ ସଂଶୋଧନ ନେଇ ଓପିଟିସିଏଲ ଦେଇଛି ପ୍ରତିଶ୍ରୁତି

### ସଂଶୋଧନ ନ ହେଲେ ଉପଭୋକ୍ତା ବୋହିବେ ଶୁଳ୍କ ବୋଝ

■ ଭୁବନେଶ୍ୱର, ୨।୯ (ସମିସ): ନିଜର ବାସ୍ତବ ସ୍ଥିତିକୁ ଲୁଚାଇ ଓପିଟିସିଏଲ(ଓଡ଼ିଶା ଶକ୍ତି ସଂଚରଣ ନିଗମ ଲିମିଟେଡ) କେନ୍ଦ୍ର ସରକାରଙ୍କ ସିଇଏ(ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି ଅଫ୍ ଇଣ୍ଡିଆ) ଙ୍କ ସାମ୍ନାରେ ବଢ଼ାଚଢ଼ା ତଥ୍ୟ ରଖିଲେ। ଯାହାର ଫଳ ଏବେ ଓଡ଼ିଶା ଭୋଗୁଛି। ଏପରିକି ସମ୍ବିଧାନର ଧାରା ୨୭୫ ଓ ୨୮୨ ଅଧୀନରେ ରାଜ୍ୟ ପାଇବାକୁ ଥିବା ସ୍ୱତନ୍ତ୍ର କେନ୍ଦ୍ରୀୟ ଆର୍ଥିକ ସହାୟତାରୁ ଓଡ଼ିଶା ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

ଓଇଆରସିରେ ଅନୁଷ୍ଠିତ ଜନଶୁଣାଣିରେ ଓପିଟିସିଏଲ୍‌ର କାର୍ଯ୍ୟଶୈଳୀ ଓ ତଥ୍ୟ ଉପସ୍ଥାପନକୁ ନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସାଂଘାତିକ ଅଭିଯୋଗ କରିଛନ୍ତି। ଓପିଟିସିଏଲ୍ ରାଜ୍ୟର ଗ୍ରୀଡ୍ କ୍ଷମତା ସମ୍ପର୍କରେ କେନ୍ଦ୍ର ସରକାର (ସିଇଏ)ଙ୍କ ନିକଟରେ ଅତ୍ୟନ୍ତ ବଢ଼ାଚଢ଼ା ତଥ୍ୟ ଦାଖଲ କରିଛି। ଯେଉଁଠି ଓଇଆରସି ରିପୋର୍ଟ ଅନୁସାରେ ରାଜ୍ୟରେ ଟ୍ରାନ୍ସମିସନ ଲାଇନର ଦୈର୍ଘ୍ୟ ୧୬,୫୦୮ କିମି ରହିଛି, ସିଇଏ ରିପୋର୍ଟରେ ଏହାକୁ ପ୍ରାୟ ଦୁଇଗୁଣ ଅର୍ଥାତ୍ ୨୭,୯୭୯ କିମି ବୋଲି ଦର୍ଶାଯାଇଛି। ସେହିପରି ଟ୍ରାନ୍ସଫର୍ମର କ୍ଷମତା କ୍ଷେତ୍ରରେ ମଧ୍ୟ ବିରାଟ ତାରତମ୍ୟ ଦେଖିବାକୁ ମିଳିଛି। ଓଡ଼ିଶା ବିଧାନସଭାର ସ୍ଥାୟୀ କମିଟି-୧୦କୁ ଦେଇଥିବା ତଥ୍ୟରେ ଓପିଟିସିଏଲର ଟ୍ରାନ୍ସଫର୍ମର କ୍ଷମତା ୨୮୫୧୧ ଏମଭିଏ ଦର୍ଶାଯାଇଥିବା ବେଳେ କେନ୍ଦ୍ର ରିପୋର୍ଟରେ ୪୫୮୫୨ ଏମଭିଏ ଦର୍ଶାଯାଇଛି। ତେଣୁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଓଡ଼ିଶାର ଦୁର୍ବଳ ସଞ୍ଚାରଣ ଭିତ୍ତିଭୂମିର ଅସଲ ଚିତ୍ର କେନ୍ଦ୍ର ରିପୋର୍ଟରେ ଉପସ୍ଥାପନ ହୋଇପାରି ନାହି। ଲୋକସଂଖ୍ୟା ଓ ଆୟତନରେ ଆନ୍ଧ୍ର ଓ ଓଡ଼ିଶା ସମକକ୍ଷ ରାଜ୍ୟ ହୋଇଥିଲେ ବି ଆନ୍ଧ୍ରର ସଞ୍ଚାରଣ ଭିତ୍ତିଭୂମି କ୍ଷମତା ଓଡ଼ିଶାର ଦୁଇଗୁଣ ରହିଛି। ତଥ୍ୟ ଆଦାନ ପ୍ରଦାନରେ ଏଭଳି ବୃହତ ବ୍ୟବଧାନର ଭୁଲ ଯୋଗୁଁ ସମ୍ବିଧାନର ଧାରା ୨୭୫ ଓ ୨୮୨ ଅଧୀନରେ ରାଜ୍ୟ ପାଇବାକୁ ଥିବା ସ୍ୱତନ୍ତ୍ର କେନ୍ଦ୍ରୀୟ ଆର୍ଥିକ ସହାୟତାରୁ ଓଡ଼ିଶା ବଞ୍ଚିତ ହୋଇଛି। ଏହାର ପରିଣାମସ୍ୱରୂପ ଭିତ୍ତିଭୂମି ପ୍ରକଳ୍ପ ଖର୍ଚ୍ଚ ପାଇଁ ପ୍ରସ୍ତାବିତ ୭୦ ପ୍ରତିଶତ ଋଣର ଭାର ବାର୍ଷିକ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ (ଟାରିଫ୍) ମାଧ୍ୟମରେ ସିଧାସଳଖ ରାଜ୍ୟର ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଲଦି ହୋଇପଡ଼ିବ।

ଅପରପକ୍ଷେ ପ୍ରାରମ୍ଭିକ ଅଭିଯୋଗ ଉପରେ ଓପିଟିସିଏଲ୍ କୌଣସି ସନ୍ତୋଷଜନକ ଉତ୍ତର ନ ରଖି ପ୍ରସଙ୍ଗ ଏଡ଼ାଇ ଯିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତେବେ ଓପିଟିସିଏଲ୍ କର୍ତ୍ତୃପକ୍ଷ ଏପରି ପଳାୟନ ▶ପୃଷ୍ଠା-୭

## ପୁଣି ଝୁଲିଲା ଡିଜିପି ମାମଲା



### ୭ରେ ପରବର୍ତ୍ତୀ ଶୁଣାଣି

### ସରକାରଙ୍କ ତଥ୍ୟ ଉପରେ ଆବେଦନକାରୀଙ୍କ ଆପତ୍ତି

### ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରି

■ ଭୁବନେଶ୍ୱର, ୨।୯ (ସମିସ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ସୁପ୍ରିମକୋର୍ଟରେ ଚାଲିଥିବା ମାମଲାର ଶୁଣାଣି ପୁଣି ଘୁଞ୍ଚିଛି। ବୁଧବାର ଶୁଣାଣି ହେବାକୁ ଥିବାବେଳେ ମାମଲାକୁ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ରିଜଏଣ୍ଡର୍ (ଆପତ୍ତିପତ୍ର) ଦାଖଲ ହୋଇଥିବାରୁ ତାହାକୁ ଅଧ୍ୟୟନ କରିବା ପାଇଁ ଅଦାଲତ ଅଧିକ ସମୟ ନେଇଛନ୍ତି। ଏହି ମଧ୍ୟରେ ମାମଲାରେ ଅଦାଲତଙ୍କୁ ସହାୟତା କରୁଥିବା ଆମିକସ୍ କ୍ୟୁରି ବରିଷ୍ଠ ▶ପୃଷ୍ଠା-୭

### ନୂଆଦିଲ୍ଲୀ କେନ୍ଦ୍ରୀୟ ଜଳ ଶକ୍ତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ସେଚ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଓଡ଼ିଶା ଅଗ୍ରଣୀ

### ୨ ବର୍ଷରେ ୩.୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ

### ୭୭୦ ନୂଆ ଚେକ୍ ଡ୍ୟାମ୍ ଓ ୯ଟି ଇନଷ୍ଟ୍ରିମ ପ୍ରକଳ୍ପ ଶେଷ



■ ଭୁବନେଶ୍ୱର, ୨।୯ (ସମିସ): ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ ହୋଇଥିବାରୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪,୦୦୦ କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି। ଏହି ଅବଧିରେ ଅତି କମ୍ ସମୟ ମଧ୍ୟରେ ୩,୨୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ସମ୍ମିଳନୀରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟଙ୍କ ସମେତ ବିଭିନ୍ନ ରାଜ୍ୟର ଜଳ ସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ▶ପୃଷ୍ଠା-୭

### ହେଲିକପ୍ଟର ଉଡ଼ାଣରେ ୫୦୦ କୋଟି ସରକାରୀ ଅର୍ଥ ଅପଚୟ ଅଭିଯୋଗ

# ଅଦାଲତରେ ରିଭିଜନ ପିଟିସନ ଖାରଜ

### ଭୁବନେଶ୍ୱର ଏସ୍‌ଡିଜେଏମ୍ ଅଦାଲତଙ୍କ ରାୟ ବଳବତ୍ତର

### ଅଭିଯୋଗକାରୀଙ୍କ ଅଭିଯୋଗରେ ନାହିଁ କୌଣସି ପ୍ରମାଣ

■ ଭୁବନେଶ୍ୱର, ୨।୯ (ସମିସ): ହେଲିକପ୍ଟର ଉଡ଼ାଣରେ ୫୦୦ କୋଟି ସରକାରୀ ଅର୍ଥ ଅପଚୟ ସଂକ୍ରାନ୍ତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିରୋଧରେ ମାମଲାକୁ ଖାରଜ କରିଛନ୍ତି ଖୋର୍ଦ୍ଧା ସେସନ୍ସ କୋର୍ଟ। ଅଭିଯୋଗରେ କୌଣସି ପ୍ରାଥମିକ ପ୍ରମାଣ ନ ଥିବା ଏବଂ ଅଭିଯୋଗଗୁଡ଼ିକ ସାଧାରଣ ଓ ଅସ୍ପଷ୍ଟ ବୋଲି ଅଦାଲତ ମତ ଦେଇଛନ୍ତି। ଅଭିଯୋଗକାରୀ ବିଏନ୍‌ଏସ୍‌ଏସ୍‌ର ଧାରା ୧୭୩(୪) ଅନୁଯାୟୀ ଆବଶ୍ୟକ ବିଧିଗତ ପ୍ରକ୍ରିୟା ପାଳନ କରିନାହାନ୍ତି, ଆବଶ୍ୟକ ପ୍ରମାଣ ଦେଇନାହାନ୍ତି ଏବଂ ଧାରା ୩୩ ଅନୁଯାୟୀ ମଧ୍ୟ ଏହି ଅଭିଯୋଗ ଦାଏର କରିବାର ଆଇନଗତ ଅଧିକାର ତାଙ୍କର ନାହିଁ ବୋଲି ଅଦାଲତ କହିଛନ୍ତି। ଏହା ସହ ଭୁବନେଶ୍ୱର ଏସ୍‌ଡିଜେଏମ୍ ଅଦାଲତ ଗତ ମାର୍ଚ୍ଚ ୨୫ ତାରିଖରେ ଦେଇଥିବା ଅଭିଯୋଗ ଖାରଜ ଆଦେଶକୁ ବଳବତ୍ତର ରଖିଛନ୍ତି ସେସନ୍ସ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି।

ସୁଧୀର ଚରଣ ମହାନ୍ତି ନାମକ ଜଣେ ବ୍ୟକ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଉଡ଼ାଣରେ ୫୦୦ କୋଟିରୁ ଅଧିକ ସରକାରୀ ଅର୍ଥ ଅପଚୟ ଅଭିଯୋଗ ଆଣିଥିଲେ। ଆର୍‌ଟିଆଇ ମାଧ୍ୟମରେ କିଛି ସାମାଜିକ କର୍ମୀ ସଂଗ୍ରହ କରିଥିବା ତଥ୍ୟରୁ ସେ ଏ ସମ୍ପର୍କରେ ଜାଣିଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ହେଲିକପ୍ଟରରେ ବିଭିନ୍ନ ଅଞ୍ଚଳକୁ ଯାତ୍ରା ଏବଂ ସାଧାରଣ ସଭା ଆୟୋଜନରେ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ। ୨୦୨୪ ଅଗଷ୍ଟ ୧୪ରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଶ୍ରୀ ମହାନ୍ତି ଏତଲା ଦେବାକୁ ଉଦ୍ୟମ କରିଥିଲେ। ଥାନାରେ ଏତଲା ରୁଜୁ ହୋଇ ନ ଥିବା ଅଭିଯୋଗ କରି ସେ ଅଗଷ୍ଟ ୧୯ରେ ଭୁବନେଶ୍ୱରଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ପରେ ସେ ଭୁବନେଶ୍ୱର ଏସ୍‌ଡିଜେଏମ୍ ଅଦାଲତରେ ୧ ସିସି କେସ୍ ନମ୍ବର ୬୯୭୦/୨୦୨୪ ଦାଏର କରିଥିଲେ। ଏଥିରେ ଆଇପିସିର ବିଭିନ୍ନ ଧାରା ସହ ବିଏନ୍‌ଏସ୍‌ର ସମ୍ପର୍କିତ ଧାରାରେ ମାମଲା ରୁଜୁ କରିବାକୁ ସେ ଅନୁରୋଧ କରିଥିଲେ। ତେବେ ଏସ୍‌ଡିଜେଏମ୍ ଗତ ମାର୍ଚ୍ଚ ୨୫ ତାରିଖରେ ଅଭିଯୋଗକୁ ଖାରଜ କରିଥିଲେ। ଏହା ବିରୋଧରେ ମହାନ୍ତି ଖୋର୍ଦ୍ଧା ▶ପୃଷ୍ଠା-୭

### ଅବସରର ଗୋଟିଏ ଦିନ ପରେ ଚାଲିଗଲେ ବନ୍ଦର କର୍ମଚାରୀ

## ଖାଲକୁ ଖସିଲା କାର୍; ଦମ୍ପତି ମୃତ

■ ପାରାଦୀପ, ୨।୯ (ସମିସ): ପାରାଦୀପ ଗଡ଼ ବଜାର ନିକଟରେ ରାସ୍ତା ଡିଭାଇଡରରେ ପିଟି ହୋଇ ଏକ କାର୍ ରାସ୍ତାକଡ଼ରେ ଥିବା ଖାଲ ମଧ୍ୟକୁ ପଶିଯିବାରୁ ସେଥିରେ ଥିବା ଦମ୍ପତିଙ୍କର ମୃତ୍ୟୁ ଘଟିଛି। ମୃତକ ଦମ୍ପତି ହେଲେ ବନ୍ଦରର କର୍ମଚାରୀ ବିଭୁତି ଭୂଷଣ ଦାସ ଓ ତାଙ୍କ ପତ୍ନୀ ପ୍ରତିମା ଦାସ। ସେ ପାରାଦୀପ ପୌରାଞ୍ଚଳ ଅଧୀନ ନୂଆବଜାରରେ ରହୁଥିଲେ।

ସୂଚନା ଅନୁଯାୟୀ, ବିଭୁତି ଭୂଷଣ ପାରାଦୀପ ବନ୍ଦରର ମେରାଇନ୍ ବିଭାଗରେ କାର୍ଯ୍ୟରତ ଥିଲେ। ଗତକାଲି ସେ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ରାତିରେ ଗଡ଼ରେ ଥିବା ନିଜ ଭଉଣୀଙ୍କ ଘରକୁ ଯାଇଥିଲେ। ପରେ ବିଳମ୍ବିତ ରାତିରେ ପତ୍ନୀଙ୍କ ସହ ନିଜ କାର୍‌ରେ ପାରାଦୀପ ଫେରୁଥିବା ବେଳେ ଘଟିଥିଲା ଏହି ଅଘଟଣ। ଗଡ଼ ମାର୍କେଟ କମ୍ପ୍ଲେକ୍ସ ରାସ୍ତା ଦେଇ ରାଜପଥକୁ ଉଠୁଥିବା ସମୟରେ କୌଣସି କାରଣରୁ କାରଟି ଡିଭାଇଡରରେ ପିଟି ହୋଇ ରାସ୍ତାକଡ଼ରେ ଥିବା ଏକ ଖାଲ ମଧ୍ୟକୁ ଖସି ପଡ଼ିଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପୁଲିସକୁ ଖବର ଦେବା ସହ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ପୁଲିସ ସହାୟତାରେ ଉଭୟଙ୍କୁ କାର୍ ଭିତରୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ତେବେ ସେଠାରେ ଡାକ୍ତର ଉଭୟ ବିଭୁତି ଭୂଷଣ ଦାସ ଓ ପ୍ରତିମା ଦାସଙ୍କୁ ମୃତ ଘୋଷଣା କରିଥିଲେ। ଲକ୍ ଥାନା ପୁଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ଘର ଭଦ୍ରକ ଚାନ୍ଦବାଲି ଅଞ୍ଚଳରେ। ତେବେ ପୁରୀ ସ୍ୱର୍ଗଦ୍ୱାରରେ ଉଭୟଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିବା ଜଣାପଡିଛି। ଆଜି ସକାଳୁ ଏହି ଖବର ବନ୍ଦର ସହରରେ ପ୍ରଚାରିତ ହେବା ପରେ ଅନ୍ତେବାସୀଙ୍କ ସମେତ ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି।

# ସନ୍ଦେହରେ ଜିଡିପି ଅଭିବୃଦ୍ଧି ତଥ୍ୟ

### ୭.୮% ଅଭିବୃଦ୍ଧିକୁ ନେଇ ଅର୍ଥନୀତିଜ୍ଞଙ୍କ ପ୍ରଶ୍ନ

### ଯଦି ଅଭିବୃଦ୍ଧି ଦ୍ରୁତ, ଚାକିରି ଗଲା କୁଆଡେ: ରାଜନ୍

### ବାସ୍ତବ ଜିଡିପି ଅଭିବୃଦ୍ଧି ୨.୬%: ପୂର୍ବତନ ଅର୍ଥ ସଚିବ

### ତଥ୍ୟରେ ଘରୋଇ ନିବେଶ, ବେକାରି, ଦର ବୃଦ୍ଧି ପ୍ରସଙ୍ଗ ବାଦ୍: ଜୟରାମ୍ ରମେଶ

■ ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍)ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୭.୮% ରହିଛି। ଏହି ସଂଖ୍ୟା ସୋମବାର କେନ୍ଦ୍ର ସରକାରଙ୍କ ଜାରି କରାଯାଇଥିବା ଏହି ଜିଡିପି ତଥ୍ୟରେ ଉତ୍ପାଦନ ଏବଂ ସେବା କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିବୃଦ୍ଧିକୁ ଏକ ପ୍ରମୁଖ ସଫଳତା ବୋଲି କହିଛନ୍ତି 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି। ହେଲେ ବର୍ତ୍ତମାନ ଏହି ଜିଡିପି ତଥ୍ୟକୁ ନେଇ ଦେଶରେ ଏକ ବଡ଼ ବିବାଦ ଉଠିଲାଣି। ବିରୋଧୀ ଦଳଙ୍କ ସହ ବିଭିନ୍ନ ଅର୍ଥନୀତିଜ୍ଞ କେନ୍ଦ୍ର ସରକାରଙ୍କ ଏହି ଜିଡିପି ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସମସ୍ତେ ୭.୮% ଜିଡିପି ଅଭିବୃଦ୍ଧି ସଂଖ୍ୟାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଯଦି ବାସ୍ତବରେ ଭାରତର ଅଭିବୃଦ୍ଧି ଏବେ ଦ୍ରୁତ, ତେବେ ଚାକିରି ସବୁ ଗଲା କୁଆଡେ ବୋଲି ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ପ୍ରଶ୍ନ କରିଛନ୍ତି।

ପ୍ରସଙ୍ଗ ଉପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ 'ଏକ୍ସ'ରେ କହିଛନ୍ତି, ସାଧାରଣ ଲୋକ ଏବେ ବେକାରୀ, ମୁଦ୍ରାସ୍ଫୀତି ଏବଂ ଅସମାନତା 'ଥ୍ରୀ ୟୁ')ସହ ଯୁଝୁଛନ୍ତି। ବେରୋଜଗାରୀ ୫୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ୪୦% ଯୁବ ସ୍ନାତକ ବେରୋଜଗାର। ୨୦୨୬ ଜୁଲାଇ ମାସର ତଥ୍ୟ ଅନୁଯାୟୀ, ଦେଶର ୧୫ ରୁ ୨୯ ବର୍ଷ ବୟସର ▶ପୃଷ୍ଠା-୭

## କାନ୍ଥ ଭୁଶୁଡ଼ି ନାବାଳିକା ମୃତ

■ ଜୟପୁର, ୨।୯ (ସମିସ): ଜଣେ ଦଶମ ଶ୍ରେଣୀ ଛାତ୍ରୀ ନିଜ ଘରେ ପାଠପଢୁଥିବା ବେଳେ ଲଘୁଚାପଜନୀତ ଲଗାଣ ବର୍ଷାରେ କାନ୍ଥ ଭୁଶୁଡି ପଡ଼ିବାରୁ ଚାପି ହୋଇ ପ୍ରାଣ ହରାଇଛନ୍ତି। ମୃତା ଛାତ୍ରୀ ହେଲେ ବି.ସିଙ୍ଗପୁର ଥାନା ତଥା ବୋରିଗୁମ୍ମା ବ୍ଲକ ରଣସପୁର ଗ୍ରାମ ପଞ୍ଚାୟତ ଜଡାପୁଟ ଗ୍ରାମର କମଳା ତନ୍ତୀ(୧୫ବ୍ର)। ଘରର କାନ୍ଥ ଲଗାଣ ବର୍ଷାରେ ପାଣିରେ ଭିଜି ଭିଜି ଦୁର୍ବଳ ହୋଇଥିଲା। କାନ୍ଥ ତଳେ ଛାତ୍ରୀ କମଳା ଚାପି ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରୁ କୋରାପୁଟସ୍ଥିତ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଛାତ୍ରୀ ସ୍ଥାନୀୟ ବି.ସିଂହପୁର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିଲେ। ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ରେଡ଼କ୍ରସ ପାଣ୍ଠିରୁ ମୃତା ଛାତ୍ରୀଙ୍କ ପରିବାରକୁ ୫ ହଜାର ଟଙ୍କା ସହାୟତା ରାଶି ରାଜସ୍ୱ ନିରୀକ୍ଷକ ସଞ୍ଜୟ ଚଲାଣ ମାଧ୍ୟମରେ ପ୍ରଦାନ କରାଯାଇଛି।






## ତାମିଲନାଡୁର ୫୨ ମନ୍ଦିରରେ ସ୍ମାର୍ଟଫୋନ୍ ମନା



ଚେନ୍ନାଇ, ୨।୯ (ଏଜେନ୍ସି): ତାମିଲନାଡୁର ୫୨ଟି ପ୍ରମୁଖ ମନ୍ଦିରରେ ସ୍ମାର୍ଟଫୋନ୍ ବ୍ୟବହାର ଓ ନେଇ ପ୍ରବେଶ ଉପରେ କଟକଣା ଲାଗୁ ହୋଇଛି। ସେପ୍ଟେମ୍ବର ୧ରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହୋଇଛି। ମନ୍ଦିରକୁ ଯାଉଥିବା ଭକ୍ତମାନେ ପ୍ରବେଶ ପୂର୍ବରୁ ନିର୍ଦ୍ଦିଷ୍ଟ କାଉଣ୍ଟରରେ ନିଜ ସ୍ମାର୍ଟଫୋନ୍ ଜମା ରଖିବାକୁ ପଡ଼ିବ। ଏଥିପାଇଁ ପ୍ରତି ଫୋନ୍ ପିଛା ୫ ଟଙ୍କା ଦେବାକୁ ହେବ। ତେବେ କ୍ୟାମେରା ନଥିବା ସାଧାରଣ ମୋବାଇଲ୍ ଫୋନ୍ ମନ୍ଦିର ଭିତରକୁ ନେଇଯିବାକୁ ଅନୁମତି ରହିଛି ବୋଲି ହିନ୍ଦୁ ଧାର୍ମିକ ଓ ଦାତବ୍ୟ ବିଭାଗ ମନ୍ତ୍ରୀ ପିକେ ଶେକର ବାବୁ କହିଛନ୍ତି। ମନ୍ଦିର ପରିସରରେ ଫଟୋ ଉଠାଇବା, ଭିଡିଓ କରିବା ଏବଂ ସାମାଜିକ ଗଣମାଧ୍ୟମ ପାଇଁ ରିଲ୍ ତିଆରି କରିବା ଘଟଣା ବଢ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ମନ୍ଦିରର ପବିତ୍ରତା, ଶୃଙ୍ଖଳା ଓ ଧାର୍ମିକ ପରିବେଶ ବଜାୟ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧିକାରୀମାନେ କହିଛନ୍ତି। ଏହି କଟକଣା ପଛରେ ୨୦୨୨ ଡିସେମ୍ବର ୨ରେ ମାଡ୍ରାସ ହାଇକୋର୍ଟର ମଦୁରାଇ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶ ରହିଛି। ତିରୁଚେନ୍ଦୁରସ୍ଥିତ ଅରୁଲମିଗୁ ସୁବ୍ରମଣ୍ୟ ସ୍ୱାମୀ ମନ୍ଦିରରେ ମୋବାଇଲ୍ ବ୍ୟବହାର ନିଷେଧ ପାଇଁ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଆସିଥିଲା। ଜମା ରଖାଯାଇଥିବା ଫୋନ୍‌ଗୁଡ଼ିକୁ ଲକରରେ ସୁରକ୍ଷିତ ରଖାଯିବ। ଭକ୍ତମାନେ ଫେରିବା ସମୟରେ ଟୋକନ୍ ନମ୍ବର ଓ ଫୋନ୍‌ର ମଡେଲ୍ ମେଳ କରି ନିଜ ଫୋନ୍ ନେଇପାରିବେ। ବିଶେଷ କଥା ହେଉଛି, ଏହି ନିୟମରୁ ଭିଆଇପି, ସେଲିବ୍ରିଟି କିମ୍ବା ଅନ୍ୟ କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଛାଡ଼ ଦିଆଯାଇନାହିଁ। ଦେବଦେବୀଙ୍କ ଫଟୋ ଉଠାଇବା, ଧାର୍ମିକ ରୀତିନୀତିର ଭିଡିଓ କରିବା ଏବଂ ମନ୍ଦିର ପରିସରରେ ଭିଡିଓ ରେକର୍ଡିଂ ଉପରେ ମଧ୍ୟ ସମ୍ପୂର୍ଣ୍ଣ କଟକଣା ଲାଗୁ ହୋଇଛି।

## ନାଗରିକତ୍ୱ ମାମଲା: ରାହୁଲଙ୍କ ବିରୋଧରେ ପିଟିସନ ହାଇକୋର୍ଟରେ ଖାରଜ

ପ୍ରୟାଗରାଜ, ୨।୯ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତୀୟ ନାଗରିକତ୍ୱକୁ ପ୍ରଶ୍ନ କରି ଦାଖଲ ହୋଇଥିବା ଆବେଦନକୁ ଆହ୍ଲାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ ବୁଧବାର ଖାରଜ କରିଛନ୍ତି। ଅଶୋକ ପାଣ୍ଡେ ଏବଂ ରଜନୀଶ କୁମାର ସିଂହ ନାମକ ଦୁଇ ଜଣ ଆବେଦନକାରୀ ରାହୁଲ ଜଣେ ବ୍ରିଟିଶ ନାଗରିକ ବୋଲି ଅଭିଯୋଗ କରିଥିଲେ। ମାତ୍ର ଏହାର ସପକ୍ଷରେ ସେ କୌଣସି ବଳିଷ୍ଠ ପ୍ରମାଣ ଉପସ୍ଥାପନ କରିପାରି ନଥିଲେ। ଏହା ପରେ ଆବେଦନକାରୀଙ୍କ ଅନୁରୋଧ କ୍ରମେ କୋର୍ଟ ମାମଲା ପ୍ରତ୍ୟାହାର କରିବାକୁ ଅନୁମତି ଦେଇ ଏହାକୁ ଖାରଜ କରିଛନ୍ତି। ଜଷ୍ଟିସ ଶେଖର ବି. ସରାଫ ଏବଂ ଜଷ୍ଟିସ ଅବଧେଶ କୁମାର ଚୌଧୁରୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆବେଦନକାରୀ ରାହୁଲଙ୍କ ରାଏବରେଲିର ସାଂସଦ ପଦବୀକୁ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କର ଅଭିଯୋଗ ଥିଲା ଯେ, ରାହୁଲ ୨୦୦୩ରେ ବ୍ରିଟେନରେ 'ବ୍ୟାକଅପ୍ସ ଲିମିଟେଡ୍' ନାମକ ଏକ କମ୍ପାନୀ ସ୍ଥାପନ କରିଥିଲେ ଏବଂ ନିଜକୁ ଜଣେ ବ୍ରିଟିଶ ନାଗରିକ ବୋଲି ଦର୍ଶାଇଥିଲେ। କୋର୍ଟ କହିଛନ୍ତି ଯେ, ଆବେଦନକାରୀମାନେ ପୂର୍ବରୁ ୨୦୧୫ ଏବଂ ୨୦୧୯ରେ ମଧ୍ୟ ଏପରି ସମାନ ଆବେଦନ କରିଥିଲେ। ଉକ୍ତ ମାମଲାଟି ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଅଛି। ନାଗରିକତା ସମ୍ପର୍କିତ ମାମଲା ନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧୀନ। ତେବେ ଶୁଣାଣି ସମୟରେ କୋର୍ଟଙ୍କ ସମ୍ମୁଖରେ ପ୍ରମାଣ ବାବଦକୁ ଆବେଦନକାରୀ କେବଳ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଏକ ସାର୍ଟିଫିକେଟ୍ ଚିଠି ହିଁ ଦେଖାଇଥିଲେ। ଶେଷରେ ପ୍ରମାଣ ଅଭାବରୁ ଆବେଦନକାରୀ ନିଜ ଆବେଦନ ପ୍ରତ୍ୟାହାର କରିଥିଲେ।

## ଟାଇମ୍ସ ସ୍କୋୟାରରେ ଛୁରାମାଡ଼; ମହିଳା ବ୍ୟାଙ୍କ ଅଧିକାରୀ ମୃତ

ନ୍ୟୁୟର୍କ, ୨।୯ (ଏଜେନ୍ସି): ନ୍ୟୁୟର୍କର ବିଶ୍ୱପ୍ରସିଦ୍ଧ ଟାଇମ୍ସ ସ୍କୋୟାରରେ ଛୁରାମାଡ଼ରେ ବ୍ୟାଙ୍କ ଅଫ୍ ଆମେରିକାର ୩୨ ବର୍ଷୀୟା ଉପସଭାପତି ଏରିନ୍ ପିଆସେଣ୍ଟିଙ୍କ ମୃତ୍ୟୁ ହୋଇଛି। ସେ ଜଣେ ନବଜାତ ଶିଶୁର ମା' ଥିଲେ ଏବଂ ମାତୃତ୍ୱ ଛୁଟି ପରେ ନିକଟରେ କାମକୁ ଫେରିଥିଲେ। ଘଟଣାର ମାତ୍ର ଚାରି ଦିନ ପୂର୍ବରୁ ପିଆସେଣ୍ଟି ସ୍ୱାମୀ ଓ ଶିଶୁଙ୍କ ସହ ଏକ ହସଖୁସିର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ସେ ନିଜ ଶିଶୁ ପାଇଁ ପାଞ୍ଚ ମାସର ଛୁଟି ପାଇଥିବାରୁ ଖୁସି ଥିବା ମଧ୍ୟ କହିଥିଲେ। ପୁଲିସ ଅନୁସାରେ, ୪୯ ବର୍ଷୀୟା ପାମେଲା ସିସ୍ନେରୋସ୍ ପ୍ରଥମେ ଜଣେ ୬୮ ବର୍ଷୀୟ ବ୍ୟକ୍ତିଙ୍କୁ ଛୁରାମାଡ଼ କରିବା ପରେ ପିଆସେଣ୍ଟିଙ୍କୁ ଆକ୍ରମଣ କରିଥିଲେ। ଏହାକୁ ପୁଲିସ ଅଚାନକ ଓ ବିନା ଉସୁକାଇବାଜନିତ ଆକ୍ରମଣ ବୋଲି କହିଛି। ପୁଲିସ ସିସ୍ନେରୋସ୍‌ଙ୍କୁ ଅସ୍ତ୍ର ଛାଡ଼ିବାକୁ କହିଥିଲା। ସେ ଅଧିକାରୀଙ୍କ ଆଡ଼କୁ ମାଡ଼ି ଆସିବା ପରେ ଦୁଇଜଣ ପୁଲିସ ଅଧିକାରୀ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପିଆସେଣ୍ଟିଙ୍କ ମୃତ୍ୟୁରେ ବ୍ୟାଙ୍କ ଅଫ୍ ଆମେରିକା ଗଭୀର ଶୋକ ପ୍ରକାଶ କରିଛି। ଆକ୍ରମଣର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି।

## ଶ୍ରୀନଗରରେ ବିଜେପି-ଏନ୍‌ସି କର୍ମୀ ମୁହାଁମୁହିଁ

ଶ୍ରୀନଗର, ୨।୯ (ଏଜେନ୍ସି): ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରରେ ବୁଧବାର ବିଜେପି ଓ ନ୍ୟାସନାଲ କନଫରେନ୍ସ ପକ୍ଷରୁ ପୃଥକ ପ୍ରତିବାଦ କରାଯିବାରୁ ରାଜନୈତିକ ଉତ୍ତେଜନା ବଢ଼ିଛି। ସମ୍ଭାବ୍ୟ ସଂଘର୍ଷକୁ ରୋକିବା ପାଇଁ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଜେପି ଲାଲଚୌକର ଘଣ୍ଟାଘର ନିକଟରେ ପ୍ରତିବାଦ କରି ଓମାର ଅବଦୁଲ୍ଲା ସରକାରଙ୍କ ବିରୋଧରେ ବେକାରି, ଦୁର୍ନୀତି, ଦରବୃଦ୍ଧି ଓ ପଞ୍ଚାୟତ ନିର୍ବାଚନ ପ୍ରସଙ୍ଗ ଉଠାଇଛି। ବିଜେପି କର୍ମୀମାନେ ସଚିବାଳୟ ଅଭିମୁଖେ ଶୋଭାଯାତ୍ରା କରିବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦରେ ନ୍ୟାସନାଲ କନଫରେନ୍ସ କର୍ମୀମାନେ ଗିନ୍ଦୁନ୍ ପାର୍କରୁ ବିଜେପି କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା କରି ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ପୁନଃସ୍ଥାପନ ଦାବି କରିଛନ୍ତି। ଏହି ସମୟରେ ପୁଲିସ ଓ ପ୍ରତିବାଦକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ବିରୋଧୀ ବିଜେପି ଦଳ ନେତା ସୁନୀଲ କୁମାର ଶର୍ମା ନ୍ୟାସନାଲ କନଫରେନ୍ସ ପ୍ରତିବାଦକୁ ସମାଲୋଚନା କରିଛନ୍ତି। ଅନ୍ୟପଟେ, ବିଦ୍ୟୁତ ଦର ବୃଦ୍ଧି ନେଇ ଓମାର ଅବଦୁଲ୍ଲା ଏହା ବାଧ୍ୟତାମୂଳକ ନିଷ୍ପତ୍ତି ବୋଲି କହିଛନ୍ତି। ୨୦୧୯ରେ ଧାରା ୩୭୦ ଉଚ୍ଛେଦ ପରଠାରୁ ନ୍ୟାସନାଲ କନଫରେନ୍ସ ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ଫେରାଇବା ଦାବି କରିଆସୁଛି।

## ଭାରତ ସୀମା ନିକଟରେ ବାଂଲା ଡ୍ରୋନ୍ ତାଲିମ କେନ୍ଦ୍ର

ଢାକା, ୨।୯ (ଏଜେନ୍ସି): ଭାରତ ସୀମା ନିକଟରେ ବାଂଲାଦେଶ ସର୍ଭିଲାନ୍ସ ଓ ଡ୍ରୋନ୍ ଯୁଦ୍ଧ ପ୍ରଶିକ୍ଷଣ ପାଇଁ ଏକ ନୂଆ ତାଲିମ କେନ୍ଦ୍ର ଖୋଲିଛି। ସିଲେଟ୍‌ସ୍ଥିତ ସୀମାରକ୍ଷୀ ବାଂଲାଦେଶ ମୁଖ୍ୟାଳୟରେ 'ସିମାନ୍ତ ସ୍କୁଲ୍ ଅଫ୍ ସର୍ଭିଲାନ୍ସ ଆଣ୍ଡ ଡ୍ରୋନ୍ ୱାରଫେର୍' ନାମରେ ଏହି କେନ୍ଦ୍ର ଆରମ୍ଭ ହୋଇଛି। ବାଂଲାଦେଶର ଗୃହମନ୍ତ୍ରୀ ସାଲାହୁଦ୍ଦିନ ଅହମଦ ଏହାର ଉଦ୍‌ଘାଟନ କରିଛନ୍ତି। ଭାରତ ସୀମାଠାରୁ ଏହି କେନ୍ଦ୍ର ପ୍ରାୟ ୫୫ କିଲୋମିଟର ଦୂରରେ ଏବଂ ମେଘାଳୟର ରାଜଧାନୀ ଶିଲଂଠାରୁ ପ୍ରାୟ ୧୧୫ କିଲୋମିଟର ଦକ୍ଷିଣରେ ରହିଛି। ବାଂଲାଦେଶ ସରକାରଙ୍କ କହିବା ଅନୁସାରେ, ରାତିରେ ଦେଖିପାରୁଥିବା ଓ ତାପମାତ୍ରା ଚିହ୍ନଟ କରିପାରୁଥିବା ପ୍ରଯୁକ୍ତି ସହ ଡ୍ରୋନ୍ ବ୍ୟବହାର କରି ସୀମାରେ ୨୪ ଘଣ୍ଟିଆ ନଜରଦାରି କରାଯିବ। ଏହା ମାଧ୍ୟମରେ ଚୋରାଚାଲାଣ, ମାଦକ ଓ ବେଆଇନ ଅସ୍ତ୍ର କାରବାରର ରାସ୍ତା ଚିହ୍ନଟ କରିବା ଲକ୍ଷ୍ୟ ରହିଛି। ଆସନ୍ତା ଏକରୁ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ଦେଶର ଉନ୍ନତ ଡ୍ରୋନ ପ୍ରଯୁକ୍ତିକୁ ଏହି ବ୍ୟବସ୍ଥାରେ ସାମିଲ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଭାରତ-ବାଂଲାଦେଶର ୪, ୦୯୬.୭ କିଲୋମିଟର ଦୀର୍ଘ ସୀମାର ସୁରକ୍ଷା ଦାୟିତ୍ୱ ବାଂଲାଦେଶର ସୀମାରକ୍ଷୀ ବାହିନୀ ଉପରେ ରହିଛି।

## ଇରାନରେ ବିବାହ ସମାରୋହରେ ଆମେରିକାର କ୍ଷେପଣାସ୍ତ୍ର ମାଡ଼




■ ଶିଶୁ ସମେତ ୫ ମୃତ, ୬୮ ଆହତ
■ ପାଲଟା ଆକ୍ରମଣ କଲା ଇରାନ

ତେହରାନ, ୨।୯ (ଏଜେନ୍ସି): ଇରାନ ଉପରେ ୩ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଆମେରିକା ସାମରିକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ଇରାନର ସିରିକ୍, ଖୁଜେସ୍ତାନ, କେଶମ୍ ଦ୍ୱୀପ ଓ ବନ୍ଦର ଅବ୍ବାସ୍ ଅଞ୍ଚଳରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ ହୋଇଥିବା ଇରାନ ପକ୍ଷରୁ କୁହାଯାଇଛି। ଇରାନର ଦାବି ଅନୁଯାୟୀ, ସିରିକ୍ ଅଞ୍ଚଳରେ ଏକ ବିବାହ ସମାରୋହ ଚାଲିଥିବା ସମୟରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିଲା। ଏଥିରେ ୫ ଜଣଙ୍କ ମୃତ୍ୟୁ ଓ ୬୮ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୪ ବର୍ଷର ଶିଶୁ ଥିବା ମଧ୍ୟ ଇରାନୀ ଗଣମାଧ୍ୟମ ଦାବି କରିଛି। ଆକ୍ରମଣ ପରେ ଆହତ ଶିଶୁମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଚିତ୍ର ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଖୁଜେସ୍ତାନ ପ୍ରଦେଶରେ ହୋଇଥିବା ଅନ୍ୟ ଏକ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଓ ୮ ଜଣ ଆହତ ହୋଇଥିବା ଇରାନ ପକ୍ଷରୁ କୁହାଯାଇଛି। ତେବେ ଆମେରିକା ପକ୍ଷରୁ ଏହି ଆକ୍ରମଣଗୁଡ଼ିକୁ ଇରାନର ସାମରିକ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି କରାଯାଇଥିବା କୁହାଯାଇଛି। ଆମେରିକାର ଆକ୍ରମଣ ପରେ ଇରାନ ମଧ୍ୟ ପ୍ରତିଶୋଧମୂଳକ ପଦକ୍ଷେପ ନେଇଥିବା ଦାବି କରିଛି। ଇରାନ ପକ୍ଷରୁ ଜୋର୍ଡାନ ଓ ବାହାରିନ୍‌ରେ ଥିବା ଆମେରିକୀୟ ସାମରିକ ଘାଟିକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିବା କୁହାଯାଇଛି। ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ଇରାନ ଦାବି କରିଛି। ବିବାହ ସମାରୋହ ଉପରେ ଆକ୍ରମଣ ଘଟଣାର ଆନ୍ତର୍ଜାତିକ ତଦନ୍ତ ପାଇଁ ଇରାନ ରେଡ୍ କ୍ରେସେଣ୍ଟ ପକ୍ଷରୁ ଆନ୍ତର୍ଜାତିକ ଅପରାଧ ଅଦାଲତଙ୍କ ନିକଟରେ ଦାବି କରାଯାଇଛି। ଏକ ପାରିବାରିକ ବିବାହ ସମାରୋହରେ ସାଧାରଣ ନାଗରିକ ଉପସ୍ଥିତ ଥିବା ସମୟରେ ଏହି ଆକ୍ରମଣ ହୋଇଥିବା ଦାବି କରି ଘଟଣାର ସ୍ୱାଧୀନ, ନିରପେକ୍ଷ ଓ ସବିଶେଷ ତଦନ୍ତ ପାଇଁ ଅନୁରୋଧ କରାଯାଇଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ୍ ମଧ୍ୟ ଶିଶୁଙ୍କ ମୃତ୍ୟୁକୁ ନେଇ ଆମେରିକାକୁ କଡ଼ା ସମାଲୋଚନା କରିଛନ୍ତି। ଏପରିକି ଆମେରିକାକୁ 'ସଇତାନ' ସହ ତୁଳନା କରି ସେ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପକ୍ଷରେ, ଇରାନୀ ଉପସଂସଦ ବାଚସ୍ପତି ଅଲି ନିକଜାଦ୍ ଚେତାବନୀ ଦେଇଛନ୍ତି ଯେ, ଆମେରିକାର ଆକ୍ରମଣକୁ ସହାୟତା କରୁଥିବା ଦେଶଗୁଡ଼ିକୁ ସେମାନଙ୍କ ଭୂମିକା ଅନୁଯାୟୀ ଦଣ୍ଡ ଦିଆଯିବ।

## କଂଗ୍ରେସରେ ସାମିଲ ହେଲେ ଅୱେସିଙ୍କ ପ୍ରବକ୍ତା ୱକାର

ଲକ୍ଷ୍ନୌ, ୨।୯ (ଏଜେନ୍ସି): ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅଲ୍ ଇଣ୍ଡିଆ ମଜଲିସ୍-ଇ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମ୍ଆଇଏମ୍) ଜାତୀୟ ପ୍ରବକ୍ତା ସୟଦ ଆସିମ



ୱାକର ବୁଧବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ୟୁପି ପ୍ରଭାରୀ ରାଜେନ୍ଦ୍ର ପାଲ ଗୌତମ, ୟୁପି କଂଗ୍ରେସ ସଭାପତି ଅଜୟ ରାୟ ଏବଂ ସାଂସଦ ଇମ୍ରାନ ପ୍ରତାପଗଡ଼ିଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସରେ ଯୋଗ ଦେବା ପରେ ଆସିମ ୱକାର ଏଆଇଏମ୍ଆଇଏମ୍ ଏବଂ ଅସଦୁଦ୍ଦିନ ଅୱେସିଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଏଆଇଏମ୍ଆଇଏମ୍ ବିଜେପିକୁ ହଟାଇବା ପାଇଁ କେବଳ ଉପରଠାଉରିଆ ପ୍ରତିଶ୍ରୁତି ଦେଉଛି। ପ୍ରକୃତରେ କିନ୍ତୁ ବିଜେପି ବିରୋଧରେ ନଲଢ଼ି କଂଗ୍ରେସ, ଏସପି ଏବଂ ଅନ୍ୟାନ୍ୟ ବିରୋଧୀ ଦଳ ବିରୋଧରେ ଲଢୁଛି। ଦଳର କାର୍ଯ୍ୟକଳାପ ପରୋକ୍ଷରେ ବିଜେପିକୁ ହିଁ ଲାଭ ଦେଉଛି।

## ରାହୁଲଙ୍କ ସଭା ପାଇଁ ମଧ୍ୟପ୍ରଦେଶ ସରକାର ଦେଲେନାହିଁ ଅନୁମତି



ଇନ୍ଦୋର, ୨।୯ (ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋରରେ ଆସନ୍ତା ୧୨ ତାରିଖ ଦିନ ହେବାକୁ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବାକୁ ମନା କରିଦେଇଛନ୍ତି ରାଜ୍ୟ ବିଜେପି ସରକାର। ଏହାକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ରାହୁଲଙ୍କ କାର୍ଯ୍ୟକ୍ରମରେ ପ୍ରତିବନ୍ଧକ ସୃଷ୍ଟି କରାଗଲେ ଆନ୍ଦୋଳନ କରିବାକୁ ଧମକ ଦେଇଛି କଂଗ୍ରେସ।


ଇନ୍ଦୋରର ନେହେରୁ ଷ୍ଟାଡିୟମରେ ରାହୁଲ ଗାନ୍ଧୀଙ୍କ ପ୍ରସ୍ତାବିତ ଛାତ୍ର ସମ୍ପର୍କ ଅଭିଯାନ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମ ଆୟୋଜନ ପାଇଁ କଂଗ୍ରେସ ଅନୁମତି ଲୋଡ଼ିଥିଲା। ମାତ୍ର ଏଥିପାଇଁ ଅନୁମତି ନମିଳିବାରୁ ଏହି କାର୍ଯ୍ୟକ୍ରମକୁ ପୂର୍ବ ନିର୍ଦ୍ଧାରିତ ସେପ୍ଟେମ୍ବର ୧୨ ତାରିଖ ବଦଳରେ ବର୍ତ୍ତମାନ ସେପ୍ଟେମ୍ବର ୧୯ ତାରିଖରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ କଂଗ୍ରେସ ସଭାପତି ଜିତୁ ପାଟୱାରୀ ଏହି ସୂଚନା ଦେବା ସହ କାର୍ଯ୍ୟକ୍ରମ ପାଇଁ ଏକ ନୂତନ ସ୍ଥାନ ଖୋଜାଯାଉଥିବା ପ୍ରକାଶ କରିଛନ୍ତି। ଜିତୁ ପାଟୱାରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ କୌଣସି ସାଧାରଣ ରାଜନୈତିକ କାର୍ଯ୍ୟକ୍ରମ ନୁହେଁ। ଏହା ଦେଶର ଭବିଷ୍ୟତ, ଯୁବକମାନଙ୍କ ସ୍ୱପ୍ନ ଏବଂ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏକ ସାର୍ବଜନୀନ ଆଲୋଚନା।

ଏହି ଅଭିଯାନ ମାଧ୍ୟମରେ ବିରୋଧୀ ଦଳ ଶାସକ ବିଜେପି ସରକାରଙ୍କୁ ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ମହଙ୍ଗା ଶିକ୍ଷା, ନିଯୁକ୍ତିରେ ଅନିୟମିତତା ଏବଂ ବେକାରୀ ସମସ୍ୟା ଉପରେ ଘେରିବାକୁ ଚେଷ୍ଟା କରୁଛି। କଂଗ୍ରେସ ଏହି କାର୍ଯ୍ୟକ୍ରମରେ ଇନ୍ଦୋର ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ହଜାର ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛି। ପୂର୍ବରୁ କଂଗ୍ରେସ କୋଟା, ଦେହରାଦୁନ୍, ପ୍ରୟାଗରାଜ ଏବଂ ପୁଣେରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିସାରିଛି। ବର୍ତ୍ତମାନ କଂଗ୍ରେସ ଏହି ଅଭିଯାନ ଜାରି ରଖିବା ସହ ଶୀଘ୍ର ନୂତନ ସ୍ଥାନ ଚୂଡ଼ାନ୍ତ କରିବ ବୋଲି ସୂଚନା ମିଳିଛି। ପୂର୍ବରୁ ମଧ୍ୟ ଗତମାସ ରାହୁଲ ଗାନ୍ଧୀଙ୍କ ଛାତ୍ରଙ୍କ ନିମିତ୍ତ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ପ୍ରୟାଗରାଜରେ ସ୍ଥାନ ନେଇ ଅନୁମତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିରୋଧ ପରେ ପୁଣି ଅନୁମତି ପ୍ରଦାନ କରାଯାଇଥିଲା।

ଅନ୍ୟପକ୍ଷରେ, ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ କହିଛନ୍ତି ଯେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଷ୍ଟାଡିୟମରେ କେବଳ କ୍ରୀଡା ଏବଂ ସରକାରୀ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯାଇପାରିବ।

## ବାର୍ କାଉନସିଲ ଅଧ୍ୟକ୍ଷ ମନ୍ନନଙ୍କ ଅଡୁଆ ବଢ଼ିଲା

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଭାରତୀୟ ବାର କାଉନସିଲ (ବିସିଆଇ) ଅଧ୍ୟକ୍ଷ ମନ୍ନନ କୁମାର ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଛି। ତାଙ୍କର କାର୍ଯ୍ୟକାଳକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ସୁପ୍ରିମ କୋର୍ଟ ଶୁଣାଣି କରୁଛନ୍ତି। ଆଜି ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ ବାରର



ନୀତିଗତ ନିଷ୍ପତ୍ତି ନେବାବେଳେ ଭାରତର ଆଟର୍ଣ୍ଣି ଜେନେରାଲ ଓ ସଲିସିଟର ଜେନେରାଲଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ପଡ଼ିବ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବିସିଆଇ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନୀତିଗତ ନିଷ୍ପତ୍ତିରେ ଆଟର୍ଣ୍ଣି ଜେନେରାଲ ଓ ସଲିସିଟର ଜେନେରାଲଙ୍କୁ ସକ୍ରିୟ ଭାବେ ସାମିଲ କରାଯିବା ଉଚିତ। ଆଇନଜୀବୀ ଏମ୍ ବରଦନ ଓ ଯୋଗମାୟା ଏମ୍‌ଜି ବିସିଆଇ ଅଧ୍ୟକ୍ଷ ଭାବେ ମନନ କୁମାର ମିଶ୍ରଙ୍କ କାର୍ଯ୍ୟକାଳକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଆବେଦନ ଅନୁସାରେ, ମିଶ୍ର ପ୍ରଥମେ ୨୦୧୨ ପର୍ଯ୍ୟନ୍ତ ବିସିଆଇ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ କିଛି ସମୟ ପାଇଁ ସେ ପଦ ଛାଡ଼ିଥିଲେ ମଧ୍ୟ ସେହି ବର୍ଷ ନଭେମ୍ବରରେ ପୁଣି ଅଧ୍ୟକ୍ଷ ହୋଇଥିଲେ ଏବଂ ସେବେଠାରୁ ପଦରେ ରହିଛନ୍ତି ବୋଲି ଆବେଦନରେ ଦାବି କରାଯାଇଛି। ବିସିଆଇର ଶୀର୍ଷ ପଦରେ ଦୀର୍ଘ ସମୟ ଧରି ଜଣେ ବ୍ୟକ୍ତିଙ୍କ ରହିବାକୁ ନେଇ ପ୍ରଶ୍ନ ଉଠିଥିବା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଆସିଛି।

## 'କ୍ଷତିପୂରଣ' ଦାବି ପରେ ବଦଳିଲା ନେପାଳ ସ୍ୱର

■ ନେପାଳ ପ୍ରଧାନମନ୍ତ୍ରୀଙ୍କ 'ଧନ୍ୟବାଦ', ଭାରତ-ଚୀନ୍‌କୁ ପ୍ରଶଂସା
■ ଭାରତ ପଠାଇଲା ପଞ୍ଚମ ରିଲିଫ ବିମାନ



କାଠମାଣ୍ଡୁ, ୨।୯ (ଏଜେନ୍ସି): ଭୟାବହ ଆକସ୍ମିକ ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୧,୦୦୦ ଟପିଥିବାବେଳେ ଅନେକ ଲୋକ ଏବେ ବି ନିଖୋଜ ଅଛନ୍ତି। ଏହି ବିପର୍ଯ୍ୟୟ ପରେ ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ଭାରତ ଓ ଚୀନ୍‌କୁ ତ୍ୱରିତ ସହାୟତା ପାଇଁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ସଂସଦରେ ଉଦ୍‌ବୋଧନ ଦେଇ ଶାହ କହିଛନ୍ତି, ବନ୍ୟା ପରବର୍ତ୍ତୀ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ପଡ଼ୋଶୀ ଦେଶ ଭାରତ ଓ ଚୀନ୍‌ର ସହଯୋଗ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଏହି ମନ୍ତବ୍ୟ ନେପାଳ ବିଦେଶମନ୍ତ୍ରୀ ଶିଶିର ଖନାଲଙ୍କ 'କ୍ଷତିପୂରଣ' ଦାବି ପରେ ଆସିଛି। ଖନାଲ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନର ଦୁଷ୍ପରିଣାମ ପାଇଁ ନେପାଳ ଭଳି ଦୁର୍ବଳ ଦେଶଗୁଡ଼ିକୁ ସହାୟତା ଦେବା କେବଳ 'ଦାନ' ନୁହେଁ, ଏହା ବଡ଼ ଶିଳ୍ପୋନ୍ନତ ଦେଶଗୁଡ଼ିକର ଆଇନଗତ ଓ ନୈତିକ ଦାୟିତ୍ୱ। ନେପାଳ ନିଜର 'କ୍ଷତିପୂରଣ' ଦାବିକୁ ଆନ୍ତର୍ଜାତିକ ମଞ୍ଚରେ ଉଠାଇବ ବୋଲି ସେ କହିଥିଲେ। ଖନାଲଙ୍କ ଅନୁସାରେ, ନେପାଳର ଅଙ୍ଗାରକାମ୍ଳ ନିର୍ଗମନ ଅତ୍ୟନ୍ତ କମ୍ ହୋଇଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନର ପରିଣାମ ଦେଶକୁ ଭୋଗିବାକୁ ପଡୁଛି। ହିମନଦୀ ଦ୍ରୁତ ତରଳିବା ଓ ପାହାଡ଼ିଆ ଅଞ୍ଚଳରେ ଭୟଙ୍କର ବନ୍ୟା ଏହାର ଉଦାହରଣ ବୋଲି ସେ କହିଛନ୍ତି। ବନ୍ୟାବିଧ୍ୱସ୍ତ ନେପାଳକୁ ଭାରତ ପୁଣି ଥରେ ରିଲିଫ୍ ସାମଗ୍ରୀ ପଠାଇଛି। ପଞ୍ଚମ ପର୍ଯ୍ୟାୟରେ ୧୧ ଜଣିଆ ଉଦ୍ଧାରକାରୀ ଦଳ, ଆବଶ୍ୟକ ଉପକରଣ ଓ ୫.୫ ଟନ୍ ଜରୁରୀ ଔଷଧ ପଠାଯାଇଛି। ଏହା ପୂର୍ବରୁ ଭାରତ ନେପାଳକୁ ପ୍ରାୟ ୬୮.୫ ଟନ୍ ରିଲିଫ୍ ସାମଗ୍ରୀ ପଠାଇସାରିଛି। ଏହା ସହ ଡାକ୍ତର, ପାରାମେଡିକ୍ ଓ ବୈଷୟିକ ଦଳ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛନ୍ତି। ଅଗଷ୍ଟ ୨୬ରେ ବନ୍ୟା ଆସିବା ପରେ ଭାରତ ପ୍ରଥମ ପର୍ଯ୍ୟାୟରେ ତୁରନ୍ତ ରିଲିଫ୍ ପଠାଇଥିଲା। ବନ୍ୟାରେ ମୃତ୍ୟୁସଂଖ୍ୟା ୧୦୦୦ ଅତିକ୍ରମ କରିଛି। ପ୍ରାୟ ୪୦୦୦ ଲୋକ ଏବେ ବି ନିଖୋଜ ଥିବା ବେଳେ ବିଭିନ୍ନ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ନେପାଳକୁ ଭାରତ ଉଦ୍ଧାର ଓ ରିଲିଫ୍ ସହାୟତା ଆହୁରି ବଢ଼ାଇଛି। ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସୂଚନା ଅନୁସାରେ, ୧୧ ଜଣିଆ ଉଦ୍ଧାରକାରୀ ଦଳ, ବିଶେଷ ଉପକରଣ ଓ ୫.୫ ଟନ୍ ଜରୁରୀ ଔଷଧ ନେଇ ଭାରତର ପଞ୍ଚମ ବିମାନ ନେପାଳ ଅଭିମୁଖେ ଯାଇଛି।

## ମୌସୁମୀ ବର୍ଷାରେ ହିମାଚଳରେ ଭୟଙ୍କର ସ୍ଥିତି

### ୨୫୯ ମୃତ, ୧୫୦ ରାସ୍ତା ବନ୍ଦ; ୧,୨୦୦ କୋଟିର କ୍ଷତି



ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ମୌସୁମୀ ବର୍ଷା ଓ ଭୂସ୍ଖଳନରେ ହିମାଚଳ ପ୍ରଦେଶରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଗତ ୬୪ ଦିନ ମଧ୍ୟରେ ବର୍ଷାଜନିତ ବିଭିନ୍ନ ଘଟଣାରେ ୨୫୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ମୋଟ କ୍ଷୟକ୍ଷତି ୧, ୨୦୨.୬୪ କୋଟି ଟଙ୍କା ଆକଳନ କରାଯାଇଛି। ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ତଥ୍ୟ ଅନୁଯାୟୀ, ବର୍ତ୍ତମାନ ୧୫୦ଟି ରାସ୍ତା ବନ୍ଦ ରହିଛି। ରାସ୍ତା ବନ୍ଦ ହେବାରେ ମଣ୍ଡି ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ୭୮ଟି ରାସ୍ତା ବନ୍ଦ ଥିବା ବେଳେ ଶିମ୍ଲାରେ ୩୦ଟି ରାସ୍ତା ବନ୍ଦ ରହିଛି। ବର୍ଷା ଯୋଗୁଁ ବିଦ୍ୟୁତ ଓ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ରାଜ୍ୟରେ ୩୭୪ଟି ବିଦ୍ୟୁତ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଛି। ମଣ୍ଡିରେ ୧୨୮, ଶିମଲାରେ ୮୪ ଏବଂ କୁଲ୍ଲୁରେ ୮୧ଟି ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଛି। ସେହିପରି ୪୦ଟି ଜଳଯୋଗାଣ ଯୋଜନା ମଧ୍ୟ ବ୍ୟାହତ ହୋଇଛି। ଜୁନ୍ ୩୦ରୁ ସେପ୍ଟେମ୍ବର ୧ ମଧ୍ୟରେ ମୌସୁମୀ ବିପର୍ଯ୍ୟୟରେ ୨୫୯ ଜଣଙ୍କ ମୃତ୍ୟୁ ହୋଇଛି। ସେଥିରୁ ୧୦୬ ଜଣ ବର୍ଷା ଓ ବିପର୍ଯ୍ୟୟଜନିତ ଘଟଣାରେ, ୧୮ ଜଣ ଭୂସ୍ଖଳନରେ ଏବଂ ୧୩ ଜଣ ବୁଡ଼ିଯିବା ଘଟଣାରେ ପ୍ରାଣ ହରାଇଛନ୍ତି। ଏହାଛଡ଼ା ସଡ଼କ ଦୁର୍ଘଟଣାରେ ୧୫୩ ଜଣଙ୍କ ମୃତ୍ୟୁ ହୋଇଛି। ଲାହୌଲ-ସ୍ପିତି ଜିଲ୍ଲାରେ ମୌସୁମୀ ବିପର୍ଯ୍ୟୟ ସହ ଜଡ଼ିତ ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ଲୋକ ନିର୍ମାଣ ବିଭାଗର କ୍ଷୟକ୍ଷତି ୯୧୪ କୋଟି ଟଙ୍କାରୁ ଅଧିକ, ଜଳଶକ୍ତି ବିଭାଗର କ୍ଷତି ୨୫୮ କୋଟି ଟଙ୍କାରୁ ଅଧିକ ଆକଳନ କରାଯାଇଛି। ୪୬୦ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୪୬୦ଟି ପଶୁ ମଧ୍ୟ ପ୍ରାଣ ହରାଇଛନ୍ତି। ପ୍ରଭାବିତ ଅଞ୍ଚଳରେ ରାସ୍ତା ଖୋଲିବା, ବିଦ୍ୟୁତ ଓ ଜଳ ଯୋଗାଣ ସ୍ୱାଭାବିକ କରିବା ପାଇଁ ସରକାରୀ ବିଭାଗ ଓ ଉଦ୍ଧାରକାରୀ ଦଳଗୁଡ଼ିକ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

## କଙ୍ଗୋରେ ଇବୋଲାର କରାଳ ରୂପ; ୩ ହଜାର ମୃତ, ୬ହଜାର ଆକ୍ରାନ୍ତ



କିନ୍‌ଶାସା, ୨।୯ (ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଇବୋଲାର ପ୍ରକୋପ ଭୟଙ୍କର ରୂପ ନେଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଏପର୍ଯ୍ୟନ୍ତ ୬,୧୮୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୩,୦୦୭ ଜଣଙ୍କ ମୃତ୍ୟୁ ଘଟିଛି। ମେ ୧୫ରେ ଇଟୁରି ପ୍ରଦେଶରୁ ଏହି ପ୍ରକୋପ ଘୋଷଣା କରାଯାଇଥିଲା। ଏହି ଇବୋଲା ପ୍ରକୋପ କଙ୍ଗୋ ଇତିହାସର ସବୁଠାରୁ ବଡ଼ ଓ ଘାତକ ବୋଲି କୁହାଯାଉଛି। ଏହା ଏପର୍ଯ୍ୟନ୍ତ ୬ଟି ପ୍ରଦେଶକୁ ବ୍ୟାପିଛି। ଦୁର୍ବଳ ରୋଗ ନିରୀକ୍ଷଣ ବ୍ୟବସ୍ଥା, ସୁରକ୍ଷା ସମସ୍ୟା, ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଆକ୍ରମଣ ଓ ସ୍ଥାନୀୟ ଲୋକଙ୍କ ପ୍ରତିରୋଧ ଯୋଗୁଁ ରୋଗ ନିୟନ୍ତ୍ରଣରେ ବାଧା ସୃଷ୍ଟି ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରାୟ ୬୦ ପ୍ରତିଶତ ମୃତ୍ୟୁ ଚିକିତ୍ସା କେନ୍ଦ୍ର ବାହାରେ ଘଟୁଛି। ଇଟୁରିରେ ସ୍କୁଲ ଖୋଲିବା ପରେ ଶିଶୁଙ୍କ ମଧ୍ୟରେ ସଂକ୍ରମଣ ନେଇ ମଧ୍ୟ ଚିନ୍ତା ବଢ଼ିଛି। ବିଶେଷ ଚିନ୍ତାର ବିଷୟ ହେଉଛି, ଏହି ପ୍ରକୋପ ସୃଷ୍ଟି କରିଥିବା ବୁଣ୍ଡିବୁଗ୍ୟୋ ପ୍ରଜାତିର ଇବୋଲା ପାଇଁ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଅନୁମୋଦିତ ଟିକା କିମ୍ବା ଚିକିତ୍ସା ନାହିଁ। ତେବେ ସମ୍ମୁଖ ଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କୁ ଅନ୍ୟ ପ୍ରଜାତି ପାଇଁ ଅନୁମୋଦିତ ଟିକା ଦିଆଯାଉଛି। ପ୍ରକୋପ ନିୟନ୍ତ୍ରଣ ପାଇଁ ବ୍ରିଟେନ୍ ମଧ୍ୟ ଅର୍ଥ ସହାୟତା ଘୋଷଣା କରିଛି।

# ଲୋକଙ୍କ ରୋଷ ବଢ଼ିବା ପରେ ନଇଁଲେ ସରକାର

## ୧୦ ହଜାରରୁ ୧ ହଜାରକୁ କମିଲା ପିୟୁସିସି ଜରିମାନା

ଭୁବନେଶ୍ୱର, ୨।୯ (ସମିସ): ରାଜ୍ୟ ପରିବହନ ବିଭାଗ ପିୟୁସିସି ନଥିବା ଗାଡ଼ି ପାଇଁ ଜରିମାନା ରାଶିକୁ ହ୍ରାସ କରିଛି। ଏହି ଜରିମାନା ରାଶି ୧୦ ହଜାର ଟଙ୍କାରୁ ୧ ହଜାରକୁ ହ୍ରାସ କରାଯାଇଛି। ଚଳିତ ବର୍ଷ ଆରମ୍ଭରେ ପିୟୁସିସି ନିୟମ କଡ଼ାକଡ଼ି କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ସାରା ରାଜ୍ୟରେ ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ କେନ୍ଦ୍ରଗୁଡ଼ିକ ଆଗରେ ଲାଇନ୍ ଲାଗିଥିଲା। ପରବର୍ତ୍ତୀ ସମୟରେ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରଗୁଡ଼ିକର ଉପଲବ୍ଧତା ଏବଂ ପିୟୁସିସି ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ପାଇଁ ଧାର୍ଯ୍ୟ ଜରିମାନା ରାଶିକୁ ନେଇ ଗାଡ଼ି ମାଲିକ, ବିଭିନ୍ନ ସଂଘ ଏବଂ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସରକାରଙ୍କୁ ତୀବ୍ର ବିରୋଧ କରାଯାଇଥିଲା। ପିୟୁସିସି ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ଯୋଗୁଁ ଜାରି ହେଉଥିବା ଜରିମାନା ରାଶି ୧୦ ହଜାର ଟଙ୍କାକୁ ହ୍ରାସ କରିବା ପାଇଁ ଦାବି ହୋଇଥିଲା। ସେତେବେଳେ ସରକାର ଏହି ଆଇନ୍‌କୁ କଡ଼ାକଡ଼ି ଲାଗୁ କରି ନ ଥିଲେ ମଧ୍ୟ ଜରିମାନା ରାଶି କୋହଳ କରି ନ ଥିଲେ। ଲୋକଙ୍କ ମଧ୍ୟରେ ରୋଷ ବଢ଼ିବା ଓ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଏହାର ପ୍ରତିଫଳନ ଆଶଙ୍କାରେ ସରକାର ଏବେ ଜୋରିମାନା ରାଶି ହ୍ରାସ ନିଷ୍ପତ୍ତି ନେଇଛନ୍ତି ।




ବୁଧବାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ନୂତନ ସଂଶୋଧନ ଅନୁଯାୟୀ ମୋଟରସାଇକେଲ କିମ୍ବା ବାଇକ୍ ଏବଂ ତିନି ଚକିଆ ଗାଡ଼ି (ଯାତ୍ରୀବାହୀ/ମାଲ ପରିବହନ) ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ ୧୦୦୦ ହଜାର ଟଙ୍କା ଜରିମାନା ଦେବେ। ଯଦି ଏହି ଗାଡ଼ିଗୁଡ଼ିକ ଦ୍ୱିତୀୟ ବା ପରବର୍ତ୍ତୀ ସମୟରେ ନିୟମ ଉଲ୍ଲଙ୍ଘନ କରନ୍ତି, ତେବେ ୨୦୦୦ ଜରିମାନା ଦେବାକୁ ପଡ଼ିବ। ସେହିପରି ମୋଟର କାର୍ କିମ୍ବା ଜିପ୍ ପାଇଁ ପ୍ରଥମ ଥର ୨ ହଜାର ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ନିୟମ ଉଲ୍ଲଙ୍ଘନ ପାଇଁ ୫୦୦୦ ଜରିମାନା ଧାର୍ଯ୍ୟ ହୋଇଛି। ଟ୍ରାକ୍ଟର କିମ୍ବା ଟ୍ରେଲର କ୍ଷେତ୍ରରେ ଏହି ଜରିମାନା ପ୍ରଥମ ଥର ପାଇଁ ୨୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ପାଇଁ ୫୦୦୦ ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଏହି ସମସ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇନଥିବା ପରିବହନ ଗାଡ଼ି ଏବଂ ଅନ୍ୟାନ୍ୟ ସମସ୍ତ ଯାନ ପାଇଁ ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ ୩୦୦୦ ଏବଂ ଦ୍ୱିତୀୟ କିମ୍ବା ପରବର୍ତ୍ତୀ ସମୟ ପାଇଁ ୬୦୦୦ ଜରିମାନା ଦେବାକୁ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଲୋକମାନଙ୍କର ଦାବିକୁ ବିଚାର କରି ଏହି ସମସ୍ତ ନିଷ୍ପତ୍ତି ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ମୋଟର୍ ଯାନ ଆଇନ୍‌ର ସଠିକ୍ ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ବ୍ୟାପକ ଏନଫୋର୍ସମେଣ୍ଟ ବା ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଏହାସହ ଇ-ଡିଟେକ୍ସନ ଜରିଆରେ ମଧ୍ୟ ପୂର୍ବଭଳି ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟରଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ୯୦ ଦିନରୁ ଅଧିକ ଦିନ ଧରି ଇ-ଚାଲାଣ ବକେୟା ଥିଲେ ପିୟୁସିସି ହୋଇ ନ ପାରିବା ନେଇ ମଧ୍ୟ ଆଇନରେ ପ୍ରାବଧାନ ରହିଛି। ଏହାକୁ ମଧ୍ୟ କାର୍ଯ୍ୟକ୍ଷମ କରାଯିବ ବୋଲି ବିଭାଗ କହିଛି।

**ବଡ଼ ଗାଡ଼ି ପାଇଁ ସର୍ବାଧିକ ୬୦୦୦ ଟଙ୍କା ଜରିମାନା**

# ଏମ୍‌କେସିଜିର ଏମ୍‌ବିବିଏସ ଛାତ୍ର ନିଖୋଜ

ବ୍ରହ୍ମପୁର,୨।୯ (ସମିସ): ଏମକେସିଜି ଭେଷଜ ମହାବିଦ୍ୟାଳୟର ଜଣେ ଛାତ୍ର ନିଖୋଜ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା କ୍ରମେ ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ କପାଳି ଗ୍ରାମର ସାଗର ସାହୁ(୨୧) ଅଗଷ୍ଟ ୩୧ତାରିଖରୁ ନିଖୋଜ ଅଛନ୍ତି। ଗତ ରବିବାର ଦିନ ତାଙ୍କ ମୋବାଇଲ ଫୋନ ବ୍ରହ୍ମପୁର ରେଳଷ୍ଟେସନ ୧ନମ୍ବର ପ୍ଲାଟଫର୍ମରୁ ମିଳିଥିଲା। ଏମବିବିଏସ ପ୍ରଥମବର୍ଷ ଛାତ୍ର ସାଗର ବିନା କୋଚିଂରେ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ନାମ ଲେଖାଇଥିଲେ। ସେ ପ୍ରଥମ ବର୍ଷରେ ପଢୁଥିବା ମାମୁ କୁଳମଣି ସାହୁ ସୂଚନା ଦେଇଛନ୍ତି। ସାଗରଙ୍କ ନିଖୋଜ ନେଇ ସ୍ଥାନୀୟ ବୈଦ୍ୟନାଥପୁର ଥାନା ଓ ଜିଆରପି ଥାନା ଷ୍ଟେସନ ଇଲାକାରେ ଲାଗିଥିବା ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।



ଅନ୍ୟପକ୍ଷେ ସାଗର ପଶ୍ଚିମବଙ୍ଗ ଖଡଗପୁର ଠାରେ ଚିହ୍ନଟ ହୋଇଥିବା ପରିବାର ଲୋକଙ୍କୁ କୌଣସି ବ୍ୟକ୍ତି ଯୋଗାଯୋଗ କରିଥିବା ସାଗରଙ୍କ ଅଭିଭାବକ ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରି ସିସିଟିଭି ଯାଞ୍ଚ ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ସାଗରଙ୍କ ମାନସିକ ସ୍ଥିତି ବିଷୟରେ ସେମାନଙ୍କ ସହପାଠୀଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ନିଖୋଜ ଡାକ୍ତରୀ ଛାତ୍ର ସାଗରଙ୍କର ଖୁବଶୀଘ୍ର ସନ୍ଧାନ ମିଳିବା ନେଇ ଆଶାବାଦୀ ଥିବା ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

# ସୋରରେ ଲଜ୍ଜା ନାବାଳିକାକୁ ଗଣଦୁଷ୍କର୍ମ

ସୋର, ୨।୯ (ସମିସ): ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଗତକାଲି ନାବାଳିକା ତାଙ୍କ ପୁରୁଷବନ୍ଧୁଙ୍କ ସହିତ ନିକଟସ୍ଥ ଏକ ସ୍ଥାନକୁ ବୁଲିବାକୁ ଯାଇଥିଲେ। ସେଠାରେ ପୁରୁଷ ବନ୍ଧୁ ଓ ତାଙ୍କର ଦୁଇଜଣ ସାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ କରିବା ପରେ ବିଳମ୍ବିତ ରାତିରେ ସ୍ଥାନୀୟ ତଳନଗର ନିକଟରେ ଛାଡି ଦେଇଥିଲେ। ନାବାଳିକା ଜଣକ ସେଠାରେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ତାଙ୍କୁ ଉଦ୍ଧାର କରି ତାଙ୍କ ସମ୍ପର୍କୀୟଙ୍କ ଘରେ ଛାଡିଥିଲେ। ଘଟଣା ନେଇ ବୁଧବାର ନାବାଳିକାଜଣକ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ହୁଡ୍‌କୋ ଋଣ ମଞ୍ଜୁର ସୁପାରିସ ପାଇଁ ଲାଞ୍ଚ

# ଡାକ୍ତରଙ୍କୁ ୩ ବର୍ଷ ଜେଲ୍

ଭୁବନେଶ୍ୱର ୨।୯ (ସମିସ): ଜଣେ କର୍ମଚାରୀଙ୍କଠାରୁ ଲାଞ୍ଚ ନେବା ମାମଲାରେ ପୂର୍ବତନ ମେଡିକାଲ ଅଫିସର ଡା. କେଦାରନାଥ ପାଲଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱରସ୍ଥିତ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ହିମାଂଶୁ ଶେଖର ମଲ୍ଲିକ। ଭିଜିଲାନ୍ସ ସୂଚନା ଅନୁସାରେ, ଡାକ୍ତର କେଦାରନାଥ ପାଲ୍ ନୟାଗଡ଼ ଜିଲ୍ଲା ମଧ୍ୟଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଭାବେ କାମ କରୁଥିଲେ। ସେହି ଡାକ୍ତରଖାନାର ଜଣେ କର୍ମଚାରୀ ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେସନ (ହୁଡ୍‌କୋ ଋଣ) ପାଇଁ ଆବେଦନ କରିଥିଲେ। ସେହି ଋଣ ମଞ୍ଜୁର ପାଇଁ ଡାକ୍ତର ପାଲ୍ ସଂପୃକ୍ତ କର୍ମଚାରୀଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ଡାକ୍ତର ପାଲ୍ ଲାଞ୍ଚ ନେବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ତତ୍କାଳୀନ ଡିଏସ୍‌ପି ଅନନ୍ତ ଚରଣ ମଲ୍ଲିକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଶ୍ରୀ ମଲ୍ଲିକ ଘଟଣାର ତଦନ୍ତ କରି ଡାକ୍ତର ପାଲ୍‌ଙ୍କୁ ଗିରଫ କରିବା ସହ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ୧୩(୧)(ଡି)/୭ ଅନୁଯାୟୀ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସଂପୃକ୍ତ ସାକ୍ଷୀ ଓ ପ୍ରାସଙ୍ଗିକ ଦସ୍ତାବିଜ୍ ଆଧାରରେ ମାମଲାର ବିଚାର କରି ଡାକ୍ତର ପାଲ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଭିଜିଲାନ୍ସ ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରିଥିଲେ।

# ବିକ୍ରମ ପଣ୍ଡାଙ୍କ ଗିରଫ ପଛରେ ଥିଲା ବିଜେପି ସରକାରଙ୍କ ଚାପ: ବିଜେଡି

ଭୁବନେଶ୍ୱର,୨।୯ (ସମିସ): ରାଜନୈତିକ ଫାଇଦା ପାଇଁ ବିଜେପି ଚାପରେ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଥିଲା ବୋଲି ଅଭିଯୋଗ କରିଛି ବିଜେଡି । ଏହା ସହ ବିଜେପି ସରକାର ପୁଲିସକୁ ନିଜ ଫାଇଦା ପାଇଁ ବ୍ୟବହାର କରୁଛି ବୋଲି ମଧ୍ୟ ଦଳ ଅଭିଯୋଗ କରିଛି।

- ବିକ୍ରମଙ୍କ ଗିରଫକୁ ଅବୈଧ ଘୋଷଣା କରିଛନ୍ତି ଉଚ୍ଚ ନ୍ୟାୟାଳୟ
- ପୁଲିସକୁ ନିଜ ଫାଇଦା ପାଇଁ ବ୍ୟବହାର କରୁଛି ବିଜେପି ସରକାର




ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଯେ ବିକ୍ରମ ପଣ୍ଡାଙ୍କୁ ଜାମିନ ପ୍ରଦାନ କରିବା ବେଳେ ତାଙ୍କ ଗିରଫ ଅବୈଧ ଥିଲା ବୋଲି ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତି ଉଲ୍ଲେଖ କରିଛନ୍ତି। ପୁଲିସ ଅଧିକାରୀ ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ସମୟରେ ତାଙ୍କୁ ଓ ତାଙ୍କ ପରିବାରକୁ ଗିରଫଦାରୀର କାରଣ ଜଣାଇ ନଥିଲେ। ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କ ସିଧାସଳଖ ସମ୍ପୃକ୍ତିର କୌଣସି ପ୍ରମାଣ ନ ଥାଇ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଥିଲା । କେବଳ ଜଣେ ସହ ଅଭିଯୁକ୍ତର ବୟାନ ଆଧାରରେ ତାଙ୍କୁ ଗିରଫ କରିବା ବେଆଇନ ବୋଲି ବିଚାରପତି ଉଲ୍ଲେଖ କରିଛନ୍ତି। ଏହାଛଡା ଅଦାଲତ ତାଙ୍କ ରାୟର ନକଲ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ପୁଲିସ ଡିଜିଙ୍କ ନିକଟକୁ ପଠାଇ ରାଜ୍ୟର ପ୍ରତି ପୁଲିସ ଷ୍ଟେସନରେ ଏହିଭଳି ନିୟମ ଉଲଂଘନ କରି ଗିରଫଦାରୀ ଯେପରି ନ ହୁଏ, ସେଥିପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବୈଧ ଗିରଫ କାରଣରୁ ବିକ୍ରମ ପଣ୍ଡାଙ୍କ ପରି ଜଣେ ଲୋକପ୍ରିୟ ରାଜନେତାଙ୍କୁ ଦଶ ମାସ ଦଶ ଦିନ ଜେଲରେ ରହିବାକୁ ହେଲା। ଏହି ଭୁଲ ପାଇଁ ବିକ୍ରମଙ୍କୁ ଗିରଫ କରିଥିବା ପୁଲିସ ଅଧିକାରୀ ଓ ଗଞ୍ଜାମ ଏସପି କ୍ଷମା ପ୍ରାର୍ଥନା କରିବେ କି? କୋର୍ଟ ଦେଇଥିବା ଅର୍ଡରରୁ ସ୍ପଷ୍ଟ ହୋଇଛି ଯେ ପୁଲିସ ତାର କ୍ଷମତାର ଅପବ୍ୟବହାର କରି ଏହି ଗିରଫ କରିଥିଲା । ଏହି ଗିରଫ କେବଳ ରାଜ୍ୟ ବିଜେପି ସରକାରଙ୍କ ଚାପରେ ହୋଇଥିଲା ବୋଲି ବୁଝିବାକୁ ଆଉ ବାକି ନାହିଁ । ରାଜ୍ୟରେ ପୁଲିସ ପ୍ରଶାସନକୁ ନିଜ ଫାଇଦା ପାଇଁ ରାଜ୍ୟ ବିଜେପି ସରକାର ବ୍ୟବହାର କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି, ସେଥିପ୍ରତି ସରକାରଙ୍କ ନିଘା ନାହିଁ। କେବଳ ନିଜର ରାଜନୈତିକ ଫାଇଦା ହାସଲ ପାଇଁ ପୁଲିସକୁ ବ୍ୟବହାର କରାଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

# ଓଟିଇଟି ଫଳ ପ୍ରକାଶିତ: ମୋଟ୍ ପାସ୍ ହାର ୬୪.୪୮ ପ୍ରତିଶତ

କଟକ,୨।୯ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ର ଫଳ ଆଜି ପ୍ରକାଶ ପାଇଛି। ଗତ ଜୁଲାଇ ୫ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ ୯୭,୧୫୧ ଜଣ ପରୀକ୍ଷା ଦେବା ପାଇଁ ପଞ୍ଜିକୃତ ହୋଇଥିଲେ। ୮୪,୭୩୧ ଜଣ ପରୀକ୍ଷା ଦେଇଥିବା ବେଳେ ଅନୁପସ୍ଥିତ ଥିଲେ ୧୨,୪୨୦ ଜଣ। ଉଭୟ ପେପର-୧ ଓ ପେପର-୨ରେ ମୋଟ ୫୩,୩୧୪ ଜଣ ପାସ କରିଛନ୍ତି। ମୋଟ୍ ପାସ୍ ହାର ୬୪.୪୮% ରହିଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ପେପର -୧ରେ ୨୮,୮୨୧ ଜଣ ଫର୍ମ ପୂରଣ କରିଥିବା ବେଳେ ପରୀକ୍ଷା ଦେଇଥିଲେ ୨୪,୯୯୧ ଜଣ। ୩,୮୩୦ ଜଣ ଅନୁପସ୍ଥିତ ରହିଥିଲେ। ଏଥିରେ ୧୭,୦୬୫ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପାସ୍ ହାର ୬୮.୨୮% ରହିଛି। ସେହିଭଳି ପେପର-୨ରେ ଫର୍ମ ପୂରଣ କରିଥିବା ୬୮,୩୩୦ ଜଣଙ୍କ ମଧ୍ୟରୁ ପରୀକ୍ଷା ଦେଇଥିଲେ ୫୯,୭୪୦ ଜଣ । ବାକି ୮,୫୯୦ ଜଣ ଅନୁପସ୍ଥିତ ରହିଥିଲେ। ପେପର-୨ରେ ୩୬,୨୪୯ ଜଣ ପାସ କରିଥିବା ବେଳେ ପାସ୍ ହାର ୬୦.୬୮% ରହିଥିବା ଜଣାପଡିଛି। ପରୀକ୍ଷାର୍ଥୀମାନଙ୍କ ଫଳ ବୋର୍ଡର ୱେବସାଇଟରେ ଆଜି ଉପଲବ୍ଧ ହୋଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସେପ୍ଟେମ୍ବର ୭ତାରିଖ ସକାଳ ୧୧ଟାରୁ ନିର୍ଦ୍ଧାରିତ ଫି' ଦାଖଲ କରି ୱେବସାଇଟରୁ ନିଜର ଡିଜିଟାଇଜ୍ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଏଥିସହ ଯେଉଁ ପରୀକ୍ଷାର୍ଥୀମାନେ କୃତକାର୍ଯ୍ୟ ହୋଇନାହାନ୍ତି, ସେମାନେ ସେପ୍ଟେମ୍ବର ୫ରୁ ୧୨ତାରିଖ ମଧ୍ୟରେ ୱେବସାଇଟରୁ ନିଜର ଓଏମଆର ଉତ୍ତର ଖାତା ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମିବିକ୍ରି

# କିଏ ବାନ୍ଧିଛି ସରକାରଙ୍କ ହାତ: କଂଗ୍ରେସ

ଭୁବନେଶ୍ୱର,୨।୯ (ସମିସ): ଗତ ସାଧାରଣ ନିର୍ବାଚନ ସମୟରେ ବିଜେପିର ବହୁ ନେତା ଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଚାବି ଏବଂ ରତ୍ନ ଚୋରି ହୋଇ ଅନ୍ୟରାଜ୍ୟକୁ ଚାଲିଯିବା ଅଭିଯୋଗ କରିଥିଲେ । ଓଡ଼ିଶାରେ ସରକାର ଆସିଲେ ଯେଉଁମାନେ ଜଗନ୍ନାଥଙ୍କ ସମ୍ପତ୍ତିକୁ ଲୁଟ୍ କରିଛନ୍ତି ବା ଲୁଟ୍ କରିବାରେ ସହାୟତା କରିଛନ୍ତି ତାଙ୍କୁ ଆଦୌ ଛଡା ଯିବ ନାହିଁ ବୋଲି କହୁଥିଲେ। ତେବେ ସରକାରକୁ ଆସିବା ପରେ ଓଡ଼ିଆ ଅସ୍ମିତାକୁ ନେଇ ଡିଣ୍ଡିମ ପିଟୁଥିବା ବିଜେପି ଦଳର ପ୍ରକୃତ ଚେହେରା ଆଜି ପଦାରେ ପଡ଼ିଛି ଓ ମିଛୁଆ ବିଜେପି ନେତାଙ୍କ ମୁଖା ଖୋଲିଛି ବୋଲି କଂଗ୍ରେସ କହିଛି। ଜଗନ୍ନାଥଙ୍କ ଏକର ଏକର ଅମୃତ ମଣୋହୀ ଜମି ସେଲ୍‌ଡ଼ିଡ୍ ଘଟଣାରେ ଜଣେ

**ବିଜେପି ବିଧାୟକଙ୍କ ପତ୍ନୀ ବୋଲି ରୁଜୁ ହେଉନି ମାମଲା**

ବିଜେପି ବିଧାୟକଙ୍କ ପତ୍ନୀ ଏହି ମାମଲାରେ ଅଭିଯୁକ୍ତ ହୋଇଥିଲେ ସୁଦ୍ଧା

କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ୨୦୧୨ ମସିହାରେ ପୁରୀ, ପିପିଲି, ଜଟଣୀ ଅଂଚଳରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ଶିପ ସରୁବାଲି ଓ ଅମୃତ ମଣହୀ ଜମିକୁ ତତ୍କାଳୀନ ସବ୍‌ରେଜିଷ୍ଟ୍ରାର ଡଃ ସ୍ମିତା ମହାନ୍ତି ଚଞ୍ଚକତା କରି ଅନ୍ୟ ନାମରେ ବିକ୍ରି କବଲା କରିଥିଲେ। ଅଭିଯୋଗ ପରେ ତତ୍କାଳୀନ ବିଜେଡି ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଓ କ୍ରାଇମବ୍ରାଞ୍ଚ ରିପୋର୍ଟ ଆଧାରରେ ସବରେଜିଷ୍ଟ୍ରାରଙ୍କୁ ଦୋଷୀ ସାବ୍ୟସ୍ତ କରି କାର୍ଯ୍ୟରୁ ବହିଷ୍କାର କରିଥିଲେ। ଏପରିକି ଗିରଫଦାରୀ ଆଶଙ୍କାରେ ସେ ହାଇକୋର୍ଟରୁ ଆଗୁଆ ଜାମିନ ମଧ୍ୟ ନେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୦୪ ମସିହାରେ କଟକରେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ୨୦୧୨ ମସିହାରେ ଅମୃତ ମହଣୀ ସେଲ୍‌ଡିଡି କରିଥିଲେ। ୨୦୧୨ ମସିହାରେ ପାଖାପାଖି ୮୩ଟି ଅମୃତ ମଣହୀ ଜମିର ଉଲଙ୍ଘନ କରିଥିଲେ। ଓଡ଼ିଶା ହାଇକୋର୍ଟର ସିଙ୍ଗିଲ ବେଞ୍ଚ ଶ୍ରୀମତୀ ମହାନ୍ତିଙ୍କ ସପକ୍ଷରେ ୨୩ ଜୁଲାଇ ୨୦୨୩ ମସିହାରେ ରାୟ ପ୍ରକାଶ କରିଥିଲେ। କିନ୍ତୁ ରାୟପ୍ରକାଶ ପାଇବା ପରେ ତତ୍କାଳୀନ ସରକାର ୨୦୨୪ ଅପ୍ରେଲ ମାସରେ ଏହି ରାୟ ବିରୋଧରେ ଉଚ୍ଚତମ ନ୍ୟାୟାଳୟରେ ରିଟ୍ ଆପିଲିକେସନ ଡିଭିଜନ ବେଞ୍ଚରେ ଶୁଣାଣି ପାଇଁ ଆବେଦନ କଲେ। ଉଚ୍ଚତମ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କଲେ। ମାତ୍ର ଇତିମଧ୍ୟରେ ଓଡ଼ିଶାର ଡବଲ ଇଞ୍ଜିନ ସରକାର ହେଲା ଏବଂ ଏହି ନିର୍ବାଚନରେ ଡଃ ସ୍ମିତା ମହାନ୍ତିଙ୍କର ସ୍ୱାମୀ ପିପିଲି ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟକ ରୂପେ ନିର୍ବାଚିତ ମଧ୍ୟ ହେଲେ। ଏହି ସରକାର ଆସିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଏହି ରିଟ୍ ଆପିଲିକେସନର ଥରେ




ବି ମଧ୍ୟ ଶୁଣାଣି ହୋଇନାହିଁ। ଫଳସ୍ୱରୂପ ଜଗନ୍ନାଥଙ୍କ ଜମିକୁ ଚଞ୍ଚକତା କରି ବିକ୍ରୟ କବଲା କରିଥିବା ଅଧିକାରୀଙ୍କୁ ଦଣ୍ଡିତ କରିବା ପରିବର୍ତ୍ତେ ସରକାର ଜାଣିଶୁଣି ଏହି କେସ୍‌କୁ ଉଠାଉନାହାନ୍ତି ବୋଲି ରଜନୀ ମହାନ୍ତ ଅଭିଯୋଗ କରିଛନ୍ତି। ଏପରିକି ଏହି ପ୍ରସଙ୍ଗରେ ଆଇନମନ୍ତ୍ରୀ ଓ ଆଇନ୍ ବିଭାଗ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ରାଜସ୍ୱ ବିଭାଗର ମନ୍ତ୍ରୀ ମଧ୍ୟ ଚୁପ୍ ଥିବା ଦେଖାଯାଉଛି। ରାଜ୍ୟ ସରକାରଙ୍କର ମକଦ୍ଦମାକୁ ଲଢ଼ିବା ପାଇଁ ଶହ ଶହ ଓକିଲ ଏପରିକି ଖୋଦ ଆଡଭୋକେଟ୍ ଜେନେରାଲ ଅଛନ୍ତି। ମାତ୍ର ନିଜ ଦଳର ବିଧାୟକଙ୍କ ପତ୍ନୀଙ୍କୁ ସୁରକ୍ଷା ଦେବା ଏବଂ ମହାପ୍ରଭୁଙ୍କ ଜମିକୁ ହରିଲୁଟ୍ କରିବାକୁ ଦେବା ପାଇଁ ଏହି ମାମଲାରେ ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ସୁପ୍ରିମକୋର୍ଟରେ ରିଟ୍ ଫାଇଲ ହେବାର ଦୀର୍ଘ ଦୁଇ ବର୍ଷ ୫ ମାସ ପରେ ବି ଏହାର ଶୁଣାଣି ନିମନ୍ତେ ସରକାର ତତ୍ପରତା ପ୍ରକାଶ ନ କରିବା ରାଜ୍ୟ ସରକାରଙ୍କ ନିରବତାକୁ ସ୍ପଷ୍ଟ ପ୍ରମାଣିତ କରିଛି ବୋଲି ସେ କହିଛନ୍ତି ।

# ଶ୍ରୀମନ୍ଦିରର ୧,୮୧୧ କୋଟି ସ୍ଥାୟୀ ଜମା

ପୁରୀ,୨।୯ (ସମିସ): ଶ୍ରୀମନ୍ଦିରର ଆୟ ମୁଖ୍ୟତଃ ଭକ୍ତଙ୍କ ଦାନ, ଶ୍ରୀମନ୍ଦିର ଖଣିଖାଦାନ, ସ୍ଥାୟୀ ଜମାରେ ରଖାଯାଇଥିବା ଅର୍ଥର ସୁଧ, ଜମି ବିକ୍ରି ଓ ଜମି ଅଧିଗ୍ରହଣ ସହ ସରକାରୀ ଅନୁଦାନରୁ ହୋଇଥାଏ। ଏହି ଆୟର ଏକ ନିର୍ଦ୍ଦିଷ୍ଟ ଅଂଶ କର୍ପସ୍ ପାଣ୍ଠି ଏବଂ ଅନ୍ୟ ଏକ ଅଂଶ ଫାଉଣ୍ଡସନ ପାଣ୍ଠି



ଭାବେ ସ୍ଥାୟୀ ଜମାରେ ରଖାଯାଏ। ଅବଶିଷ୍ଟ ଅର୍ଥ ମନ୍ଦିର ପାଣ୍ଠି ଭାବେ ରଖାଯାଇଥାଏ। ଶ୍ରୀମନ୍ଦିରର ଦୈନନ୍ଦିନ ଖର୍ଚ୍ଚ ଏହି ମନ୍ଦିର ପାଣ୍ଠିରୁ ହେଉଥିବା ବେଳେ ବଳକା ଅର୍ଥକୁ ମଧ୍ୟ ସ୍ଥାୟୀ ଜମାରେ ରଖାଯାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶ୍ରୀମନ୍ଦିରର ୩ଟି ଯୋଜନାରେ ମୋଟ ୧,୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମାରେ ରହିଛି। ଏଥିମଧ୍ୟରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୧,୩୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ଜମା ରହିଛି। ଏହାସହ ଶ୍ରୀମନ୍ଦିରର ପିଏଲ୍ ଆକାଉଣ୍ଟରେ ଓଡ଼ିଶା ସରକାର ପ୍ରଦାନ କରିଥିବା ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ରହିଛି। ଅନ୍ୟପକ୍ଷରେ, ଶ୍ରୀମନ୍ଦିରର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ସେଭିଙ୍ଗ୍‌ସ, କରେଣ୍ଟ ଓ ଫ୍ଲେକ୍ସିରେ ଅଗଷ୍ଟ ୩୧ ସୁଦ୍ଧା ୧୦୦ କୋଟି ୭୦ ଲକ୍ଷ ୬୬ ହଜାର ୮୬୮ ଟଙ୍କା ରହିଥିବା ଜଣାପଡ଼ିଛି।

- ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୧,୩୧୧ କୋଟି ଟଙ୍କା
- ପିଏଲ୍ ଆକାଉଣ୍ଟରେ ୫୦୦ କୋଟିର କର୍ପସ୍ ପାଣ୍ଠି

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିରର ଆର୍ଥିକ କାରବାରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିଦିନ ଶ୍ରୀମନ୍ଦିର ହୁଣ୍ଡି ଗଣନା କରାଯିବା ସହ ଏହାର ବିବରଣୀ ସୂଚନାଫଳକ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରାଯାଉଛି। ମହାପ୍ରଭୁଙ୍କ ପ୍ରତି ସମର୍ପିତ ଭକ୍ତମାନଙ୍କ ଦାନରାଶି ଓ ମନ୍ଦିର ସମ୍ପତ୍ତିର ସଠିକ୍ ଏବଂ ସ୍ୱଚ୍ଛ ପରିଚାଳନା ସମ୍ପର୍କରେ ଜନସାଧାରଣ ଓ ଭକ୍ତମାନଙ୍କୁ ଅବଗତ କରାଇବା ଏହି ସୂଚନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି। ସେହିପରି ଚଳିତ ବର୍ଷ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ, ଅର୍ଥାତ୍ ଜୁଲାଇ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡିଜିଟାଲ ହୁଣ୍ଡି ସମର୍ପଣର ଶୁଭ ଲୋକାର୍ପଣ କରାଯାଇଥିଲା। ଏହି ପ୍ଲାଟ୍‌ଫର୍ମ ଜରିଆରେ ଦେଶବିଦେଶର ବିଭିନ୍ନ ସ୍ଥାନରେ ଥିବା ଶ୍ରଦ୍ଧାଳୁମାନେ ସୁବିଧାରେ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିପାରୁଛନ୍ତି। ଦାନ କରିବା ପରେ ଏହାର ପରିମାଣ ସମ୍ପର୍କିତ ରସିଦ୍ ମଧ୍ୟ ଡାଉନ୍‌ଲୋଡ୍ କରିବାର ସୁବିଧା ରହିଛି। ଅଗଷ୍ଟ ୩୧ ସୁଦ୍ଧା ଡିଜିଟାଲ ହୁଣ୍ଡି ଜରିଆରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ମୋଟ୍ ୫୬ ଲକ୍ଷ ୭୦ ହଜାର ୭୦୫ ଟଙ୍କା ଦାନ କରିଛନ୍ତି। ଡିଜିଟାଲ ହୁଣ୍ଡି ବ୍ୟବସ୍ଥା ଦ୍ୱାରା ଭକ୍ତମାନେ ଦୂରଦୂରାନ୍ତରେ ରହି ମଧ୍ୟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସହଜରେ ଦାନ କରିବାର ସୁଯୋଗ ପାଇଛନ୍ତି।

# ରାହୁରେଖା ଲାଗିହେଲେ ମହାପ୍ରଭୁ

ପୁରୀ,୨।୯ (ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କୁ ସୁନା ରାହୁରେଖା ଲାଗି କରାଯାଇଛି। ଦଇତାପତି ସେବକମାନେ ରାହୁରେଖା ଲାଗି କରିଛନ୍ତି। ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଅପରାହ୍ନ ୩ଟାରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଝୋବାକଣ୍ଠି ମଇଲମ କରିଥିଲେ। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିଲେ। ବଣିଆମାନେ ସୁନା ରାହୁରେଖାକୁ ସଫା କରି ରଖିଥିଲେ। ଏହାପରେ ଅପରାହ୍ନ ୩ଟା ୫ରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତି ମହାପାତ୍ରଙ୍କ ହାତକୁ ବଢ଼ାଇଥିଲେ। ପତି ମହାପାତ୍ର ସେସବୁକୁ ସଂସ୍କାର କରି ବଡ଼ବାଡ଼ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ ବଇତମ (ସଫା ଛିଣ୍ଡା କନା) ନେଇ ଠାକୁରମାନଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ରାହୁଲେଖା ଲାଗି ସାରି ଦଇତାପତି ବାହାରିବା ପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଯାଇଥିଲା। ଏହାପରେ ଶ୍ରୀବିଗ୍ରହମାନଙ୍କ ମଇଲମ ହୋଇ ବେଶ ବଢ଼ିଥିଲା। ମଧ୍ୟାହ୍ନ ଧୂପ ପୂଜା ସରିବା ପରେ ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍‌ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର। ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନଚିତା ଏବଂ ରାହୁରେଖା ଓଲାଗି ହୋଇଥାଏ। ସପ୍ତାବରଣ କାର୍ଯ୍ୟ ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରତ୍ନଚିତା ଏବଂ ରାହୁରେଖା ଲାଗି ହେବା ପରେ ଶ୍ରୀଅଙ୍ଗ ସ୍ୱର୍ଣ୍ଣ ସମ୍ପୂର୍ଣ୍ଣ ହୋଇଥାଏ। ଚିତାଲାଗି ଅମାବାସ୍ୟାରେ ରତ୍ନଚିତା ଏବଂ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି ହୋଇଥାଏ।

## ନର୍ଲା ଥାନାଞ୍ଚଳରେ ସିରିଜ୍ ଡକାୟତି ଘଟଣା

# ବିଜେପି ଯୁବ ମୋର୍ଚ୍ଚା ଉପସଭାପତିଙ୍କ ସମେତ ୭ ଜଣ କୋର୍ଟ ଚାଲାଣ

ଭବାନୀପାଟଣା,୨।୯ (ସମିସ): କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଭବାନୀପାଟଣା ସଦର ଥାନାଞ୍ଚଳରେ ଲଗାତାର ଘଟୁଥିବା ଡକାୟତି ଓ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ନର୍ଲା ପୁଲିସ। ଏକ ଡକାୟତି ଗ୍ୟାଙ୍ଗର ୭ ଜଣ ସଦସ୍ୟଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଥିବାବେଳେ କୋର୍ଟ ଜାମିନ ନାମଞ୍ଜୁର କରିବାରୁ ସମସ୍ତଙ୍କୁ ଜେଲ ପଠାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବିଶ୍ୱନାଥପୁର ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ତଥା ସିକେରକୁପା ଗ୍ରାମର ସୁଶାନ୍ତ ଗଡଡ଼ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନେ ହେଲେ ବଲବସପୁରର ବିକାଶ ଚନ୍ଦ୍ର ସାହୁ ଓ ଅଜିତ କୁମାର ସାହୁ, କାଉଗୁଡ଼ାର ପ୍ରଶାନ୍ତ କୁମାର ଜାଲ, ଲାଞ୍ଜିଗଡ଼ ରୋଡ଼ର ଦେବାଶିଷ ଗଡଡ଼, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମେଦିନୀପୁରର ଆର୍ଯ୍ୟନ ନାଏକ ଓ ସିକେରକୁପାର ପ୍ରଦୀପ ନାଏକ। ପୁଲିସ ସେମାନଙ୍କଠାରୁ



ନଗଦ ୩ ଲକ୍ଷ ୮୫ ହଜାର ଟଙ୍କା, ୭୬୯୦ ଗ୍ରାମ ସୁନା ଓ ଗୋଟିଏ ହିରୋ ସ୍ପ୍ଲେଣ୍ଡର ବାଇକ୍ ଉଦ୍ଧାର କରିଛି। ଏହାସହ ଡକାୟତିରେ ବ୍ୟବହୃତ ହୁଣ୍ଡାଇ ଆଇ-୧୦ କାର୍, ଏକ ମହିନ୍ଦ୍ରା ଜାଇଲୋ, ୟେଜଦି ମୋଟରସାଇକେଲ ଓ ୯ଟି ସ୍ମାର୍ଟଫୋନ ଜବତ କରାଯାଇଛି।

ସୂଚନା ଅନୁସାରେ, ଗତ ଅଗଷ୍ଟ ୧୨ ତାରିଖ ଦିନ ନର୍ଲା ନିକଟସ୍ଥ ଚିପୁଲ ପୋଲ ନିକଟରେ ମୁଖାଧାରୀ ଦୁର୍ବୃତ୍ତମାନେ ଜଣେ ବ୍ୟବସାୟୀଙ୍କ ଦୁଇ କର୍ମଚାରୀଙ୍କୁ ଆକ୍ରମଣ କରି ପ୍ରାୟ ୧୮ରୁ ୨୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଘଟଣାପରେ ନର୍ଲା ଥାନାରେ ମାମଲା ରୁଜୁ ହୋଇଥିଲା। କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡାଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀଙ୍କ ନେତୃତ୍ୱରେ ନର୍ଲା ଥାନାଧିକାରୀ କୈବଲ୍ୟ ସେଠଙ୍କ ସମେତ ପୁଲିସର ଚାରିଟି ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଗ୍ୟାଙ୍ଗର ସଦସ୍ୟମାନଙ୍କ ସମ୍ପର୍କରେ ସୁରାକ ମିଳିବା ପରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଏନେଇ ନର୍ଲା ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ନର୍ଲା ପୁଲିସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଆୟୋଜିତ ପ୍ରେସମିଟ୍‌ରେ ଏହି ସୂଚନା ଦିଆଯାଇଛି।

**୩.୮୫ ଲକ୍ଷ ଟଙ୍କା, ୭୬୯୦ ଗ୍ରାମ ସୁନା ଓ ଏକାଧିକ ଗାଡ଼ି ଜବତ**

# ପ୍ରମୁଖ ଫାଷ୍ଟଫୁଡ୍ ଦୋକାନରେ ଆର୍ଏମ୍ସି ଖାଦ୍ୟ ସୁରକ୍ଷା ଟିମ୍ର ଚଢ଼ଉ

## ୨୦ କେଜି ବାସିଖାଦ୍ୟ ନଷ୍ଟ; ୨୦ ହଜାର ଟଙ୍କା ଜରିମାନା

**ରାଉରକେଲା, ୨।୯ (ସମିସ)**

ରାଉରକେଲା ସହରର ବିଭିନ୍ନ ଫାଷ୍ଟଫୁଡ୍ ଦୋକାନରେ ବଡ଼ଧରଣର ଚଢ଼ଉ କରିଛି ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରକ୍ଷା ଟିମ୍। ଟିମ୍ ପକ୍ଷରୁ ସହରର ବିଭିନ୍ନ ପ୍ରମୁଖ ଫାଷ୍ଟଫୁଡ୍ ଫ୍ରାଞ୍ଚାଇଜ୍ ଆଉଟଲେଟ୍‌ରେ ଯାଞ୍ଚ ଓ ଚଢ଼ଉ କରାଯାଇଥିଲା। ଏଥିରେ କେଏଫସି, ବିଗିଜ୍, କରିମସ୍, ପିଜା ହଟସ୍, ଦୋସା ପ୍ଲାଜା, ଜିଆନି, ଡୋମିନୋସ୍ ଓ ମମୋସ ଭଳି ପ୍ରମୁଖ ଖାଦ୍ୟ ପ୍ରତିଷ୍ଠାନ ସାମିଲ ଥିଲେ। ଯାଞ୍ଚ ସମୟରେ ଖାଦ୍ୟର ଗୁଣବତ୍ତା, ପରିଷ୍କାର ପରିଛନ୍ନତା ଓ ପ୍ରତିଷ୍ଠାନଗୁଡ଼ିକରେ ରହିବାକୁ ଥିବା ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ପ୍ରାୟ ୨୦ କିଲୋ ଖାଦ୍ୟ ଖାଇବା ପାଇଁ ଅନୁପଯୋଗୀ ଅଥବା ବାସି ଖାଦ୍ୟ ଥିବାରୁ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଥିଲା।



ଯାଞ୍ଚ ସମୟରେ ବିଭିନ୍ନ ଅନିୟମିତତା ଧରାପଡ଼ିବା ପରେ ନିୟମ ଉଲ୍ଲଂଘନକାରୀ ପ୍ରତିଷ୍ଠାନଗୁଡ଼ିକଠାରୁ ମୋଟ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

ଆରଏମସି ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ସମସ୍ତ ଆଉଟଲେଟ୍‌କୁ ଖାଦ୍ୟ ସୁରକ୍ଷା ନିୟମ କଡ଼ାକଡ଼ି ଭାବେ ପାଳନ କରିବା, ପରିଷ୍କାର-ପରିଛନ୍ନତା ବଜାୟ ରଖିବା ଏବଂ ଗ୍ରାହକଙ୍କୁ କେବଳ ନିରାପଦ ଓ ଗୁଣାତ୍ମକ ଖାଦ୍ୟ ପ୍ରସ୍ତୁତ କରି ପରିବେଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବ୍ରାଣ୍ଡର ନାମ କିମ୍ବା ଫ୍ରାଞ୍ଚାଇଜ୍‌ର ପରିଚୟ ଯେତେ ବଡ଼ ହେଉନା କାହିଁକି, ଖାଦ୍ୟ ସୁରକ୍ଷା ନିୟମଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ଏହି ଅଭିଯାନ ମାଧ୍ୟମରେ ରାଉରକେଲାର ଖାଦ୍ୟ ବ୍ୟବସାୟୀଙ୍କୁ ପ୍ରଶାସନ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି।

### ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ

## ଏସ୍‌ଟିପି ନ ଥିଲେ ହୋଟେଲ ସିଲ୍

**ସିନାପାଲି, ୨।୯ (ସମିସ):** ନୂଆପଡ଼ାରେ ପରିବେଶ ସୁରକ୍ଷା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରଦୂଷଣ ନିୟନ୍ତ୍ରଣକୁ ସୁଦୃଢ଼ କରିବା ନେଇ ୪ର୍ଥ ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ ଜିଲ୍ଲାପାଳ ତଥା କମିଟି ଅଧ୍ୟକ୍ଷ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗିରର ଆଞ୍ଚଳିକ ଅଧିକାରୀ ବବିତା ସିଂହ ଓ ନୂଆପଡ଼ା ଖଣି ବିଭାଗ ପକ୍ଷରୁ କ୍ରସର୍ ୟୁନିଟ୍‌ଗୁଡ଼ିକର ଯୁଗ୍ମ ଯାଞ୍ଚ ସମ୍ପନ୍ନ ହୋଇଥିବା ସୂଚନା ଦେଇଥିଲେ। ରାଇସ୍ ମିଲ୍‌ଗୁଡ଼ିକର ନିୟମିତ ଯାଞ୍ଚ ଓ ପରିବେଶ ନିୟମ ଉଲ୍ଲଂଘନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ନେଇ ମଧ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ହୋଟେଲଗୁଡ଼ିକର ପରିବେଶ ସମ୍ମତିପତ୍ର ଓ ବର୍ଜ୍ୟଜଳ ବିଶୋଧନାଗାର ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ନିୟମାନୁସାରେ ଆବଶ୍ୟକ ଏସ୍‌ଟିପି ନଥିବା କିମ୍ବା ପରିବେଶ ନିୟମ ଉଲ୍ଲଂଘନ କରୁଥିବା ହୋଟେଲ ବିରୋଧରେ ଆବଶ୍ୟକ ଅନୁସାରେ ସିଲ୍ ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ତହସିଲଦାର, ବିଡିଓ ଓ ଥାନା ଅଧିକାରୀମାନେ ନିଜ ଅଞ୍ଚଳରେ ନିୟମିତ ଯାଞ୍ଚ କରିବାକୁ କୁହାଯାଇଥିଲା। କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ସହ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ଏନ୍ଏସିଗୁଡ଼ିକୁ ବର୍ଜ୍ୟ ଶ୍ରେଡିଂ ମେସିନ୍ କ୍ରୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସେପ୍ଟେମ୍ବର ୫ରେ ପରିବେଶ ସଚେତନତା ଅଭିଯାନ ଆୟୋଜନ କରିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ କର୍ମଶାଳା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଜିଏମ୍, ଡିଆଇସି ସମୀର ମୁଦୁଲି, ଖଡ଼ିଆଳ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖଡ଼ିଆର ରୋଡ୍ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଡିଆର୍‌ସି ଅନୀଲ କୁମାର ଲେଙ୍କାଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଆଇଜିଏଚ୍‌ର ସଫଳତା

## ଜଟିଳ ଅସ୍ତ୍ରୋପଚାର ପରେ ସୁସ୍ଥ ହେଲେ ଝାଡ଼ଖଣ୍ଡର ରୋଗୀ



**ରାଉରକେଲା, ୨।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲରେ ଜରୁରୀକାଳୀନ ପେଟ ଅସ୍ତ୍ରୋପଚାର ଏବଂ ଦୀର୍ଘଦିନର ଗୁରୁତର ଯତ୍ନ ପରେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି, ଗୁଆ ମାଇନ୍ସର ଜଣେ ୫୨ ବର୍ଷୀୟ ବ୍ୟକ୍ତି ସୁସ୍ଥ ହୋଇଛନ୍ତି। ଗୁଆ ମାଇନ୍ସର ବାସିନ୍ଦା ପଚାୟ କେରାଇଙ୍କ ପେପ୍ଟିକ୍ ପରଫୋରେସନ୍ ଯୋଗୁଁ ପେଟ ଭିତରେ ଭୟଙ୍କର ସଂକ୍ରମଣ ହୋଇଥିଲା ଏବଂ ସେ ଗୁରୁତର ଅବସ୍ଥାରେ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ସର୍ଜରୀ ବିଭାଗର ମୁଖ୍ୟ ଡକ୍ଟର ମନୋଜ ପାଣିଗ୍ରାହୀଙ୍କ ସହାୟତାରେ ମୁଖ୍ୟ ପରାମର୍ଶଦାତା ଡକ୍ଟର ଜେ. ଆର. ସାହୁ ଏବଂ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ତାଙ୍କର ଜରୁରୀକାଳୀନ ଏକ୍ସପ୍ଲୋରେଟରୀ ପେଟ ଅସ୍ତ୍ରୋପଚାର କରାଯାଇଥିଲା।

ଅସ୍ତ୍ରୋପଚାର ପରେ ପେଟ ସଂକ୍ରମଣ ହେତୁ ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖାଦେଇଥିଲା ଏବଂ ଆଇସିୟୁରେ ୧୨ ଦିନ ପାଇଁ ମେକାନିକାଲ ଭେଣ୍ଟିଲେସନ୍‌ର ଆବଶ୍ୟକତା ପଡ଼ିଥିଲା।

ଆନେସ୍ଥେସିଆ ବିଭାଗର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମନୋରଞ୍ଜନ ସାମନ୍ତରାୟ ଏବଂ ପରାମର୍ଶଦାତା ଡକ୍ଟର ସି. କେ. କାଶୀ ଆନେସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ନର୍ସିଂ ଟିମ୍‌ର ସହଯୋଗରେ, ଆଇସିୟୁ ଏବଂ ଆନେସ୍ଥେସିଆ ବିଭାଗର ଇନ୍-ଚାର୍ଜ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ଡକ୍ଟର ଅନୀତା ଲାକ୍ରାଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କୁ ସମର୍ପିତ ଗୁରୁତର ଯତ୍ନ (କ୍ରିଟିକାଲ କେୟାର) ଯୋଗାଇ ଦିଆଯାଇଥିଲା।

ଫୁସ୍‌ଫୁସ୍‌ର କାର୍ଯ୍ୟକ୍ଷମତାରେ ଧୀରେ ଧୀରେ ସୁଧାର ଆସିବା ସହିତ, ରୋଗୀଙ୍କୁ ମେକାନିକାଲ ଭେଣ୍ଟିଲେସନ୍‌ରୁ ସଫଳତାର ସହ ବାହାର କରାଯାଇ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେ ବର୍ତ୍ତମାନ ଖାଦ୍ୟ ଖାଉଛନ୍ତି ଓ ଡିସଚାର୍ଜ କରିବାକୁ ଯୋଜନା କରାଯାଇଛି।

## ବିପଦକୁ ଡାକୁଛି ବୀରମିତ୍ରପୁରରେ ୧୪୩ ନଂ. ଜାତୀୟ ରାଜପଥ




**ରାଉରକେଲା, ୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥ-୧୪୩ ଏବେ ଯାତ୍ରୀ ଓ ଚାଳକଙ୍କ ପାଇଁ ବିପଦ ପାଲଟିଛି। ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି। ଏହା ଫଳରେ ଯାତ୍ରୀ ଓ ଯାନବାହନ ଚାଳକଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବଢ଼ିଚାଲିଛି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ଖାଲଖମା ମଧ୍ୟଦେଇ ଯାତାୟାତ କରିବାବେଳେ ପଡ଼ି ଖଣ୍ଡିଆଖାବରା ହେଉଥିବାବେଳେ ରାତି ସମୟରେ ଏହି ବିପଦ ଆହୁରି ବଢ଼ିଯାଉଛି। ଆଲୋକର ଅଭାବ ଓ ଖାଲଗୁଡ଼ିକ ଠିକ୍ ଭାବେ ଦେଖା ନଯିବାରୁ ଦୁଇଚକିଆ ଚାଳକମାନେ ଅଧିକ ସମସ୍ୟାରେ ପଡୁଛନ୍ତି। କେବଳ ଦୁର୍ଘଟଣା ଆଶଙ୍କା ନୁହେଁ, ରାସ୍ତାର ଏପରି ଦୁରବସ୍ଥା ଯୋଗୁଁ ପ୍ରତିଦିନ ବାରମ୍ବାର ଟ୍ରାଫିକ୍ ଜାମ୍ ହେଉଛି। ଖାଲଖମାକୁ ଏଡ଼ାଇ ଯିବା ପାଇଁ ଗାଡ଼ିଗୁଡ଼ିକ ଧୀରେ ଚାଲୁଥିବାରୁ ଏପରି ସମସ୍ୟା ହେଉଛି।

**ବଡ଼ ବଡ଼ ଖାଲଖମା ଯୋଗୁଁ ବଢୁଛି ଦୁର୍ଘଟଣା**

**ନାକେଦମ୍ କରୁଛି ଟ୍ରାଫିକ୍ ଜାମ୍, ଭୟରେ ଗାଡ଼ି ଚାଳକ**

ଫଳରେ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହି ରାସ୍ତା ଦେଇ ଚାଳକ ଯିବାକୁ ଭୟ କରୁଛନ୍ତି।

ସ୍ଥାନୀୟ ବାସିନ୍ଦାମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି। ବଡ଼ଧରଣର ଦୁର୍ଘଟଣା କିମ୍ବା ଜୀବନହାନୀ ଘଟିବା ପୂର୍ବରୁ ବୀରମିତ୍ରପୁର ଅଞ୍ଚଳର ୧୪୩ ନମ୍ବର ରାଜପଥ ମରାମତି କରିବାକୁ ସେମାନେ ଅନୁରୋଧ କରିଛନ୍ତି। ନଚେତ୍ ଦୁର୍ଘଟଣା ଘଟିଲେ କର୍ତ୍ତୃପକ୍ଷ ହି ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

## ଗୌରୀ ନର୍ସିଂ କଲେଜରେ ମେଗା ରକ୍ତଦାନ ଶିବିର

**ବଣାଇ, ୨।୯ (ସମିସ):** ବଣାଇଗଡ଼ ବ୍ଲକ କେନ୍ଦ୍ରିକଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଧୁପୁର ସ୍ଥିତ ଗୌରୀ ନର୍ସିଂ କଲେଜ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ବଣାଇ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଶୁଭାରମ୍ଭ କରିଥିଲେ।



ଗୌରୀ ନର୍ସିଂ କଲେଜ ର ଅଧ୍ୟକ୍ଷ ଶିବ ଶଙ୍କର ପୃଷେଠ, ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡ଼ ମନୋଜ ପତି, ରାଉରକେଲା ଆପୋଲୋ ହସ୍ପିଟାଲର ଡାକ୍ତର ମନୋଜ ଉପାଧ୍ୟାୟ, ଡ଼ ସରୋଜ ଚନ୍ଦ୍ର ନାଏକ, ଲବଣୀ ଧର ଦାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ବଣାଇଗଡ଼ ଏକ ଖଣିଖାଦାନ ଭରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଓ କଳ କାରଖାନାରେ କାର୍ଯ୍ୟରତ ଶ୍ରମିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସେମାନଙ୍କୁ ରକ୍ତର ଆବଶ୍ୟକ ପଡୁଛି। ଏସବୁକୁ ଦୃଷ୍ଟିରେ ରଖି ରକ୍ତର ଅଭାବ ଦୂର କରିବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଗୌରୀ ନର୍ସିଂ କଲେଜ ନିର୍ଦ୍ଦେଶକ ରାଜୁ ପୃଷେଠ ବଣାଇଁ ଉପଖଣ୍ଡରେ ରକ୍ତର ଅଭାବ ଦୂର ପାଇଁ ତାଙ୍କ ଅନୁଷ୍ଠାନ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଶିବିରରେ ମୋଟ ୧୦୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିବାବେଳେ ନର୍ସିଂ କଲେଜର ସମସ୍ତ କର୍ମଚାରୀ ସହାୟତା କରିଥିଲେ।

### ସ.ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ



**ବଣାଇଁଗଡ଼, ୨।୯ (ସମିସ):** ଜଳବାହିତ ଓ ଭେକ୍ଟରବାହୀତ ରୋଗର ନିୟନ୍ତ୍ରଣ, ପ୍ରତିରୋଧ ଓ ନିରାକରଣ ସହ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସ.ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ବିଶ୍ୱରଞ୍ଜନ ସାହୁ ପତାକା ଦେଖାଇ ଏହି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ବଣାଇଁ ବ୍ଲକର ୧୩ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରିବ। ବିଶେଷକରି ଘର ଓ ପରିବେଶକୁ ପରିଷ୍କାର-ପରିଛନ୍ନ ରଖିବା, ମ୍ୟାଲେରିଆ, ଡେଙ୍ଗୁ ଓ ତରଳ ଝାଡ଼ାର କାରଣ, ପ୍ରତିରୋଧ ଓ ନିରାକରଣ, ସୁରକ୍ଷିତ ପାନୀୟ ଜଳର ବ୍ୟବହାର ଏବଂ ମଶାରୀ ଟାଙ୍ଗି ଶୋଇବା ନେଇ ରଥ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦିଆଯିବ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ୍ତ କୁମାର ମିଶ୍ର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ତୁଷାରକାନ୍ତ ମହାପାତ୍ର, ବ୍ଲକ ଆକାଉଣ୍ଟ ମ୍ୟାନେଜର ଜୟଦେବ ଲାରିଆ, ଭିବିଡିଟିଏସ୍ ଡମ୍ବରୁଧର ବେହେରାଙ୍କ ସମେତ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।

## ହାଇମାଷ୍ଟ ଲାଇଟ୍ ଅଚଳ; ଅନ୍ଧାରରେ ବାବୁନୂଆଗାଁ ଛକ


**ବଣାଇଁ, ୨।୯ (ସମିସ):** ରାଜ୍ୟ ସରକାର ରାସ୍ତାଘାଟ, ଜଳଯୋଗାଣ, ଆଲୋକୀକରଣ ଭଳି ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଗ୍ରାମାଞ୍ଚଳର ଲୋକେ ଏହାର ସୁଫଳ ପାଇବାରୁ ଅନେକ ସମୟରେ ବଞ୍ଚିତ ହେଉଛନ୍ତି। ଗ୍ରାମାଞ୍ଚଳରେ ଆଲୋକୀକରଣ ଫଳରେ ସହଜରେ ଓ ସୁବିଧାରେ ଗମନାଗମନ ସହ ରାତିରେ ଚୋରି ରୋକିବା ଦିଗରେ ସହାୟକ ହୋଇଥାଏ। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି କେନ୍ଦ୍ରିକଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାବୁ ନୂଆଗାଁ ଛକରେ। ଗତ ତିନି ବର୍ଷ ତଳୁ ୧୪୩ ନମ୍ବର ଜାତୀୟ ରାଜପଥର ବାବୁ ନୂଆଗାଁ ଛକରେ ନୂତନ ଭାବେ ଲାଗିଥିବା ହାଇମାଷ୍ଟ ଲାଇଟ୍‌ଟି ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଅନ୍ଧାର ଯୋଗୁଁ ସ୍ଥାନୀୟ ଲୋକେ ଓ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଲାଇଟ୍ ଖରାପ ହେବାର ଦୀର୍ଘଦିନ ବିତିଗଲେ ମଧ୍ୟ ସ୍ଥାନୀୟ ଗ୍ରାମ ପଞ୍ଚାୟତ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ପଞ୍ଚାୟତ ପକ୍ଷରୁ ଏହି ହାଇମାଷ୍ଟ ଲାଇଟ୍‌ଟି ଲଗା ଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ପଞ୍ଚାୟତ ଅଧିନରେ ରହିଛି। ଲାଇଟ୍ ମରାମତି ପାଇଁ ସ୍ଥାନୀୟ ଲୋକେ ଅନେକ ସମୟରେ ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ତେଣୁ ଆଗାମୀ ଦିନରେ ଏହାକୁ ମରାମତି କରାଯିବାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସରପଞ୍ଚଙ୍କ ସହ ଯୋଗାଯୋଗ କରିବାରୁ ସପ୍ତାହକ ମଧ୍ୟରେ ଲାଇଟ୍ ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ଆର୍ଏସ୍‌ପିର ଆଇଜି ପାର୍କରେ ନୂଆ ଅତିଥି 'ବୀରୁ'

**ରାଉରକେଲା, ୨।୯ (ସମିସ):** ଆର୍ଏସ୍‌ପି ଆଇଜି ପାର୍କର ଚିଡ଼ିଆଖାନାକୁ ଆସିଛି ନୂଆ ଅତିଥି 'ବୀରୁ'। ଗୁଜରାଟର ଜାମନଗର ସ୍ଥିତ ଗ୍ରୀନ୍ସ ଜୁଲୋଜିକାଲ, ରେସ୍କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର, ୱାନ୍ତାରାରୁ ଏକ ସାତ ବର୍ଷର ଅଣ୍ଡିରା ଚିତାବାଘକୁ ସେଲ୍ଫ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଅଣାଯାଇଛି। ଗତ ଅଗଷ୍ଟ ୩୧ ଦିନ ଇନ୍ଦିରାଗାନ୍ଧୀ ପାର୍କ ଚିଡ଼ିଆଖାନାରେ ଚିତାବାଘର ନାମକରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏଚ୍.ଆର) ତରୁଣ ମିଶ୍ର ଆନୁଷ୍ଠାନିକ ଭାବେ ଚିତାବାଘର ନାମ 'ବୀରୁ' ରଖିଥିଲେ। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ଟି.ଇ. ଆଣ୍ଡ ହର୍ଟିକଲଚର) ସି. ଏମ୍. ଦୁଗ୍, ମହାପ୍ରବନ୍ଧକ (ହର୍ଟିକଲଚର) ତଥା ପ୍ରଭାରୀ (ଜୁ ଆଣ୍ଡ ଡିଅର ପାର୍କ) ଡକ୍ଟର ଅଭିଜିତ୍ ବିଶ୍ୱାସଙ୍କ ସମେତ ସହରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ ଯେ, ବୈଜ୍ଞାନିକ ନାମ ପ୍ୟାନ୍ଥେରା ପାର୍ଡସ୍ ଫୁସ୍କା ଭାବେ ଜଣାଶୁଣା ଏହି ଚିତାବାଘଟି ୧୩ ମେ' ୨୦୨୦ ରେ ଜନ୍ମଗ୍ରହଣ କରିଥିଲା। ଏହା ୱାନ୍ତାରା, ଜାମନଗରରୁ ପ୍ରାୟ ୨, ୪୦୦ କିଲୋମିଟର ଯାତ୍ରା କରି ୨୮ ଅଗଷ୍ଟ, ୨୦୨୬ ରେ ଆଇଜି ପାର୍କ ଚିଡ଼ିଆଖାନାରେ ପହଞ୍ଚିଥିଲା। ସମୀର କୁଜୁର ନାମକ ଜଣେ ରକ୍ଷକଙ୍କ ସହିତ ଡକ୍ଟର ଏ. ବିଶ୍ୱାସ ଚିତାବାଘଟିକୁ ଜାମନଗରରୁ ରାଉରକେଲା ପର୍ଯ୍ୟନ୍ତ ସଡ଼କ ପଥରେ ଆଣିଥିଲେ। ବର୍ତ୍ତମାନ ଏହାକୁ ଚିଡ଼ିଆଖାନାର ନିର୍ଦ୍ଧାରିତ ଚିତାବାଘ ଖୁଆଡରେ ରଖାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୨୦୨୪ ରେ, କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଦ୍ୱାରା ଅନୁମୋଦିତ ଏକ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ପୁଣେର ରାଜୀବ ଗାନ୍ଧୀ ଜୁଲୋଜିକାଲ ପାର୍କରୁ ଆଇ.ଜି. ପାର୍କ ଚିଡ଼ିଆଖାନାକୁ ଦୁଇଟି ଚିତାବାଘ ଅଣାଯାଇଥିଲା। ତେବେ ସେଥିମଧ୍ୟରୁ ଗୋଟିଏ ଚିତାବାଘ ପାର୍କର ପରିବେଶ ସହିତ ଖାପ ଖୁଆଇ ପାରିନଥିଲା। ପରବର୍ତ୍ତୀ ସମୟରେ, ଏମ ଓ ଇ.ଏଫ. ସି.ସି ଅଧୀନରେ ଅନୁମୋଦିତ ବିନିମୟ ବ୍ୟବସ୍ଥାର ଅଂଶ ସ୍ୱରୂପ, ସେହି ଚିତାବାଘ ବଦଳରେ ଗୁଜରାଟର ଜାମନଗରସ୍ଥିତ ଗ୍ରୀନ୍ସ ଜୁଲୋଜିକାଲ, ରେସ୍କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର, ୱାନ୍ତାରାରୁ ଏକ ନୂତନ ଅଣ୍ଡିରା ଚିତାବାଘ ଆଣି ବଦଳାଯାଇଛି। ଚିତାବାଘର ସମ୍ପୂର୍ଣ୍ଣ ବିନିମୟ କାର୍ଯ୍ୟକ୍ରମ ଏବଂ ପରିବହନ ବ୍ୟବସ୍ଥାକୁ ଡକ୍ଟର ଅଭିଜିତ୍ ବିଶ୍ୱାସ ଏବଂ ତାଙ୍କ ଟିମ୍ ସଂଯୋଜନା କରିଥିଲେ।

## ଶିଳ୍ପ ସହରରେ ଓଡ଼ିଆ ଫିଲ୍ମ 'ଦହନ'ର ପ୍ରଚାର

**ରାଉରକେଲା, ୨।୯ (ସମିସ):** ବହୁ ପ୍ରତୀକ୍ଷିତ ନୂଆ ଓଡ଼ିଆ ହରର୍ ଫିଲ୍ମ 'ଦହନ' ଚଳିତ ମାସ ୧୧ରେ ସାରା ଓଡ଼ିଶାର ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ବୁଧବାର ଏହାର ନିର୍ମାଣ ଟିମ୍ ଓ କଳାକାରମାନେ ରାଉରକେଲାରେ ପ୍ରଚାର ପାଇଁ ପହଞ୍ଚିଥିଲେ। ରାଉରକେଲା ମ୍ୟୁନିସିପାଲ୍ କଲେଜ, ରିମସ୍ ଓ ପ୍ଲୁଟନ୍ ମଲ୍‌ରେ ପ୍ରଚାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଟିମ୍ ସଦସ୍ୟମାନେ ଦର୍ଶକ ଓ କଲେଜ ଛାତ୍ରଛାତ୍ରୀଙ୍କ ସହ ଚଳଚ୍ଚିତ୍ର ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ଅନୁଭୂତି ବାଣ୍ଟିଥିଲେ। 'ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ' ବ୍ୟାନର୍‌ରେ ନିର୍ମିତ 'ଦହନ'ର ନିର୍ଦ୍ଦେଶନା ଦେଇଛନ୍ତି ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଚଳଚ୍ଚିତ୍ରର ନିର୍ମାତା ହେଉଛନ୍ତି ବର୍ଷା ପଟ୍ଟନାୟକ। ରାଉରକେଲା ମ୍ୟୁନିସିପାଲ୍ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ମାତା ବର୍ଷା ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଫିଲ୍ମ ସମ୍ପର୍କରେ ଜଣାଇଥିଲେ। 'ଦହନ' ଏକ ଭୟ ଓ ରୋମାଞ୍ଚଭିତ୍ତିକ ଚଳଚ୍ଚିତ୍ର। ଏହା ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ନିର୍ମାତାମାନେ ଆଶାବାଦୀ।



# ୭ରୁ କାଂଶବାହାଲ ଏଲ୍ଆଣ୍ଡଟି ବିରୋଧରେ ଗଣଧାରଣା ନିଷ୍ପତ୍ତି

**ରାଉରକେଲା, ୨।୯ (ସମିସ)**

ପାଞ୍ଚ ଦଫା ଦାବି ନେଇ କାଂଶବାହାଲ ଏଲ୍ଆଣ୍ଡଟି କାରଖାନା ବିରୋଧରେ ଆସନ୍ତା ୭ରୁ ଏକ ବିଶାଳ ଗଣଧାରଣା ପାଇଁ ପଞ୍ଚାୟତସ୍ତରୀୟ ଜନ ଅଧିକାର ସଂଘ ଡାକରା ଦେଇଛି। ଆସନ୍ତା ୫ ତାରିଖ ଦିନ ଏ ନେଇ ବିସ୍ତୃତ ଆଲୋଚନା ପାଇଁ ପ୍ରଶାସନ ପକ୍ଷରୁ ଡାକରା ଆସିଥିବା ସୂଚନା ମିଳିଛି।

ପ୍ରକାଶ ଯେ, କାଂଶବାହାଲର ଗରିବ ଓ ଆଦିବାସୀଙ୍କ ଜମିରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉକ୍ତ ସମୟରେ ରାଜ୍ୟପାଳଙ୍କ ସହ କରିଥିବା ଚୁକ୍ତିର ସଠିକ ଅନୁପାଳନ, ଶିଳ୍ପ କାର୍ଯ୍ୟରେ ବ୍ୟବହୃତ ହେଉ ନଥିବା ଖାଲି ପଡ଼ିଥିବା ଲିଜ୍ ଜମିକୁ ଫେରସ୍ତ, ସ୍ଥାନୀୟ ଅଞ୍ଚଳର ଯୋଗ୍ୟ ବେକାର ଯୁବକ-ଯୁବତୀଙ୍କୁ ନିଯୁକ୍ତି, ସ୍ଥାନୀୟ ବିସ୍ଥାପିତଙ୍କୁ କାର୍ଯ୍ୟ ସୁଯୋଗ ପ୍ରଦାନ ଏବଂ କମ୍ପାନୀ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ଅଞ୍ଚଳର ବିକାଶ ଭଳି ୫ ଦାବିକୁ ନେଇ ୭ରୁ ଏହି ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ସ୍ଥାନୀୟ ଡେଲୁଆ ପଞ୍ଚାୟତ କାର୍ଯ୍ୟାଳୟରେ ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ପ୍ରତିନିଧିତ୍ୱ କରୁଥିବା ଡେଲୁଆ ପଞ୍ଚାୟତର ସରପଞ୍ଚ ଚମ୍ପାବତୀ ଏକ୍କା, ସମିତିସଭ୍ୟା ଲଳିତା କେର୍କେଟା, ଟୁଙ୍ଗିମାଟି ସରପଞ୍ଚ ଜଗଦୀଶ କିଣ୍ଡୋ, ସମିତିସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ସାଗଯୋର ସରପଞ୍ଚ ଶୁକ୍ରା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

**୫ରେ ବୈଠକ ପାଇଁ ଡାକିଲା ପ୍ରଶାସନ**




ସଂଘର ଅଭିଯୋଗ ଅନୁଯାୟୀ, ଦାବି ପୂରଣ ନେଇ ଆଲୋଚନା ପାଇଁ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାରଙ୍କୁ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ବାବଦରେ ଅନେକ ଥର ସଂଘର ସଦସ୍ୟ ଥିବା ୪ଟି ପଞ୍ଚାୟତର ଜନପ୍ରତିନିଧିମାନେ ଦାବି ପତ୍ର ପ୍ରଦାନ କରିଛନ୍ତି। ମାତ୍ର ଦୀର୍ଘଦିନ ପରେ ବି ଦିଗରେ କୌଣସି ଆଶାନୁରୂପ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତେଜୁଛି। ଗତ ଜୁଲାଇ ୨୨ରେ ଜିଲ୍ଲାପାଳଙ୍କୁ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ପୁନର୍ବାର ଅଗଷ୍ଟ ୨୧ରେ ଦାବିପତ୍ର ଦେବା ସହ ୧୫ ଦିନ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ ସହ ଦାବି ପୂରଣ ନହେଲେ ସେପ୍ଟେମ୍ବର ୭ରୁ ଗଣଧାରଣା ଚେତାବନୀ ଦିଆଯାଇଥିଲା। ସେପଟେ ସଂଘ ପକ୍ଷରୁ ଗଣଧାରଣା ପାଇଁ ସଜବାଜ ହେଉଥିବା ଜାଣି ଜିଲ୍ଲା ପ୍ରଶାସନ ୫ ତାରିଖରେ ବୈଠକ ପାଇଁ ସଂଘକୁ ପତ୍ର ପଠାଇଛି। ଯଦି ଆସନ୍ତା ୫ ବୈଠକରେ ଉପରୋକ୍ତ ଦାବି ପୂରଣ ବାବଦରେ କୌଣସି ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରା ନ ଯାଏ ତେବେ ସଂଘ ପୂର୍ବ ନିଷ୍ପତ୍ତି ଅନୁଯାୟୀ ୭ରୁ କାଂଶବାହାଲ ମହତାବ ରୋଡ଼ ଏଲ୍ଆଣ୍ଡଟି ଗେଟ୍‌ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣାରେ ବସିବ ବୋଲି ସଂଘର ଉପସ୍ଥିତ ସଦସ୍ୟ ଓ ସଦସ୍ୟା କହିଛନ୍ତି।

● ସ୍କୁଲରେ ଯୁବକର ଉନ୍ମତ୍ତ କାଣ୍ଡ

# ଶିକ୍ଷକ, ଛାତ୍ରଙ୍କୁ ପିଟିଲା, ବହିଖାତା ଚିରି ଫିଙ୍ଗିଲା

ଦେବଗଡ଼,୨।୩(ସମିସ): ଦେବଗଡ଼ ଥାନା ମାକରମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଜଣେ ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ କରିଛି । ସ୍କୁଲରେ ପଶି ଶିକ୍ଷକଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ସହ ଶ୍ରେଣୀ କୋଠରୀରେ ପଶି ଛାତ୍ରଛାତ୍ରୀଙ୍କ ବହିଖାତା ଚିରିଛି । ଜଣେ ଛାତ୍ରକୁ ତଣ୍ଟି ଚିପିବା ଭଳି ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି । ମଧ୍ୟାହ୍ନ ପ୍ରାୟ ୨ଟା ସମୟରେ ନିକଟସ୍ଥ ଗୁଣ୍ଡେଇମରା ଗ୍ରାମର ମହେଶ୍ୱର ପ୍ରଧାନଙ୍କ ପୁଅ ଲିଙ୍କନ ପ୍ରଧାନ ନିଶାସକ୍ତ ଅବସ୍ଥାରେ ମାକରମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ଆସି ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଆସି ତାକୁ କାବୁ କରିବା ସହ ଥାନାକୁ ନେଇଥିଲା । ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରି ତାକୁ ଅଟକ ରଖିଛି ।

# ଡ୍ରାଇଭର ମହାସଂଘ ପକ୍ଷରୁ ଡ୍ରାଇଭର ଦିବସ

ଦେବଗଡ଼,୨।୯(ସମିସ): ଓଡିଶା ଡ୍ରାଇଭର ମହାସଂଘ ଦେବଗଡ ଶାଖା ପକ୍ଷରୁ ନୂତନ ବସଷ୍ଟାଣ୍ଡ ପରିସରରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଛି । ମହାସଂଘର ଜିଲ୍ଲା ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ରଞ୍ଜିତ ପ୍ରଧାନଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ଡ୍ରାଇଭର ସଂଘର ପରିବାରର ବାରକୋଟ ବ୍ଲକର ସଦସ୍ୟ ଗୋୟତିର୍ଥୀ ବେହେରା ଙ୍କ କନ୍ୟା ସ୍ନେହାଶ୍ରୀ ବେହେରା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ସଙ୍ଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଉଚ୍ଚ ଶିକ୍ଷା ପାଇଁ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଏଥି ସହିତ ସ୍ଥାନୀୟ ବମଣ୍ଡା ସେବା ସଙ୍ଘର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଜିଲ୍ଲାର ୭୦ ପଞ୍ଚାୟତର ସଂଗଠନର ସଦସ୍ୟ ଓ ଜିଲ୍ଲା ସାମ୍ବାଦିକ ସଙ୍ଘର ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥଲା ।

# ଟ୍ରକ୍‌କୁ ପଛପଟୁ ଧକ୍କା ଦେଲା ଆଏଚର: ଡ୍ରାଇଭର ମୃତ

ବୌଦ୍ଧ,୨।୯(ସମିସ): ଆଜି ସକାଳେ ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ସିଙ୍ଗାରୀ ଛକ ନିକଟରେ ଟ୍ରକକୁ ପଛରୁ ଏକ ଆଏଚର୍ ଗାଡି ଧକ୍କା ଦେବା ଫଳରେ ଆଏଚର୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ଶିଙ୍ଗାରି ଛକ ନିକଟରେ ପଶ୍ଚିମ ବଙ୍ଗରୁ ନବରଙ୍ଗପୁର ଯାଉଥିବା ଏକ ଆଳୁ ବୋଝେଇ ଟ୍ରକ ରାସ୍ତା କଡରେ ଛିଡା ହୋଇଥିଲା । ପଛରୁ ଆସୁଥିବା ସୋଲାର ପ୍ଲେଟ୍ ବୋଝେଇ ଏକ ଆଏଚର୍ ଟ୍ରକ୍ ଆଳୁ ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ପଛ ଟ୍ରକ୍‌ର ଡ୍ରାଇଭର ନିଜ କ୍ୟାବିନ୍ ଭିତରେ ଚାପି ହୋଇ ରହିଯାଇଥିଲେ । ଖବର ପାଇ ବାଉଁଶୁଣି ଅଗ୍ନିଶମ ବାହିନୀ ପହଞ୍ଚି କଟର ସାହାଯ୍ୟରେ କ୍ୟାବିନ୍ କାଟି ଡ୍ରାଇଭରକୁ ଉଦ୍ଧାର କରିବା ପରେ ବାଉଁଶୁଣୀ ହସ୍ପିଟାଲରେ ଭର୍ତ୍ତି କରିଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ଡ୍ରାଇଭର ଜଣଙ୍କ ହେଲେ ବବୁଲ ମହାରଣା । ତାଙ୍କ ଘର କଟକ ଜିଲ୍ଲାରେ ବୋଲି ଜଣାପଡିଛି । ବାଉଁଶୁଣି ପୁଲିସ ଉଭୟ ଗାଡି ସହ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ଭିନ୍ନକ୍ଷମମାନେ ଅନ୍ୟମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି

ତରଭା,୨।୯(ସମିସ): ତରଭା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀଙ୍କ ଅଧ୍ୟକ୍ଷତା ଓ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ସାଂସଦଙ୍କ ବ୍ଲକ ପ୍ରତିନିଧି ବିମଳ ମିଶ୍ର ଓ ଏନଏସି ପ୍ରତିନିଧି ମାନସ ସାହୁ, ସୋନପୁର ବିଧାୟକଙ୍କ ପ୍ରତିନିଧି ଦଶରଥ ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଦେଷ୍ଣା ମେହେର ଅତିଥି ଭାବେ ଯୋଗ ଦେଇଥିଲେ । ଭିନ୍ନକ୍ଷମମାନେ ଅଣଭିନ୍ନକ୍ଷମଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ଅତିଥିମାନେ ଆଲୋକପାତ କରିଥିଲେ । ଭିନ୍ନକ୍ଷମମାନେ କିଭଳି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ । ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ସଭା ପରିଚାଳନା କରିଥିଲେ । ଡିଡିଆରସିର ସ୍ୱତନ୍ତ୍ର ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ଭିନ୍ନକ୍ଷମମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା । ସେମାନଙ୍କୁ ବିଭିନ୍ନ ବିଭାଗରେ ବିଭକ୍ତ କରି ସଂପୃକ୍ତ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ଶିବିରରେ ୪୧୮ ଜଣ ପଞ୍ଜୀକୃତ ହୋଇଥିଲେ । ୩୮ ଜଣଙ୍କୁ ବସ୍ ପାସ୍, ୩୫ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୧୫ଜଣଙ୍କୁ ତିନିଚକିଆ ସାଇକଲ, ୨୫ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩ଜଣଙ୍କୁ ସିପି ଚେୟାର, ୧୬ଜଣଙ୍କୁ ହୁଇଲଚେୟାର ପ୍ରଦାନ କରିବାପାଇଁ ଚିହ୍ନଟ କରାଯାଇଥିଲା । ଏଇଏସ କଲେଜର ଏନଏସଏସ ଭୋଲ୍ୟୁଣ୍ଟିୟର ଶିବିରରେ ଭିନ୍ନକ୍ଷମଙ୍କୁ ସହଯୋଗ କରିଥିଲେ । କନିଷ୍ଠ ସହାୟକ କିଶୋର ଧରୁଆ, ବିପିଏମ୍ ମନୋଜ ବାଘ, ବିଏଲସି ମନୋଜ ପାତ୍ର, ଉର୍ମିଳା ସୁନା, ବିଜୟା ମଲ୍ଲିକ, ସୁରୁବୁଇ କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଦଖଲକୁ ଗଲା ନିଲାମ ହୋଇଥିବା ଘର

ମନମୁଣ୍ଡା,୨।୯(ସମିସ): ପଲସାଗୋରାରେ ନିଲାମ ହୋଇଥିବା ଏକ ଘର ଓ ପେଟ୍ରୋଲ ପମ୍ପକୁ ବ୍ୟାଙ୍କ ଦଖଲ ଦେଇଛି । ସୋନପୁର ୟୁନାଇଟେଡ଼ ବ୍ୟାଙ୍କରୁ ଏହି ପେଟ୍ରୋଲ ପମ୍ପ ପାଇଁ ବ୍ୟବସାୟ ଋଣ ଓ ଘର ନିର୍ମାଣ ପାଇଁ ଜଣେ ବ୍ୟକ୍ତି ଋଣ ନେଇଥିଲେ । ଋଣ ପରିଶୋଧ କରି ନ ପାରିବାରୁ ତାଙ୍କ ଏକାଉଣ୍ଟ ନନ ପରଫର୍ମିଙ୍ଗ ଆସେଟ ହୋଇଯାଇଥିଲା । ତାଙ୍କୁ ବ୍ୟାଙ୍କ ତରଫରୁ ଧାର୍ଯ୍ୟ ସମୟଠାରୁ ଅଧିକ ପ୍ରାୟ ୩ ବର୍ଷ ସମୟ ଦିଆଯାଇଥିଲା । ତଥାପି ସେ ଋଣ ପରିଶୋଧ କରି ପାରି ନ ଥିଲେ । ଏହା ମଧ୍ୟରେ ନାଇଟେଡ଼ ବ୍ୟାଙ୍କ ପିଏନବି ସହ ମର୍ଜ ହୋଇଯାଇଛି । ପିଏନବି ଏହି ପେଟ୍ରୋଲ ପମ୍ପ ଓ ଘରକୁ ନିଲାମ କରିବାର ପ୍ରାୟ ୩ ମାସ ହୋଇଗଲାଣି । ଜଣେ ବ୍ୟକ୍ତି ଅନଲାଇନ ପେମେଣ୍ଟ ମାଧ୍ୟମରେ ନିଲାମ ନେଇଛନ୍ତି । ନିଲାମ ନେଇଥିବା ବ୍ୟକ୍ତିଙ୍କୁ ଦାଖଲ ମଡାଇ ଦେବାକୁ ବ୍ୟାଙ୍କ ଉଚ୍ଚ ଅଧିକାରୀଗଣ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପସ୍ଥିତ ଥିଲେ ।

# ଅଜଣା ଗାଡି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଡୁଙ୍ଗୁରିପାଲି,୨।୯(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ପାଲି ବିନିକା ରାସ୍ତା ପଣ୍ଡକି ଟାଲଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପଣ୍ଡକି ଟାଲ ଗ୍ରାମର କୃଷ୍ଣ ଚନ୍ଦ୍ର ଡାଙ୍ଗ (୭୦) । ଆଜି ସକାଳ ଭୋର ୫ଟାରେ ଶୌଚ ପାଇଁ ଯାଉଥିବା ବେଳେ ଏକ ଅଜଣା ଗାଡି ଆସି ଧକ୍କା ଦଇ ଘଟଣା ସ୍ଥଳରୁ ଫେରାର ମାରିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ରାମପୁର ଅଗ୍ନିଶମ ବିଭାଗକୁ ଖବର ଦେଥିଲେ । ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଦେଖିବା ପରେ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳକୁ ରାମପୁର ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବିନିକା ପଠାଯାଇଛି ।

# କାର୍‌ରୁ ୫୨ କେଜି ଗଞ୍ଜେଇ ଜବତ

କଣ୍ଟାମାଳ,୨।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୁଲିସ ବଡକୁସମଠାରେ ଏକ କାରରୁ ୫୨ କେଜି ଗଞ୍ଜେଇ ଜବତ କରିଛି । ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି । ଏସ୍‌ଆଇ ପ୍ରକାଶ ଭୋଇଙ୍କ ନେତୃତ୍ୱରେ ଏହି ଚଢଉ ହୋଇଥିଲା ।

# ପତ୍ନୀ ବିରହରେ ଟେଲିଫୋନ ଟାୱାରକୁ ଚଢ଼ିଗଲେ ଯୁବକ

ଦେବଗଡ଼, ୨।୯(ସମିସ): ଦ୍ୱିତୀୟ ସ୍ତ୍ରୀ ଘର ଛାଡି ଚାଲିଯିବାରୁ ବିରହରେ ୮୫ ଫୁଟ ଉଚ୍ଚ ଜିଓ ଟେଲିଫୋନ ଟାୱାରରେ ଚଢ଼ି ଜଣେ ଯୁବକ ଆତ୍ମହତ୍ୟା ଧମକ ଦେଇଛନ୍ତି । ବାରକୋଟ ଥାନା ଝୁମ୍ପୁରା ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ଲୁବୁ ନାଏକ ନାମକ ଏହି ଯୁବକ ଜଣକ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜିଓ ଟେଲିଫୋନ ଟାୱାର ଉପରେ ଚଢ଼ି ରହିଥିଲେ । କିଛି ମାସ ତଳେ ପାଲଲହଡା ଥାନାଞ୍ଚଳର ଜଣେ ଯୁବତୀକୁ ସେ ବିବାହ କରିଥିଲା; ମାତ୍ର ପାରିବାରିକ କଳହ ଯୋଗୁଁ ଗତକାଲି ଦ୍ୱିତୀୟ ସ୍ତ୍ରୀ ଘର ଛାଡି ନିଜ ବାପ ଘରକୁ ଚାଲିଯାଇଛନ୍ତି । ତେବେ ଟାୱାର ଉପରେ ଦେଖି ଗ୍ରାମବାସୀ ତଳୁ ଥାଇ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଲୁବୁ ନିଜ ଜିଦରେ ଅଟଳ ରହିଥିଲେ । ଏହା ଦେଖି ଗ୍ରାମବାସୀ ବାରକୋଟ ଥାନା ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ଯୁବକଙ୍କୁ ଟାୱାର ଉପରୁ ଓହ୍ଲାଇବାକୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲା । ଯୁବକ ଜଣକ କିନ୍ତୁ ନିଜ ଜିଦରେ ଅଟଳ ରହିଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ

ଦେବଗଡ଼, ୨।୯(ସମିସ): ବାରକୋଟ ବ୍ଲକ୍ କଣ୍ଢେଲ ଗ୍ରାମର ସାମ୍ବାଦିକ ଭୁବନେଶ୍ୱର ପ୍ରଧାନଙ୍କ ମାଆ ପ୍ରିୟମ୍ବଦା ପ୍ରଧାନଙ୍କ ସମ୍ବଲପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ସେ ଗତ କିଛିଦିନ ପୂର୍ବେ ବ୍ରେନଷ୍ଟ୍ରୋକରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ।

# ସାର ଗୋଦାମ ସିଲ୍

ମନମୁଣ୍ଡା,୨।୯(ସମିସ): ମନମୁଣ୍ଡା ଥାନା ଖଟଖଟିଆରେ ବିରଞ୍ଚି ମିଶ୍ର ବେଆଇନ ସାର ଗଚ୍ଛିତ ରଖିଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇ ତାଙ୍କ ଗୋଦାମ ସିଲ୍ କରିଛି । ଏସଆଇ ରିଙ୍କି ପାତ୍ରଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ସେଠାକୁ ଯାଇ ଗୋଦାମ ଖୋଲି ତନଖି କରିଥିଲେ ।

# ୫୦ ଜଣଙ୍କୁ ତୀର୍ଥଯାତ୍ରା ସୁଯୋଗ

ଝାରସୁଗୁଡ଼ା,୨।୯(ସମିସ): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଝାରସୁଗୁଡ଼ା ଜିଲ୍ଲାରୁ ୫୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ହେବେ । ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କୁ ସରକାରୀ ସହାୟତାରେ ତୀର୍ଥସ୍ଥାନ ଅଯୋଧ୍ୟାରୁ ବାରାଣାସୀ ପରିଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯାଉଛି । ତୀର୍ଥଯାତ୍ରାରେ ଯୋଗଦେବାକୁ ଥିବା ଝାରସୁଗୁଡ଼ା ଜିଲ୍ଲାର ୫୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଜିଲ୍ଲା ସଂସ୍କୃତି ଭବନଠାରେ ୨୧ ତାରିଖ ସକାଳ ୮ଟା ସୁଦ୍ଧା ରିପୋର୍ଟିଂ କରିବେ । ସେଠାରେ ସମସ୍ତ ତୀର୍ଥଯାତ୍ରୀଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରକ୍ରିୟା ସମାପ୍ତ ପରେ ସେମାନେ ନିର୍ଦ୍ଧାରିତ ତୀର୍ଥସ୍ଥାନ ଅଭିମୁଖେ ଯାତ୍ରା କରିବେ ।


THIS IS A PUBLIC ANNOUNCEMENT FOR INFORMATION PURPOSES ONLY AND IS NOT A PROSPECTUS ANNOUNCEMENT AND DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE TO SECURITIES UNDER THE SECURITIES AND EXCHANGE BOARD OF INDIA (ISSUE OF CAPITAL AND DISCLOSURE REQUIREMENTS) REGULATIONS, 2018, AS AMENDED ("SEBI ICDR REGULATIONS"). INITIAL PUBLIC OFFERING OF EQUITY SHARES ON THE MAIN BOARD OF BSE LIMITED ("BSE") AND NATIONAL STOCK EXCHANGE OF INDIA LIMITED ("NSE") (TOGETHER, THE "STOCK EXCHANGES") IN COMPLIANCE WITH CHAPTER II OF THE SEBI ICDR REGULATIONS. NOT FOR RELEASE, PUBLICATION OR DISTRIBUTION DIRECTLY OR INDIRECTLY, OUTSIDE INDIA.

**PUBLIC ANNOUNCEMENT**

(Please scan this QR Code to view the Draft Red Herring Prospectus and the Draft Abridged Prospectus)

MCL — Coal India

# MAHANADI COALFIELDS LIMITED

Our Company was incorporated in Odisha as "Mahanadi Coalfields Limited", as a private limited company under the Companies Act, 1956, pursuant to a certificate of incorporation dated April 3, 1992, issued by the Registrar of Companies, Odisha at Cuttack. Thereafter, our Company was converted from a private limited company to a public limited company, pursuant to a resolution passed in the annual general meeting of our Shareholders held on August 27, 2026, and a fresh certificate of incorporation dated August 29, 2026, was issued to our Company by the Registrar of Companies, Central Processing Centre. For further details relating to the changes in the name and registered office of our Company, see *"History and Certain Corporate Matters"* on page 257 of the draft red herring prospectus dated August 31, 2026 (the "**DRHP**" or the "**Draft Red Herring Prospectus**").

**Registered and Corporate Office:** Jagruti Vihar, Burla, Sambalpur 768020, Odisha, India. **Contact Person:** Soubhagya Parida, Company Secretary and Compliance Officer; **Tel:** +91 (0663) 254 2977
**E-mail:** cs.mcl@coalindia.in; **Website:** www.mahanadicoal.in; **Corporate Identity Number:** U10102OR1992GOI003038

**OUR PROMOTERS: PRESIDENT OF INDIA, ACTING THROUGH THE MINISTRY OF COAL, GOVERNMENT OF INDIA AND COAL INDIA LIMITED**

**INITIAL PUBLIC OFFERING OF UP TO 661,836,300 EQUITY SHARES OF FACE VALUE OF ₹2 EACH ("EQUITY SHARES") OF MAHANADI COALFIELDS LIMITED (THE "COMPANY" OR THE "ISSUER") FOR CASH AT A PRICE OF ₹[●] PER EQUITY SHARE INCLUDING A PREMIUM OF ₹[●] PER EQUITY SHARE (THE "OFFER PRICE") THROUGH AN OFFER FOR SALE (THE "OFFER") OF UP TO 661,836,300 EQUITY SHARES AGGREGATING UP TO ₹[●] MILLION BY COAL INDIA LIMITED (THE "PROMOTER SELLING SHAREHOLDER" OR "SELLING SHAREHOLDER" AND SUCH EQUITY SHARES OFFERED BY THE SELLING SHAREHOLDER, THE "OFFERED SHARES").**

**THE OFFER INCLUDES A RESERVATION OF UP TO [●] EQUITY SHARES OF FACE VALUE OF ₹2 EACH, AGGREGATING UP TO ₹[●] MILLION (CONSTITUTING UP TO [●]% OF THE POST-OFFER PAID-UP EQUITY SHARE CAPITAL) FOR SUBSCRIPTION BY ELIGIBLE EMPLOYEES ("EMPLOYEE RESERVATION PORTION") AND A RESERVATION OF UP TO [●] EQUITY SHARES AGGREGATING UP TO ₹[●] MILLION (CONSTITUTING UP TO [●]% OF THE POST-OFFER PAID-UP EQUITY SHARE CAPITAL) FOR SUBSCRIPTION BY ELIGIBLE SHAREHOLDERS ("SHAREHOLDER RESERVATION PORTION"). THE OFFER LESS THE EMPLOYEE RESERVATION PORTION AND THE SHAREHOLDER RESERVATION PORTION IS HEREINAFTER REFERRED TO AS THE "NET OFFER". THE OFFER AND THE NET OFFER SHALL CONSTITUTE [●]% AND [●]%, RESPECTIVELY, OF THE POST-OFFER PAID-UP EQUITY SHARE CAPITAL OF OUR COMPANY. OUR COMPANY MAY IN CONSULTATION WITH THE BRLMS, OFFER A DISCOUNT OF [●]% (EQUIVALENT OF ₹[●] PER EQUITY SHARE ON THE OFFER PRICE TO ELIGIBLE EMPLOYEES BIDDING IN THE EMPLOYEE RESERVATION PORTION ("EMPLOYEE DISCOUNT").**

**THE FACE VALUE OF THE EQUITY SHARE IS ₹2 EACH. THE OFFER PRICE IS [●] TIMES THE FACE VALUE OF THE EQUITY SHARES. THE PRICE BAND, THE EMPLOYEE DISCOUNT AND THE MINIMUM BID LOT SIZE WILL BE DECIDED BY OUR COMPANY, IN CONSULTATION WITH THE BRLMS, AND WILL BE ADVERTISED IN ALL EDITIONS OF [●] (A WIDELY CIRCULATED ENGLISH NATIONAL DAILY NEWSPAPER) AND ALL EDITIONS OF [●] (A WIDELY CIRCULATED HINDI NATIONAL DAILY NEWSPAPER), AND [●] EDITION OF [●], A WIDELY CIRCULATED ODIA DAILY NEWSPAPER (ODIA BEING THE REGIONAL LANGUAGE OF ODISHA, WHERE OUR REGISTERED AND CORPORATE OFFICE IS LOCATED), AT LEAST TWO WORKING DAYS PRIOR TO THE BID/OFFER OPENING DATE AND SHALL BE MADE AVAILABLE TO THE BSE AND NSE FOR UPLOADING ON THEIR RESPECTIVE WEBSITES IN ACCORDANCE WITH THE SECURITIES AND EXCHANGE BOARD OF INDIA (ISSUE OF CAPITAL AND DISCLOSURE REQUIREMENTS) REGULATIONS, 2018, AS AMENDED (THE "SEBI ICDR REGULATIONS").**

In case of any revision in the Price Band, the Bid/Offer Period shall be extended for at least three additional Working Days after such revision of the Price Band, subject to the total Bid/Offer Period not exceeding 10 Working Days. In cases of force majeure, banking strike or similar unforeseen circumstances, our Company, may in consultation with the BRLMs, for reasons to be recorded in writing, extend the Bid/Offer Period for a minimum period of one Working Day, subject to the Bid/Offer Period not exceeding 10 Working Days. Any revision in the Price Band, and the revised Bid/Offer Period, if applicable, shall be widely disseminated by notification to the Stock Exchanges by issuing a public notice and also by indicating the change on the respective websites of the BRLMs and at the terminals of the Members of the Syndicate and by intimation to the Self-Certified Syndicate Banks ("**SCSBs**"), Designated Intermediaries and the Sponsor Bank(s), as applicable.

This is an Offer in terms of Rule 19(2)(b) of the SCRR read with Regulation 31 of the SEBI ICDR Regulations. This Offer is being made through the Book Building Process in compliance with Regulation 6(1) of the SEBI ICDR Regulations wherein not more than 50% of the Net Offer shall be available for allocation on a proportionate basis to QIBs (such portion the "**QIB Portion**") provided that our Company, in consultation with the BRLMs, may allocate up to 60% of the QIB Portion to Anchor Investors on a discretionary basis in accordance with the SEBI ICDR Regulations ("**Anchor Investor Portion**"), of which 40% shall be reserved as under: (i) 33.33% for domestic Mutual Funds; and (ii) 6.67% for Life Insurance Companies and Pension Funds, subject to valid Bids being received from domestic Mutual Funds, Life Insurance Companies and Pension Funds, at or above the price at which Equity Shares will be allocated to the Anchor Investors ("**Anchor Investor Allocation Price**"), in accordance with the SEBI ICDR Regulations. Any under-subscription in the reserved category specified in clause (ii) above, may be allocated to domestic Mutual Funds. In the event of under-subscription or non-allocation in the Anchor Investor Portion, the balance Equity Shares shall be added to the QIB Portion (excluding the Anchor Investor Portion) ("**Net QIB Portion**"). Further, 5% of the Net QIB Portion shall be available for allocation on a proportionate basis to Mutual Funds only and the remainder of the Net QIB Portion shall be available for allocation on a proportionate basis to all QIBs (other than Anchor Investors) including Mutual Funds, subject to valid Bids being received at or above the Offer Price. However, if the aggregate demand from Mutual Funds is less than 5% of the Net QIB Portion, the balance Equity Shares available for allocation in the Mutual Fund Portion will be added to the remaining QIB Portion for proportionate allocation to QIBs. Further, not less than 15% of the Net Offer shall be available for allocation to NIBs, of which (a) one third portion shall be reserved for NIBs with application size of more than ₹0.20 million and up to ₹1.00 million; and (b) two-thirds of the portion shall be reserved for NIBs with application size of more than ₹1 .00 million, provided that the unsubscribed portion in either of such sub-categories may be allocated to Bidders in the other sub-category of NIBs in accordance with SEBI ICDR Regulations, subject to valid Bids being received at or above the Offer Price and not less than 35% of the Net Offer shall be available for allocation to RIBs in accordance with the SEBI ICDR Regulations, subject to valid Bids being received from them at or above the Offer Price ("**Retail Portion**"). Further, Equity Shares will be allocated on a proportionate basis to Eligible Employees (as defined hereinafter) bidding under the Employee Reservation Portion, subject to valid Bids being received from them at or above the Offer Price (net of Employee Discount, if any). All Bidders (except Anchor Investors) are required to mandatorily utilise the Application Supported by Blocked Amount ("**ASBA**") process by providing details of their respective ASBA accounts and UPI ID (in case of UPI Bidders using the UPI Mechanism), in which case the corresponding Bid Amounts will be blocked by the SCSBs or under the UPI Mechanism, as applicable to participate in the Offer. Anchor Investors are not permitted to participate in the Anchor Investor Portion of the Offer through the ASBA process. For details, see *"Offer Procedure"* beginning on page 570 of the DRHP.

This public announcement is being made in compliance with the provisions of Regulation 26(2) of the SEBI ICDR Regulations to inform the public that our Company is proposing to undertake, subject to applicable statutory and regulatory requirements, receipt of requisite approvals, market conditions and other considerations, an initial public offering of its Equity Shares pursuant to the Offer and has filed the DRHP along with the Draft Abridged Prospectus with the Securities and Exchange Board of India (**"SEBI"**) and with the Stock Exchanges on September 01, 2026.

Pursuant to Regulation 26(1) of the SEBI ICDR Regulations, the DRHP along with the Draft Abridged Prospectus filed with SEBI and the Stock Exchanges has been made available to the public for comments, if any, for a period of at least 21 days, from the date of publication of this public announcement, in accordance with Regulation 26(2) of the SEBI ICDR Regulations by hosting it on the website of SEBI at www.sebi.gov.in, on the websites of the Stock Exchanges, i.e., BSE at www.bseindia.com, NSE at www.nseindia.com where the Equity Shares are proposed to be listed, the websites of the BRLMs, i.e., SBI Capital Markets Limited at www.sbicaps.com, Axis Capital Limited at www.axiscapital.co.in, BOB Capital Markets Limited at www.bobcaps.in, IDBI Capital Markets & Securities Limited at www.idbicapital.com and IIFL Capital Services Limited *(formerly known as IIFL Securities Limited)* at www.iiflcapital.com and on the website of our Company at www.mahanadicoal.in. Our Company hereby invites the public to give their comments on the DRHP along with the Draft Abridged Prospectus filed with SEBI and the Stock Exchanges, with respect to disclosures made in the DRHP along with the Draft Abridged Prospectus. The members of the public are requested to send a copy of their comments to SEBI and/or to the Company Secretary and Compliance Officer and/or the BRLMs at their respective addresses mentioned herein. All comments must be received by SEBI and/or our Company and/or the BRLMs and/or the Company Secretary and Compliance Officer of our Company at their respective addresses mentioned herein in relation to the Offer on or before 5:00 p.m. on the 21st day from the date of publication of this public announcement.

Investments in equity and equity-related securities involve a degree of risk and investors should not invest any funds in this Offer unless they can afford to take the risk of losing their entire investment. Investors are advised to read the risk factors carefully before taking an investment decision in this Offer. For taking an investment decision, investors must rely on their own examination of the Company and the Offer, including the risks involved. The Equity Shares have not been recommended or approved by SEBI, nor does SEBI guarantee the accuracy or adequacy of the contents of the Draft Red Herring Prospectus. Specific attention of the investors is invited to *"Risk Factors"* beginning on page 20 of the DRHP.

Any decision to invest in the Equity Shares described in the DRHP may only be made after the red herring prospectus ("**Red Herring Prospectus**" or "**RHP**") has been filed with the Registrar of Companies, Odisha at Cuttack in the future and must be made solely on the basis of such Red Herring Prospectus as there may be material changes in the Red Herring Prospectus from the DRHP and the Draft Abridged Prospectus.

The Equity Shares, when offered, through the Red Herring Prospectus, are proposed to be listed on the main board of the Stock Exchanges.

The liability of the members of the Company is limited. For details of the share capital, capital structure of the Company and the names of the signatories to the Memorandum of Association and the number of shares subscribed by them see *"Capital Structure"* beginning on page 92 of the DRHP.

For details of the main objects of the Company as contained in its Memorandum of Association, see *"History and Certain Corporate Matters"* beginning on page 257 of the DRHP.

| BOOK RUNNING LEAD MANAGERS | | | | | REGISTRAR TO THE OFFER |
|---|---|---|---|---|---|
| SBICAPS (Complete Investment Banking Solutions) | AXIS CAPITAL | BOBCAPS (TRUST \| INNOVATION \| EXCELLENCE) | IDBI capital | IIFL CAPITAL | KFINTECH |
| **SBI Capital Markets Limited**<br>No.1501, 15th floor, A&B Wing, Parinee Crescenzo Building, G Block, Bandra Kurla Complex, Bandra (East), Mumbai – 400 051, Maharashtra, India<br>**Telephone:** +91 22 4006 9807<br>**E-mail:** mcl.ipo@sbicaps.com<br>**Website:** www.sbicaps.com<br>**Investor grievance e-mail:** investor.relations@sbicaps.com<br>**Contact person:** Aradhy Rajyaguru/ Raghavendra Bhat<br>**SEBI registration number:** INM000003531 | **Axis Capital Limited**<br>Axis House, 1st Floor Pandurang Bhudkar Marg, Worli Mumbai - 400 025, Maharashtra, India<br>**Telephone:** +91 22 4325 2183<br>**E-mail:** mcl.ipo@axiscap.in<br>**Website:** www.axiscapital.co.in<br>**Investor grievance e-mail:** complaints@axiscap.in<br>**Contact person:** Tosit Agarwal/ Pavan Naik<br>**SEBI registration number:** INM000012029 | **BOB Capital Markets Limited**<br>1704, B wing, 17th floor, Parinee Crescenzo Bandra Kurla Complex, Plot no. C38/39, G, Block, Mumbai -40051, Maharashtra, India<br>**Telephone:** +91 22 61389353<br>**Email:** mcl.ipo@bobcaps.in<br>**Website:** www.bobcaps.in<br>**Investor Grievance e-mail:** investor.grievance@bobcaps.in<br>**Contact person:** Nivedika Chavan<br>**SEBI registration number:** INM000009926 | **IDBI Capital Markets & Securities Limited**<br>6th Floor, IDBI Tower, WTC Complex, Cuffe Parade, Mumbai – 400 005, Maharashtra, India<br>**Telephone:** +91 22 40691953<br>**E-mail:** mcl.ipo@idbicapital.com<br>**Website:** www.idbicapital.com<br>**Investor grievance e-mail:** redressal@idbicapital.com<br>**Contact person:** Indrajit Bhagat/ Chinmay Gosavi<br>**SEBI registration number:** INM000010866 | **IIFL Capital Services Limited**<br>***(formerly known as IIFL Securities Limited)***<br>24th Floor, One Lodha Place, Senapati Bapat Marg, Lower Parel (W), Mumbai – 400 013, Maharashtra, India<br>**Telephone:** +91 (22) 4646 4728<br>**Email:** mcl.ipo@iiflcap.com<br>**Website:** www.iiflcapital.com<br>**Investor grievance e-mail:** ig.ib@iiflcap.com<br>**Contact person:** Jesica Thakkar/ Pawan Kumar Jain<br>**SEBI registration number:** INM000010940 | **KFin Technologies Limited**<br>301, The Centrium, 3rd Floor 57, Lal Bahadur Shastri Road, Nav Pada Kurla (West), Mumbai 400070 Maharashtra, India<br>**Telephone:** +91 4067162222/ 1800 309 4001<br>**E-mail:** mahanadi.ipo@kfintech.com<br>**Website:** www.kfintech.com<br>**Investor grievance e-mail:** einward.ris@kfintech.com<br>**Contact Person:** M. Murali Krishna<br>**SEBI Registration No:** INR00000021 |

**COMPANY SECRETARY AND COMPLIANCE OFFICER**

**Soubhagya Parida, Mahanadi Coalfields Limited**
Jagruti Vihar, Burla, Sambalpur 768020 Odisha, India. **Telephone:** +91 (0663) 254 2977; **E-mail:** cs.mcl@coalindia.in; **Website:** www.mahanadicoal.in

All capitalized terms used herein and not specifically defined shall have the same meaning as ascribed to them in the DRHP.

For **MAHANADI COALFIELDS LIMITED**
On behalf of the Board of Directors
Sd/-
Soubhagya Parida
Company Secretary and Compliance Officer

Place : Sambalpur, Odisha
Date : September 2, 2026

**MAHANADI COALFIELDS LIMITED** is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to undertake an initial public offer of its Equity Shares and has filed the DRHP along with the Draft Abridged Prospectus dated August 31, 2026 each, with SEBI and the Stock Exchanges on September 01, 2026. The DRHP along with the Draft Abridged Prospectus is available on the website of SEBI at www.sebi.gov.in, on the websites of the Stock Exchanges i.e., BSE at www.bseindia.com, NSE at www.nseindia.com, on the websites of the BRLMs, i.e. SBI Capital Markets Limited at www.sbicaps.com, Axis Capital Limited at www.axiscapital.co.in, BOB Capital Markets Limited at www.bobcaps.in, IDBI Capital Markets & Securities Limited at www.idbicapital.com and IIFL Capital Services Limited *(formerly known as IIFL Securities Limited)* at www.iiflcapital.com and the website of our Company at www.mahanadicoal.in. Potential investors should note that investment in equity shares involves a high degree of risk and for details relating to such risk, see the section titled *"Risk Factors"* on page 20 of the DRHP and the details set out in the RHP, when filed. Potential investors should not rely on the DRHP or the Draft Abridged Prospectus for making any investment decision and should rely on the RHP, when filed, for making an investment decision.

This announcement has been prepared for publication in India and may not be released in the United States. This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the US Securities Act of 1933, as amended, or an exemption from registration. Any public offering of securities to be made in the United States will be made by means of a prospectus that may be obtained from the Company and that will contain detailed information about the Company and management, as well as financial statements. However, no public offering of securities is being made in the United States.

CONCEPT

# ସମ୍ପାଦକୀୟ



ଭୁଲ୍ କରିବା ମଣିଷ ପ୍ରକୃତି; ଭୁଲ୍ ସ୍ୱୀକାର କରିବା ଉତ୍ତମ ସଂସ୍କୃତି; ଭୁଲ୍ ସୁଧାରିବା ହିଁ ପ୍ରଗତି।
-ଗୌରଗୋପାଳ ଦାସ

ସକାଳ
THE SAKALA

## ଗଣତନ୍ତ୍ରର ଆଉ ଏକ ବିଜୟ

ନିଟ୍ ପ୍ରଶ୍ନପତ୍ର ବିଭ୍ରାଟର ପ୍ରତିବାଦ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସିଜେପି ନେତୃତ୍ୱରେ ଆୟୋଜିତ ଜେନ୍ ଜେଡ୍ ଆନ୍ଦୋଳନକାରୀଙ୍କୁ ଆଉ ଏକ ବଡ଼ ଜିତାପଟ ହାସଲ ହୋଇଛି। ଆନ୍ଦୋଳନ ଭଙ୍ଗ କରିବା ପାଇଁ ସିଜେପିର ଯେଉଁ କେତେକ ସର୍ତ୍ତ ରହିଥିଲା ଏବଂ ସରକାରଙ୍କ ସହିତ ବୁଝାମଣା ହୋଇଥିଲା ସେଥିମଧ୍ୟରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ବ୍ୟତୀତ ମୁଖ୍ୟ ଥିଲା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରୁ ପୁଲିସ ଦାୟର କରିଥିବା ମାମଲା। ଆନ୍ଦୋଳନ ପ୍ରତ୍ୟାହାର ହେବା ପରେ କିନ୍ତୁ ସରକାର ପ୍ରତିଶ୍ରୁତିରୁ ଓହରି ଯାଇଥିଲେ ଏବଂ ଦିଲ୍ଲୀ ପୁଲିସ୍ ସିସିଟିଭି, ଏଆଇ ପରିଚାଳିତ ଚଷମା, ଭିଡିଓ କ୍ଲିପିଂ, ସାମାଜିକ ଗଣମାଧ୍ୟମ ଆଦିକୁ ଆଧାର କରି ଜିରୋ ଏଫ୍ଆଇଆରମାନ ରୁଜୁ କରି ନୋଟିସ୍ ପଠାଇବା ଜାରି ରଖିଥିଲେ। ଏଥିପାଇଁ ଦିଲ୍ଲୀ ପୁଲିସ୍‌ର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ବଛା ବଛା ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ମାମଲା ପ୍ରତ୍ୟାହାର କରିବା ପାଇଁ ସିଜେପି ପକ୍ଷରୁ ପୁଣି ଥରେ ଆସନ୍ତା ୫ ତାରିଖରେ ଗଣପଦଯାତ୍ରା ପାଇଁ ଯୋଜନା ଚୂଡ଼ାନ୍ତ ହୋଇଥିଲା। କିନ୍ତୁ ସୁଖର କଥା ଏଥିପୂର୍ବରୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମ୍ବିଧାନର ଧାରା ୧୪୨ ପ୍ରଦତ୍ତ ସ୍ୱତନ୍ତ୍ର ଅଧିକାର ପ୍ରୟୋଗ କରି ଦେଶର ସବୁ ଥାନାରେ ଏ ସମ୍ପର୍କିତ ଦାୟର ହୋଇଥିବା ମାମଲା ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସିଜେପିର ପ୍ରସ୍ତାବିତ ପଦଯାତ୍ରା ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଛି। ଦେଶ ପୁଣି ଏକ ଅଶାନ୍ତିର ବାତାବରଣ ପ୍ରତ୍ୟକ୍ଷ କରିବାରୁ ରକ୍ଷା ପାଇଯାଇଛି। ଏଥିସହିତ ଗଣତନ୍ତ୍ରର ଆଉ ଏକ ବିଜୟ ହୋଇଛି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦାବି ଉପସ୍ଥାପନ ଓ ପ୍ରତିବାଦ କରିବା ପାଇଁ ଅହିଂସା ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭ/ଧାରଣା ଆଦିର ଅଧିକାର ଭାରତର ସମ୍ବିଧାନ ତା'ର ନାଗରିକମାନଙ୍କୁ ଦେଇଛି। ପୁଲିସ୍, ମାମଲା, ଆଇନ ଅଦାଲତର ଧମକ ଦେଖାଇ ଆନ୍ଦୋଳନକାରୀଙ୍କୁ ନିରୁତ୍ସାହିତ କରିବା ସମ୍ବିଧାନ ଓ ଗଣତନ୍ତ୍ର ବିରୋଧୀ ଏବଂ ରାଜତନ୍ତ୍ର ଶାସନର ପ୍ରତୀକ। ସିଜେପି ଆନ୍ଦୋଳନ ପୃଷ୍ଠଭୂମିରେ ସରକାରଙ୍କ ଆଭିମୁଖ୍ୟରେ ସେଭଳି କିଛି ଗଣତନ୍ତ୍ରର ବିରୋଧାଭାସ ପରିଦୃଷ୍ଟ ହୋଇଥିଲା। ବିଶେଷକରି ମାମଲା ପ୍ର୍ୟତ୍ୟାହାର ପାଇଁ ପ୍ରତିଶ୍ରୁତି ଦେଇ ସେଥିରୁ ଓହରି ଯିବା ଗଣତନ୍ତ୍ର ବିରୋଧୀ ଆଭିମୁଖ୍ୟାକୁ ଆହୁରି ଶାଣିତ କରିଥିଲା। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ନିଜ ଆଡୁ ହସ୍ତକ୍ଷେପ କରି ଦେଶର ଗଣତନ୍ତ୍ରର ଗରିମା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷା ଦେଇଛନ୍ତି।

ଦେଶରେ ଆହୁରି ଅନେକ ଜନସ୍ୱାର୍ଥ ସମ୍ବଳିତ ସମସ୍ୟାମାନ ରହିଛି। ପ୍ରତିପତ୍ତିଶାଳୀ ଓ ପ୍ରଭାବଶାଳୀମାନେ ଅସତ୍ ଉପାୟରେ ସରକାରୀ ସୁବିଧା ସୁଯୋଗ ହଡ଼ପ୍ କରିନେଉଥିବା ବେଳେ ସାଧାରଣ ଲୋକଟିଏ ନିଜ ନ୍ୟାଯ୍ୟ ଅଧିକାର ପାଇଁ ନୟାନ୍ତ ହୋଇପଡୁଛି। ବାର୍ଦ୍ଧକ୍ୟରେ ଭତ୍ତା ପାଇଁ, ଅସହାୟଟିଏ ଚିକିତ୍ସା ପାଇଁ, ପୀଡ଼ିତଟିଏ ସରକାରୀ ସହାୟତା ପାଇଁ ହାରିଗୁହାରି କରି କରି ଥକି ପଡୁଥିବା ବେଳେ ବିଧବା ପତ୍ନୀଙ୍କୁ ଫ୍ୟାମିଲି ପେନ୍‌ସନ୍ ପାଇବା ପାଇଁ ବୈଧ ଉତ୍ତରାଧିକାରୀ ପ୍ରମାଣପତ୍ର(ସ୍ତ୍ରୀ ହୋଇଥିବାରୁ ପ୍ରମାଣ) ଆଣିବାକୁ ବାଧ୍ୟ କରାଯାଉଛି। ସରକାରୀ କଳର ଏହି ବିଷମୟ ବ୍ୟବସ୍ଥା ଭିତରେ ଆହୁରି ଅନେକ ସମସ୍ୟା ରହିଛି, ଯାହା ଦୁର୍ନୀତିକୁ ଉପରମୁହାଁ କରୁଛି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ସ୍ୱତନ୍ତ୍ର ଅଧିକାର ପ୍ରୟୋଗ ବଳରେ ଏହିସବୁ ସମସ୍ୟାର ସମାଧାନ ପାଇଁ ସାଧୁ ଉଦ୍ୟମ କରିବାକୁ ବିନମ୍ର ନିବେଦନ କରୁଛୁ।

## ସୂଚନା ବିଭ୍ରାନ୍ତ

ଚଳିତ ବର୍ଷ ମୌସୁମୀ ଆସିବାର ବହୁପୂର୍ବରୁ ପାଣିପାଗ ବିଶେଷଜ୍ଞମାନେ ଦେଇଥିବା ଚେତାବନୀରେ ମାନବ ସଭ୍ୟତା ପ୍ରତି ଘୋର ସଙ୍କଟର ଆଶଙ୍କା ରହିଥିଲା। ଏଆଇ ଆଧାରିତ ବିଭିନ୍ନ ମଡେଲ୍‌ର ନିର୍ଭୁଲ୍(?) ଆକଳନ କରି ସେମାନେ ଚେତାଇ ଦେଇଥିଲେ ଯେ ଏଥର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୃଷ୍ଟି ହୋଇସାରିଥିବା 'ଏଲ୍-ନିନୋ' ପୂର୍ବତୁଳନାରେ ଅତି ଭୟଙ୍କର ହେବ ଏବଂ ଏସିଆ ସମେତ ଆମେରିକାର କେତେକ ଅଞ୍ଚଳରେ ଉତ୍କଟ ମରୁଡ଼ି ସୃଷ୍ଟି କରିବ। ଯାହାଯେତିକି ବର୍ଷା ହେବ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଜୁନ୍ ଶେଷ ସୁଦ୍ଧା ମୌସୁମୀ ଲୁଚି ରହିଥିବାରୁ ଆକଳନର ସତ୍ୟତା ନେଇ ଭାରତୀୟ ପାଣିପାଗ ବିଶେଷଜ୍ଞମାନେ ଅତିଶୟ ଉତ୍‌ଫୁଲ୍ଲିତ ହୋଇପଡ଼ିଥିଲେ ଏବଂ 'ଏଲ୍-ନିନୋ'ର ରୂପକୁ ଆହୁରି ଭୟଙ୍କର ଭାବେ ଉପସ୍ଥାପନ କରିଥିଲେ। କିନ୍ତୁ ଜୁନ୍ ସରି ଜୁଲାଇ ମାସ ପ୍ରଥମ ସପ୍ତାହରୁ ପାଣିପାଗରେ ଓଲଟା ଚିତ୍ର ଦେଖିବାକୁ ମିଳୁଛି। ମରୁଡ଼ି ବଦଳରେ ବନ୍ୟା ହିଁ ବିପତ୍ତି ଆଣିଛି। ଅର୍ଥାତ୍ 'ଜଳବିହୀନ ଧରିତ୍ରୀ'ର ଭବିଷ୍ୟବାଣୀ 'ଜଳବହୁଳ'ରେ ଆକ୍ରାନ୍ତ ହୋଇଛି। ବିଶେଷକରି ଓଡ଼ିଶା ସମେତ ଭାରତରେ 'ଏଲ୍-ନିନୋ' ଆକଳନର ବାସ୍ତବତା ନେଇ ପ୍ରଶ୍ନ ଉଠିଛି।

ପ୍ରକୃତି ଏତେମାତ୍ରାରେ ସ୍ୱଭାବ ପରିବର୍ତ୍ତନ କରୁଛି ଯେ ମଣିଷ ଦୂରେ ଥାଉ କୃତ୍ରିମ ବୁଦ୍ଧିମତ୍ତା ମଡେଲ୍‌ମାନ ଅନୁମାନ କରିବାରେ ବିଫଳ ହେଉଛନ୍ତି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ କିଭଳି ଭୟଙ୍କର ବିପତ୍ତି ଆଣିପାରେ ତାହା ନେପାଳ ବନ୍ୟା ବିଭୀଷିକା ଆମକୁ ଚେତାଇ ଦେଇଛି। ମତ ପ୍ରକାଶ ପାଇଛି ଯେ ଅଯଥା ପାଣିପାଗର ଅବାନ୍ତର ପରିକଳ୍ପନାରେ ସମୟ ଓ ଅର୍ଥ ବିନିଯୋଗ ନ କରି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳକୁ ବିଭୀଷିକାରୁ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ଅଧିକ ସମୟ ଓ ମନୋନିବେଶ କରିବା ଆବଶ୍ୟକ।

ଅପରିଣାମଦର୍ଶୀ କାର୍ଯ୍ୟକଳାପ ଯୋଗୁଁ ମାନବ ସଭ୍ୟତା ବିପଦାପନ୍ନ ଏବଂ ସେଥିରୁ ରକ୍ଷା ପାଇବା ପାଇଁ ମଣିଷ ହାତରେ ଆଉ ମାତ୍ର ୫୦ ବର୍ଷ ରହିଯାଇଛି ବୋଲି ବିଶିଷ୍ଟ ଶିଳ୍ପପତି ଏଲୋନ୍ ମସ୍କ ଚେତାବନୀ ଦେଇଛନ୍ତି। କିନ୍ତୁ ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକ କରିବାରେ ଶିଳ୍ପପତି ଓ ଧନାଢ୍ୟ ଦେଶମାନଙ୍କର ଯୋଗଦାନ ଅଧିକ। ଜଳବାୟୁ ଓ ପରିବେଶ ଚୁକ୍ତିନାମାରୁ ଆମେରିକା ଓହରି ଆସିଥିବା ବେଳେ ପରିବେଶ ପାଣ୍ଠିକୁ ଆମେରିକାର ଆର୍ଥିକ ସହାୟତା ବନ୍ଦ ହୋଇଯାଇଛି। ଅର୍ଥାତ୍ ଆମେରିକା ପରିବେଶ କ୍ଷୟକ୍ଷତିକୁ ଭ୍ରୂକ୍ଷେପ କରୁନାହିଁ ବୋଲି ପରୋକ୍ଷରେ ସୂଚାଇ ଦେଇଛି। ବିକଶିତ ଓ ଧନାଢ୍ୟ ଦେଶମାନଙ୍କର ଶିଳ୍ପାୟନର ପରିବେଶ ଉପରେ କୁପ୍ରଭାବର ପରିଣାମ ବିକାଶଶୀଳ ଓ ଅନୁନ୍ନତ ଦେଶମାନେ ଭୋଗୁଛନ୍ତି। ଏବେ ସମୟ ଆସିଛି ପାଣିପାଗ ଓ ଜଳବାୟୁ ବିଶେଷଜ୍ଞମାନେ ମାନବ ସଭ୍ୟତାକୁ ରକ୍ଷା କରିବା ଦିଗରେ ଅଧିକ ଗବେଷଣା କରନ୍ତୁ ଏବଂ ସରକାରମାନେ ଏହି ଦିଗଟିକୁ ପ୍ରାଥମିକତା ଦିଅନ୍ତୁ।

# ମାଟିତଳେ ଅମାପ ଧନ, ଉପରେ ନଗଡ଼ାର ଦୈନ୍ୟ

ଡ ବିଜୟ କେତନ ପଟ୍ଟନାୟକ

ବିକାଶ ଓ ପରିବେଶ ସଂରକ୍ଷଣ ଏକାସାଙ୍ଗରେ ସମ୍ଭବ କି? ଅର୍ଥନୀତି ଓ ପାରିପାର୍ଶ୍ୱିକ ସ୍ଥିତି ପରସ୍ପର ସହିତ ହାତ ମିଳେଇ ଚାଲିପାରିବେ ତ? ସଂପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧତା ଥିବା ପରିବେଶବିତ୍‌ମାନଙ୍କୁ ଏ ପ୍ରଶ୍ନ ପଚାରିଲେ, ସେମାନଙ୍କର ସ୍ପଷ୍ଟ ଉତ୍ତର ହେବ 'ନା'। କାରଣ ଯେକୌଣସି ବିକାଶ ହେଉ ପରିବେଶର କିଛି ନା କିଛି କ୍ଷତି ତ ନିଶ୍ଚୟ ହେବ। ସମ୍ବଳର ବିଜ୍ଞ ବିନିଯୋଗ ଓ ସହନୀୟ ବିକାଶର କଥା ଯେତେ କହିଲେ ମଧ୍ୟ ଏହାର ବାସ୍ତବିକତା ସର୍ବଦା ପ୍ରଶ୍ନବାଚୀ।

'ଏତେ ପରିମାଣର ପ୍ରାକୃତିକ ସମ୍ବଳ ଥିବା ସତ୍ତ୍ୱେ ତୁମ ରାଜ୍ୟ ପଛୁଆ କାହିଁକି? ଏତେ ଗରୀବ ଓ ଅନୁନ୍ନତ କାହିଁକି?' - ବାହାର ରାଜ୍ୟକୁ ଗଲେ ଓଡ଼ିଶାବାସୀ ହିସାବରେ ପ୍ରାୟତଃ ଏହି ପ୍ରଶ୍ନର ସାମ୍ନା କରିବାକୁ ହୁଏ। ୧୯୮୦ ମସିହାରେ ଗୋଟିଏ ଶବ୍ଦର ବହୁଳ ବ୍ୟବହାର ହେବାକୁ ଲାଗିଲା, ତାହା ଥିଲା 'ବିମାରୁ ରାଜ୍ୟ'। 'ବିମାରୁ ରାଜ୍ୟ' କହିଲେ ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶକୁ ବୁଝାଉଥିଲା। ସେସବୁ ରାଜ୍ୟରେ ସାକ୍ଷରତା ହାର କମ ଥିଲା। ଲୋକସଂଖ୍ୟା ଅଧିକ ଓ ଅଧିକାଂଶ ଗରୀବ ଶ୍ରେଣୀର। ଭିତ୍ତିଭୂମି ବିକାଶ ବହୁତ ନଗଣ୍ୟ ଥିଲା। ଆମ ରାଜ୍ୟ 'ବିମାରୁ' ତାଲିକାରେ ନଥିଲେ ମଧ୍ୟ ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଥିଲା।

ପ୍ରାକୃତିକ ସମ୍ବଳରେ ଭରପୂର ଓଡ଼ିଶା। ଏଠି ମାଟି ତଳେ ରହିଛି ଅମାପ ଧନ, ବିକାଶର ଚାବିକାଠି ଖଣିଜ ସଂପଦ। ଦେଶର ମୋଟ ବକ୍ସାଇଟ୍ (ଯେଉଁଥିରୁ ଆଲୁମିନିୟମ ପ୍ରସ୍ତୁତ ହୁଏ) ରଜର୍ଭର ୫୦ ପ୍ରତିଶତ ରହିଛି ଆମ ରାଜ୍ୟରେ। ଏହାବ୍ୟତୀତ କ୍ରୋମାଇଟ ୯୮ ପ୍ରତିଶତ, କୋଇଲା ୨୫ ପ୍ରତିଶତ, ଲୁହାପଥର ୩୫ ପ୍ରତିଶତ, ମାଙ୍ଗାନିଜ ୨୭ ପ୍ରତିଶତ ଏବଂ ନିକେଲ ଦେଶର ମୋଟ ଗଚ୍ଛିତ ଖଣିଜ ଭଣ୍ଡାରର ୯୧ ପ୍ରତିଶତ ଆମ ରାଜ୍ୟର ମାଟିତଳେ ରହିଛି। ମାଟି ଉପରେ ରହିଛି ଅମୂଲ୍ୟ ଘଞ୍ଚ ଜଙ୍ଗଲ ସମ୍ପଦ। ପରିବେଶ ଶୃଙ୍ଖଳର ଅନ୍ୟତମ ମୌଳିକ ଉପାଦାନକାରୀ କଡ଼ି। ୨୦୨୩ ମସିହାରେ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରକାଶିତ ରିପୋର୍ଟରେ ଦେଶରେ ଜଙ୍ଗଲ ଆୟତନ ମୋଟ ଭୂଭାଗର ୨୧.୭୬ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଜଙ୍ଗଲର ଆୟତନ ୩୩.୬୭ ପ୍ରତିଶତ, ଯାହା ଜାତୀୟ ଲକ୍ଷ୍ୟ ୩୩ ପ୍ରତିଶତରୁ ଅଧିକ। ଯଦି ବୃକ୍ଷ ଆଚ୍ଛାଦିତ ଅଞ୍ଚଳକୁ ମଧ୍ୟ ବିଚାରକୁ ନିଆଯାଏ, ତେବେ ଏହି ପରିସଂଖ୍ୟାନ ୩.୯୭ ପ୍ରତିଶତ ବଢ଼ି ୩୭.୬୩ ପ୍ରତିଶତରେ ପହଞ୍ଚିବ। ୨୬୦ ବର୍ଗ କିଲୋମିଟର ହେନ୍ତାଳ ବନ ମଧ୍ୟ ଏହା ଭିତରେ ଅନ୍ତର୍ଭୁକ୍ତ। ଭୌଗୋଳିକ ଆୟତନ ଦୃଷ୍ଟିରୁ ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ ଏବଂ ଜନସଂଖ୍ୟା ଦୃଷ୍ଟିରୁ ଏହା ଏକାଦଶ ସ୍ଥାନରେ ଅଛି, ଯାହା ଦେଶର ମୋଟ ଜନସଂଖ୍ୟାର ମାତ୍ର ୩.୫ ପ୍ରତିଶତ। ଜଙ୍ଗଲ ସମ୍ପଦ ଆୟତନ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ଭାରତରେ ଚତୁର୍ଥ। ଦେଶରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧୧୭୦ ମିଲିମିଟର ହୋଇଥିବା ବେଳେ ଆମ ରାଜ୍ୟର ବାର୍ଷିକ ହାରାହାରି ବୃଷ୍ଟିପାତ ପ୍ରାୟ ୧୫୦୦ ମିଲିମିଟର।

ଦେଖିବାକୁ ଗଲେ ଉଭୟ ଭୂପୃଷ୍ଠ ଏବଂ ଭୂତଳ ଜଳକ୍ଷେତ୍ରରେ ଓଡ଼ିଶା ଏକ ସୁବିଧାଜନକ ସ୍ଥିତିରେ ରହିଛି। ପାଞ୍ଚଟି ବଡ଼ ବଡ଼ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଓ ଋଷିକୁଲ୍ୟା ଓଡ଼ିଶା ମାଟିରେ ପ୍ରବାହିତ। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶାରେ ୪୮୦ କିଲୋମିଟର ଦୈର୍ଘ୍ୟ ବେଳାଭୂମି ରହିଛି। ସ୍ଥଳଭାଗକୁ ପଶିଯାଇଥିବା ସମୁଦ୍ରର ଅଂଶ, ଜୁଆରିଆ ନଦୀ ମୁହାଣ ଓ ତ୍ରିକୋଣ ଭୂମି ଅଞ୍ଚଳକୁ ନେଇ ନିକଟରେ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଏହାକୁ ୫୭୪ କି.ମି.କୁ ବୃଦ୍ଧି କରିଛି। ତେଣୁ ସ୍ୱାଭାବିକ ପ୍ରଶ୍ନ ଉଠେ, ଖଣିଜ ସଂପଦ, ଜଙ୍ଗଲ ଓ ଜଳସମ୍ପଦ ଏବଂ ସୁଦୀର୍ଘ ବେଳାଭୂମି ସଂଲଗ୍ନସ୍ଥ ନୀଳ ଅର୍ଥନୀତିରେ ସମୃଦ୍ଧ ଓଡ଼ିଶା କାହିଁକି ଗରିବୀ ସୂଚକାଙ୍କରେ ତଳଆଡ଼କୁ ରହିଛି?

'ନଗଡ଼ା' ଓଡ଼ିଶାର ଯାଜପୁର ଜିଲ୍ଲାରେ ଥିବା ସୁକିନ୍ଦା ବ୍ଲକର ପାହାଡ଼ ଉପରେ ଥିବା ଏକ ଅଗମ୍ୟ ଓ ଅପହଞ୍ଚ ଆଦିବାସୀ ଗାଁ, ଯାହାକୁ ଭୋକର ଭୂଗୋଳ, ଅପପୁଷ୍ଟିର ଇଲାକା ଏବଂ କୁପୋଷଣର ପ୍ରତୀକ ରୂପେ ୨୦୧୬-୧୭ ମସିହାରେ ଚିତ୍ରଣ କରାଗଲା। ଯାଜପୁରର ସୁକିନ୍ଦା ଅଞ୍ଚଳ ଉଭୟ ଖଣିଜ ସଂପଦ ଓ ଜଙ୍ଗଲ ସମ୍ପଦରେ ଭରପୂର। କାରଣ ଏହି ଜିଲ୍ଲାରେ ରହିଛି ପ୍ରଚୁର କ୍ରୋମାଇଟ୍ ଖଣିଜ ପଦାର୍ଥ। ଏହାଛଡ଼ା ନିକେଲ ଓ ଲୌହ ଖଣିଜ ସମ୍ପଦ ମଧ୍ୟ ରହିଛି। ଜିଲ୍ଲାର ଭୂଭାଗର ୧୦.୫ ପ୍ରତିଶତ ଅଞ୍ଚଳ ଜଙ୍ଗଲ ଓ ବୃକ୍ଷଲତାରେ ଆଚ୍ଛାଦିତ। ଉଭୟ ମାଟି ତଳର ଖଣିଜ ସମ୍ପଦ ଏବଂ ମାଟି ଉପରେ ଥିବା ଜଙ୍ଗଲ ସମ୍ପଦର ସମ୍ଭାର ଭିତରେ ଥିବା କୁଚିନ୍ଦା ବ୍ଲକର ପାହାଡ଼, ପର୍ବତ ଉପରେ ଥିବା ନଗଡ଼ା ଗାଁରେ ରହୁଥିବା ଏବଂ ଅପପୁଷ୍ଟି ଓ କୁପୋଷଣର ଶିକାର ହେଉଥିବା ପ୍ରାୟ ୫୦୦ ଜୁଆଙ୍ଗ ଆଦିବାସୀ ପରିବାରଙ୍କ ଦାରିଦ୍ର୍ୟକୁ ଏହି ପ୍ରବନ୍ଧରେ ପ୍ରତୀକ ଭାବେ ନିଆଯାଇଛି। ଅବଶ୍ୟ ଭଲ କଥା ହେଲା, ସେତେବେଳେ ନଗଡ଼ାବାସୀଙ୍କର ଦୁଃଖ, ଦାରିଦ୍ର୍ୟରେ ଚିତ୍ର ପ୍ରଚାରିତ ଓ ପ୍ରସାରିତ ହେବା ଫଳରେ ପ୍ରଶାସନର ଦୃଷ୍ଟି ସେଠାରେ କେନ୍ଦ୍ରୀଭୂତ ହେବାକୁ ଲାଗିଲା ଏବଂ ନଗଡ଼ାର ଚିତ୍ର ଧୀରେ ଧୀରେ ବଦଳିଲା।

ସମୟଚକ୍ରରେ ଓଡ଼ିଶାର ଅର୍ଥନୀତିରେ ଅନେକ ସୁଧାର ଆସିଛି। ବଣ ଜଙ୍ଗଲରେ ରହୁଥିବା ଜନଜାତିଙ୍କର ଜୀବନଶୈଳୀ, ଚାଲିଚଳଣ, ବେଶପୋଷାକ, ଶିକ୍ଷାଦୀକ୍ଷାରେ ବେଶ୍ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ନିତି ଆୟୋଗ ଦ୍ୱାରା ୨୦୨୩ରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଦାରିଦ୍ର୍ୟ ସୂଚକାଙ୍କ ତାଲିକାରେ ଓଡ଼ିଶାର ଅଗ୍ରଗତି ପ୍ରଣିଧାନଯୋଗ୍ୟ। ୨୦୧୩-୧୪ ରେ ଓଡ଼ିଶାର ସ୍ଥାନ ଅତି ଦରିଦ୍ର ରାଜ୍ୟମାନଙ୍କ ମଧ୍ୟରେ (ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ତଳକୁ) ୫ମ ସ୍ଥାନରେ ଥିଲା ବେଳେ ୨୦୨୩ -୨୪ ରେ ଆଉ ଚାରୋଟି ସ୍ଥାନ ଉପରକୁ ଉଠି ଆମ ରାଜ୍ୟ ନବମ ସ୍ଥାନରେ ପହଞ୍ଚିଛି।

ଆମ ରାଜ୍ୟ ୨୦୩୬ ମସିହାରେ ତା'ର ପ୍ରତିଷ୍ଠା ଦିବସର ୧୦୦ ବର୍ଷ ପୂର୍ତ୍ତି କରିବାକୁ ଯାଉଛି। ୨୦୪୭ରେ ଭାରତ ସ୍ୱାଧୀନତା ପାଇବାର ଶତବାର୍ଷିକୀ ପାଳନ କରିବ। ଏହି ପରିପ୍ରେକ୍ଷୀରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପରିକଳ୍ପନାକୁ ସାକାର କରିବା ପାଇଁ ରାଜ୍ୟ ସରକାର ଦୁଇଟି ଭିଜନ ଡକ୍ୟୁମେଣ୍ଟ ପ୍ରକାଶ କରିଛନ୍ତି। କିନ୍ତୁ ଯାହା ଦେଖିବାକୁ ମିଳିଲା, ସେଥିରେ ପ୍ରଯୁକ୍ତି ବିଦ୍ୟାରେ ବ୍ୟବହାର ଏବଂ ଧାତୁ ଓ ଖଣିଜ ପଦାର୍ଥଭିତ୍ତିକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟନ ଉପରେ ପ୍ରାଧାନ୍ୟ ଦିଆଯାଇଥିଲେ ମଧ୍ୟ ପ୍ରକୃତି ଓ ପାରିପାର୍ଶ୍ୱିକ ପର୍ଯ୍ୟଟନ ଉପରେ ସେତେଟା ଗୁରୁତ୍ୱ ଦିଆଯାଇନାହିଁ। ସେହି କାରଣରୁ ବୋଧହୁଏ, କୋରାପୁଟର ପଟାଙ୍ଗୀ ଓ ଦେଓମାଳି, ରାୟଗଡ଼ାର ସିଜିମାଳି, ବାଫ୍ଲିମାଳି ଓ କଳାହାଣ୍ଡିର କରପାଟ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଥିବା ବକ୍ସାଇଟ୍ ରିଜର୍ଭକୁ ଦେବା ପାଇଁ ଶିଳ୍ପ ସଂସ୍ଥାମାନଙ୍କଠାରୁ ଟେଣ୍ଡର ଆହ୍ୱାନ କରାଯାଇଛି। ରାଜ୍ୟର ଶିକ୍ଷିତ, ବୁଦ୍ଧୀଜୀବୀ ଓ ପରବେଶବିତ୍‌ଙ୍କ ମଧ୍ୟରେ ଏହି ପ୍ରସ୍ତାବ ବିରୁଦ୍ଧରେ ଆଲୋଡ଼ନ ସୃଷ୍ଟି ହୋଇଛି।

ବିଡ଼ମ୍ବନାର ବିଷୟ ଏହି ଯେ ଯଦି ଓଡ଼ିଶା ମାନଚିତ୍ରରେ ଖଣିଜ ସମ୍ପଦ ଭରପୂର ଥିବା ଅଞ୍ଚଳକୁ ଚିହ୍ନଟ କରାଯାଏ ଏବଂ ଅନ୍ୟ ଏକ ମାନଚିତ୍ରରେ ରାଜ୍ୟରେ ଜଙ୍ଗଲ ଅଞ୍ଚଳକୁ ସୂଚିତ କରାଯାଏ ଏବଂ ଉଭୟ ମାନଚିତ୍ରକୁ ପରସ୍ପର ଉପରେ ଅଧାରୋପିତ କରାଯାଏ, ତେବେ ସ୍ପଷ୍ଟ ବାରି ହୋଇପଡ଼ିବ ଯେଉଁଠି ଖଣିଜ ସମ୍ପଦ ରହିଛି, ସେଠି ଜଙ୍ଗଲ ସମ୍ପଦ ମଧ୍ୟ ରହିଛି। ମୁଖ୍ୟ ଖଣିଜ ସଂପଦ ମିଳୁଥିବା ଜିଲ୍ଲା ଯଥା - କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ ଓ ଝାରସୁଗୁଡ଼ା ଆଦି ଜିଲ୍ଲାମାନଙ୍କରେ ଜଙ୍ଗଲ ସମ୍ପଦ ଯଥାକ୍ରମେ ୩୯, ୪୨, ୪୨ ଓ ୧୫ ପ୍ରତିଶତ ରହିଛି। ଆଲୁମିନିୟମ ଶିଳ୍ପ ପାଇଁ ଆବଶ୍ୟକ ବକ୍ସାଇଟ ଉପଲବ୍ଧ ହେଉଥିବା ଜିଲ୍ଲା ଯଥା ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡିରେ ମଧ୍ୟ ୩୨, ୧୯ ଓ ୨୪ ପ୍ରତିଶତ ଜଙ୍ଗଲ ସମ୍ପଦ ରହିଛି। ତେଣୁ ଅଧିକରୁ ଅଧିକ ଖଣିଜ ସମ୍ପଦ ବିନିଯୋଗ କରି ରାଜ୍ୟର ବିକାଶ ତଥା ଶିଳ୍ପାୟନର ପରିକଳ୍ପନା କଲେ ନିଶ୍ଚିତ ଭାବେ ଅଧିକରୁ ଅଧିକ ଜଙ୍ଗଲ କଟିବ ଓ ପରିବେଶ ଅସନ୍ତୁଳିତ ହେବ।

ବାସ୍ତବିକ ପ୍ରଗତି ଅର୍ଥ ପ୍ରକୃତି ସଂହାର ନୁହେଁ। ବରଂ ପ୍ରାକୃତିକ ସମ୍ବଳର ସୁଚିନ୍ତିତ ତଥା ବିଜ୍ଞ ବିନିଯୋଗ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରସ୍ତୁତ କରାଯାଇପାରିବ। ତାହା ହେବ ସହନୀୟ ବା ନିରନ୍ତର ବିକାଶ।

(ପୂର୍ବତନ ପ୍ରଧାନମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ମୁଁ ଶୁଣିଥିବା ଓ ଦେଖୁଥିବା ନେତା

ଜଗନ୍ନାଥ ବେହେରା

ଲାଗିଣ ବର୍ଷାରେ ବନ୍ୟା ଚାଲିଛି। ଘନ ଘନ ଲଘୁଚାପ ବିପ୍ରାତ ବଢ଼ାଉଛି। ନଦୀ, ନାଳ ଜଳପୂର୍ଣ୍ଣ। ଗାଁ ଗଣ୍ଡା ପାଣିରେ ବୁଡ଼ି ରହିଛି। ଗମନାଗମନ ଠପ୍। ଯିବା ଆସିବା ବନ୍ଦ। ଘରେ ଚୁଲି ଜଳୁ ନାହିଁ। ଚୁଡ଼ା ମୁଠାଏ ପାଟିରେ ଦେବାକୁ ନାହିଁ। ପାଣି ଘେରରେ ସମସ୍ତେ, ଅଥଚ ପିଇବା ପାଣି ନାହିଁ। ଖାଦ୍ୟ ଶସ୍ୟ ଭାସୁଛି, କିନ୍ତୁ ଖାଇବାକୁ ନାହିଁ। ପନିପରିବା ବୁଡ଼ି ସଢ଼ି ଯାଉଛି। ଲୋକ ବିକଳରେ ଚାହିଁଛନ୍ତି। ଆକୁଳେ ଅନାଇଛନ୍ତି। ଆତୁରେ ଚିତ୍କାର କରୁଛନ୍ତି। ହାତ ବଢ଼ାଇବା ଲୋକ ନାହିଁ। ଆହା କହିବାକୁ ପାଟି ନାହିଁ। ଲୁହ ପୋଛି ଦେବାକୁ ଗାମୁଛା ନାହିଁ। ଗୋରୁ ଗାଈ ଛିନଛତର। ଗୁହାଳ ନାହିଁ କି ଉଚ୍ଚା ଜାଗା ନାହିଁ। ଘରେ ଘରେ ପାଣି। ବିଛା କାମୁଡ଼ା, ସର୍ପାଘାତରେ ଅନେକ ଲୋକ ଆକ୍ରାନ୍ତ।

ମୁଁ କିନ୍ତୁ ଦେଖୁଛି ତଥାକଥିତ ମାଳମାଳ ନେତା। ବୁଟ୍ ସୁଟରେ ସ୍ୱେଚ୍ଛାସେବୀ ଦଳ ଦଳ। 'ମେ ଆଇ ହେଲ୍ପ ୟୁ' ଲେଖି ଗଣ୍ଡା ଗଣ୍ଡା କ୍ୟାମେରା ଧରି ବୁଲୁଥିବା ଲୋକ। ଏହା ଖାଲି ଫଟୋ ପାଇଁ ଛଟପଟ। ଭୋଟ ପାଇଁ ନାଟହାଟ। ଦରଦ ନାହିଁ। ଆନ୍ତରିକତା ଅଭାବ। ଲୋକ ଦେଖାଣିଆ ଆଜିର ଜନତା। ଲୋକ ଦେଖାଣିଆ ସହଯୋଗ ଆଉ ସାହାଯ୍ୟ। ହାତରୁ ଦେବେ ନାହିଁ। ସରକାର ଦେବା ରିଲିଫ୍ ଏମାନେ ବାଣ୍ଟିବେ। କାହାକୁ ଖଣ୍ଡେ କାହାକୁ ଅଧେ। ଫଟା ଜରି, ପୋକଡ଼ା ଚାଉଳ, ଗମୁଆ ଚୁଡ଼ା, ଡାଙ୍ଗ ମିଶା ଗୁଡ଼। କରିବେ କମ, କହିବେ ଅଧିକ। ପାଣିରେ ପଶିବେ ନାହିଁ। ଆକାଶରୁ ବନ୍ୟାଞ୍ଚଳ ପରିଦର୍ଶନ। ନିର୍ଦ୍ଦୟ ଓ ନିର୍ଲଜ୍ଜ ମଣିଷ ଏମାନେ।

ଉତ୍କଳ ଆଜି ଓଡ଼ିଶାରେ ରୂପାନ୍ତରିତ ହୋଇଛି; କିନ୍ତୁ ହଜି ଯାଇଛି ମାନବିକ ମୂଲ୍ୟବୋଧ, ଦାୟିତ୍ୱବୋଧ, ସହାନୁଭୂତି ଓ ନିଷ୍ଠାପରତା। ଭାଙ୍ଗି ଯାଇଛି ସାମାଜିକ ସମ୍ପର୍କ। ଏବେ ତୁମେ ଫେରିଆସ। ଯେଉଁଠି, ଯେଉଁ ପରିସ୍ଥିତିରେ ଥିଲେ ବି ଯେତେଶୀଘ୍ର ପାରୁଛ ଆସ। ତୁମର ଦାୟିତ୍ୱ ବଢ଼ିଯାଇଛି ପୂର୍ବାପେକ୍ଷା ଅଧିକ। ବନ୍ୟା ବିପ୍ରାତିତ ଉତ୍କଳ ଖୋଜୁଛି ତୁମକୁ। ବନ୍ୟାପୀଡ଼ିତ ଲକ୍ଷ ଲକ୍ଷ ବାସହୀନ ମଣିଷ ଖୋଜୁଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳ ବି ଖୋଜୁଛି - କାହାନ୍ତି ଉତ୍କଳମଣି? କାହାନ୍ତି ମାନବବାଦୀ ସେହି ମଣିଷ?' କାହିଁ ତୁମ ପରି ବିବେକୀ ପୁରୁଷ? ତୁମେ ତ ଜାଣ ଓଡ଼ିଶାରେ କେବେ ବଢ଼ି ତ କେବେ ପୁଣି ବାତ୍ୟାର ତାଣ୍ଡବ। ମୁଁ ଶୁଣିଥିବା ନେତା ତୁମେ, ଯିଏ କି ପାଣିରେ ପଶି ଯାଏ। ଘରେ ରୋଗୀଣା ପୁଅକୁ ଛାଡ଼ି ସ୍ତ୍ରୀ କଥା ଅମାନ୍ୟ କରି ସମସ୍ତଙ୍କୁ ନିଜର ଭାବି ଓ ନିଜର କରି ସମଦୃଷ୍ଟିରେ ସମସ୍ତଙ୍କୁ ଚାହିଁବା ଲୋକ ତୁମ ପରି କାହିଁ? କାହିଁ ଉତ୍କଳୀୟ ପରମ୍ପରା? କାହିଁ 'ନର ଦେହେ ନାରାୟଣ'ଙ୍କୁ ଦର୍ଶନ କରୁଥିବା ମହାପୁରୁଷ? କାହିଁ ସେ ଉତ୍କଳକୁ ପରିବାର ମାନୁଥିବା ଲୋକ, ଯିଏ କହୁଥିବ 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତୁ ପିଠିରେ / ସ୍ୱଦେଶ ପଥେ ଯେତେ ଅଛି ଗାଡ଼, ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼।' ଆଉ କିଏ ଖଞ୍ଜଣି ବାହି ଗାଉଥିବ 'ପ୍ରାଣୀର ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ି ଥାଉ ଜଗତ ଉଦ୍ଧାର ହେଉ।'

ଆଜି ସେହି ରାଜ୍ୟ ଅଛି, କିନ୍ତୁ ସେହି ଲୋକ ନାହାନ୍ତି। ସେହି ଚିଲିକା ଅଛି, କିନ୍ତୁ ରାଧାନାଥ ନାହାନ୍ତି। ଚନ୍ଦ୍ରମା ଅଛି, କିନ୍ତୁ ମେହେର ନାହାନ୍ତି। ଓଡ଼ିଆ ଅକ୍ଷର ଅଛି, କିନ୍ତୁ ଅନୁପ୍ରାସ ଲେଖା ନାହିଁ। ଭାଗବତ ଟୁଙ୍ଗି ଅଛି, କିନ୍ତୁ ସନ୍ଧ୍ୟା ପ୍ରାର୍ଥନା ନାହିଁ। ମହାନଦୀ ଅଛି, କିନ୍ତୁ ବାଜି ରାଉତ ନାହାନ୍ତି। କୋଣାର୍କ ଅଛି, କିନ୍ତୁ ଧର୍ମପଦ ନାହାନ୍ତି। ଏଠି ଆଉ ଦୟା, ପରୋପକାର, ନିଃସ୍ୱାର୍ଥ ସେବା ଦେବା ମଣିଷ ନାହାନ୍ତି। ସେବାଶୁଶ୍ରୂଷା ମନ ନାହିଁ କି ଭୋକିଲା ପେଟକୁ ଚିହ୍ନିବା ଲୋକ ନାହିଁ। ଦୀନଦରିଦ୍ର ପାଇଁ କେହି କାନ୍ଦନ୍ତି ନାହିଁ। ବନ୍ୟା ଜଳରୁ ଉଦ୍ଧାର କେହି କରନ୍ତି ନାହିଁ। ଅହିଂସା ପଥରେ କେହି ପାଦ ପକାନ୍ତି ନାହିଁ। ଉତ୍କଳ ଅଛି, କିନ୍ତୁ ଶାନ୍ତି-ମୈତ୍ରୀ-ସମାନତାର ମହାମନ୍ତ୍ର ନାହିଁ।

ଆଜିର ସେବା ମୂଳରେ ଏକ ଗୁପ୍ତ ଉଦେଶ୍ୟ ନିହିତ। ଭୋଟ ପାଇଁ ଆଶା, ପୁରସ୍କାର ପାଇଁ ତୃଷା। ବେକକୁ ଫୁଲ ମାଳ ଆଉ କାନକୁ ବାହା ବାହା ପ୍ରଶଂସା। ଏମାନେ ସେବା ପାଇଁ ଦରମା ମାଗନ୍ତି। ପେନସନ ନେଉଛନ୍ତି। ଗାଡ଼ି ଘୋଡ଼ା ଦାବି କରନ୍ତି। ମଉଜ ମଜଲିସ୍‌ରେ ଦିନ କାଟନ୍ତି।

ନେତା ଅଛନ୍ତି ହେଲେ ନୈତିକତା ନାହିଁ। ଦାତା ଅଛନ୍ତି କିନ୍ତୁ ନିର୍ଲୋଭ ନାହାନ୍ତି। ସହଯୋଗୀ ହାତ ଅଛି, କିନ୍ତୁ ସମ୍ପୂର୍ଣ୍ଣତା ନାହିଁ। ଏଠି ଦାନ ଦେବା ବେଳେ ଚିହ୍ନା-ଅଚିହ୍ନା ମୁହଁ ଦେଖାଯାଏ, ଜାତି-ଅଜାତି ବାଛବିଚାର ହୁଏ, ଧର୍ମ-ଅଧର୍ମ ଖୋଜାପଡ଼େ। ଦାନ ଦେଇ ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବେ। 'ଦେଲି ଦେଲି' ଗାଇହେବେ। 'ମୁଁ' କାର ଅଧିକ। 'ଆମ୍ଭେ', 'ଆମର' ଆଉ 'ମୁଁ' ଭିତରେ ସୀମିତ ଏମାନଙ୍କ ଭାଷଣ। ନେତା ସପକ୍ଷ-ବିପକ୍ଷ ଭିତରେ ମତାନ୍ତର।

ଭଙ୍ଗା ଘର ସଜାଡ଼ିବାକୁ 'ପିସି' ଦରକାର। ଉଜୁଡ଼ା ଚାଷକୁ ରିହାତି ପାଇଁ 'ପିସି'। ବିନା 'ପିସି'ରେ ବିଷ ବି ନାହିଁ। ବଦଳି ଯାଇଛି ମଣିଷର ଚିତ୍ର, ଚରିତ୍ର ଓ ମନୋଭାବ। ତେଣୁ ତୁମ ଛଡ଼ା ଆଉ ଅନ୍ୟ ନେତାର ଆବଶ୍ୟକ ନାହିଁ। ଆମକୁ ବନ୍ଧୁ ଦରକାର। ବୁଡ଼ିରେ, ପୋଡ଼ିରେ ପାଖରେ ଠିଆ ହେଉଥିବା ନିଃସ୍ୱାର୍ଥପର ବନ୍ଧୁ। ତ୍ୟାଗ, ସେବା, ଦୟା, ସମତା, ପୂର୍ଣ୍ଣଦରଦୀ ମଣିଷଟିଏ ଦରକାର। ସେହି ଉତ୍କଳ ଦରକାର, ଯେଉଁଠି ଅଭାବ, ଅନଟନ, ମିଥ୍ୟା, ପ୍ରହସନ ଓ ଛଳନା ନଥିବ। ଥିବ କେବଳ ତୁମ ପରି ଅବେଳରେ ସାହାଯ୍ୟକାରୀ ବନ୍ଧୁଟିଏ, ମହାପୁରୁଷ ଟିଏ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

# ମଧ୍ୟମ ପୁରୁଷ: ଶ୍ରଦ୍ଧାକର ସୂପକାର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ନିଜ ନାମକୁ ସାର୍ଥକ କରିଦେଇ ପାରିଥିବା ଜଣେ ବିରଳ ସାହିତ୍ୟ-ଶିଳ୍ପୀ ସେ। ଜନ-ପ୍ରତିନିଧି ଓ ଶିକ୍ଷାବିତ୍ ଭାବରେ ଉତ୍ସର୍ଗୀକୃତ ଚେତନାର ପ୍ରତୀକ। ସମାଜ-ସେବା ନିମିତ୍ତ ସେ ଆଲୋକ ଆହରଣ କରୁଥିଲେ ବିବିଧ ମହତ ଗ୍ରନ୍ଥ-ଅଧ୍ୟୟନ ଓ ସାହିତ୍ୟ-ସର୍ଜନାରୁ। ଆଦ୍ୟ ଯୌବନରେ କବିତାର ପଦପଂକ୍ତି ମଧ୍ୟରେ ଯତ୍ନର ସହିତ ସେ ସାଇତି ରଖିଛନ୍ତି 'ପ୍ରେମର ଅନେକ ରଙ୍ଗ'। ସେହି ପ୍ରେମାନୁରାଗ ତାଙ୍କ ଶ୍ରଦ୍ଧାଶୀଳତାକୁ କ୍ରମଶଃ ଯେପରି ସୁବିକଶିତ କରିଦେଇଛି, ସେଥିରେ ହିଁ ତାଙ୍କ ଅନ୍ତରାତ୍ମାର ପବିତ୍ର ପରିଚିତି ପ୍ରତିଭାତ।

ପ୍ରବନ୍ଧ, ସାହିତ୍ୟ ସମାଲୋଚନା, ନାଟକ, ଜୀବନୀ, ଆତ୍ମଜୀବନୀ, ଗଳ୍ପ, ଭ୍ରମଣାନୁଭୂତି ଆଦି ବିଭାଗରେ ତାଙ୍କ ଲେଖନୀ ଚାଳନା ଯେଉଁ ସିଦ୍ଧିର ସଂକେତ ବହନ କରେ, ସେଥିରେ ସ୍ୱତଃ ପ୍ରତିଫଳିତ ହୋଇଯାଏ ତାଙ୍କ ତାଙ୍କ ନିଃସର୍ତ୍ତ ବାଣୀ-ଉପାସନା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଚରିତ୍ରକୁ ନାଟ୍ୟମଞ୍ଚ ଉପରେ ପ୍ରାଣବନ୍ତ ରୂପରେ ପ୍ରତିଷ୍ଠିତ କରିଦେବାର ସ୍ୱପ୍ନ ତାଙ୍କୁ ହିଁ ପ୍ରଥମେ ଭାବାଚ୍ଛନ୍ନ କରି ତୋଳିଥିଲା। ସେଥିପାଇଁ ସେ ରଚନା କଲେ 'କସ୍ତୁରୀମୃଗ' ନାଟକ। ଏହି କଳାତ୍ମକ ନାମକରଣ ମଧ୍ୟରେ ପ୍ରସ୍ଫୁଟିତ ହୋଇଛି ତାଙ୍କ କ୍ଲାସିକ ଅଭିରୁଚିର ଅନ୍ତର୍ନିହିତ ସୌନ୍ଦର୍ଯ୍ୟବୋଧ। ସଂଳାପରେ ସ୍ଥାନୀୟ ଭାଷାର ବ୍ୟବହାର ନାଟକକୁ କରିଛି ବାସ୍ତବତା-ଅଭିମୁଖୀ। ବୀର ସୁରେନ୍ଦ୍ର ସାଏଙ୍କ ଚରିତ-ଆଶ୍ରିତ ନାଟ୍ୟ ପରିକଳ୍ପନା ତାଙ୍କ ଦେଶାତ୍ମବୋଧର ପ୍ରଭାବଶାଳୀ ଅଭିବ୍ୟକ୍ତି। ସମ୍ବଲପୁରର ସୁପ୍ରସିଦ୍ଧ ଡାକ୍ତର ଆର୍ତ୍ତବନ୍ଧୁ ଆଇଜାକ ସାନ୍ତ୍ରାଙ୍କ ନିଃସ୍ୱାର୍ଥ ସେବା ଏବଂ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୀବନାଲେଖ୍ୟ ମଧ୍ୟ ଉପସ୍ଥାପିତ ହେଲା ତାଙ୍କ ଲେଖନୀ ମୁନରେ।

ଶ୍ରଦ୍ଧାକର ସୂପକାରଙ୍କ ରଚନାବଳୀ ମଧ୍ୟରେ ଅନ୍ତର୍ଭୁକ୍ତ 'ଗଳ୍ପାଞ୍ଜଳି', 'ଜୁଆରଭଟ୍ଟା', 'ଗୋଟିଏ କରୁଣରାତି', 'ବିଷକନ୍ୟା' ଗଳ୍ପ ପୁସ୍ତକ। ଅନ୍ୟାନ୍ୟ ରଚନା ଭିତରେ ଏକାଧିକ ଭ୍ରମଣବୃତ୍ତାନ୍ତ ଆଉ ସୁପ୍ରସିଦ୍ଧ ପୁସ୍ତକ 'ସ୍ତୂପ'। 'ଗୋଟିଏ କରୁଣ ରାତି' ଗଳ୍ପଟି କବି ଗଙ୍ଗାଧରଙ୍କ ପତ୍ନୀବିୟୋଗ ଘଟଣା ଆଧାରିତ। କବିଙ୍କ 'ତପସ୍ୱିନୀ' କାବ୍ୟ ସମ୍ପର୍କରେ ତାଙ୍କ ଉଚ୍ଚକୋଟୀର ତୁଳନାତ୍ମକ ଆଲୋଚନା ମଧ୍ୟ ସପ୍ତର୍ଷିରେ ପ୍ରକାଶିତ। ଶ୍ରଦ୍ଧାକର ସୂପକାରଙ୍କ ସମ୍ବେଦନଶୀଳ ଅନ୍ତରକୁ ସ୍ପର୍ଶ କରିହୁଏ କେତେକ ଗଳ୍ପ ରଚନାରେ ମଧ୍ୟ। ହୀରାକୁଦ ବନ୍ଧ ନିର୍ମାଣ ସମୟର ବିସ୍ଥାପିତ ଚରିତ୍ର ପାଠକ ଆଖିକୁ ଲୋତକାର୍ଦ୍ର କରିଦିଏ। ସ୍ୱରଚିତ ଆତ୍ମଜୀବନୀ 'ମଧ୍ୟମ ପୁରୁଷ' ଓ 'ଅସ୍ତରାଗ'ରେ ଜୀବନାନୁଭୂତି ସହିତ ତାଙ୍କର ଜୀବନାଦର୍ଶର ଅଭିବ୍ୟକ୍ତି ଏହି କାରଣରୁ ହୋଇପାରିଛି ଏକାନ୍ତ ପ୍ରାଣସ୍ପର୍ଶୀ। ଯେଉଁ ମହାନ ଭୂମିପୁତ୍ରଙ୍କ ଜୀବନାଦର୍ଶ ତାଙ୍କୁ ଭାବ-ସ୍ପନ୍ଦିତ କରି ରଖୁଥିଲା ତାହା ହିଁ ତାଙ୍କ ସୃଜନଶୀଳତାର ମୂଳ ଉତ୍ସ ବୋଲି ଅନୁଭୂତ ହୁଏ।

ଜଣେ ଭାବ-ସ୍ପନ୍ଦିତ ଲେଖକ ମହନୀୟ ଜୀବନାଦର୍ଶକୁ ରୂପାୟିତ ନ କରିବା ପର୍ଯ୍ୟନ୍ତ ତୃପ୍ତ ହୁଏନାହିଁ। ନୋବେଲ ବିଜୟୀ ରୋମାରୋଲାଁଙ୍କ ହୃଦୟ ଅନିର୍ବଚନୀୟ ଶାନ୍ତି ଲାଭ କରିଛି ଯେତେବେଳେ ସେ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ମହାତ୍ମାଗାନ୍ଧୀଙ୍କ ଜୀବନୀ ରଚନା କରିପାରିଛନ୍ତି ଧ୍ୟାନସ୍ଥ ଚିତ୍ତରେ। ବଙ୍ଗଳା କଥା ସାହିତ୍ୟରେ ଲୋକପ୍ରିୟ ଅଚିନ୍ତ୍ୟ କୁମାର ସେନଗୁପ୍ତ ଶ୍ରୀରାମକୃଷ୍ଣଙ୍କ ଜୀବନ ପ୍ରସଙ୍ଗ ବର୍ଣ୍ଣନାରେ ହିଁ ନିଜ ଶିଳ୍ପୀ ଜୀବନର ସାର୍ଥକତା ଉପଲବ୍ଧି କରିଛନ୍ତି। ସେହିଭଳି ଶ୍ରଦ୍ଧାକର ସୂପକାର ମହିମାନ୍ୱିତ ହୋଇପାରିଛନ୍ତି ମହାପୁରୁଷମାନଙ୍କ ପ୍ରତି ତାଙ୍କର ଆନ୍ତରିକ ଅନୁରକ୍ତି କାରଣରୁ। କାଳର ବିଶାଳ ପ୍ରବାହରେ ଦୁର୍ବଳ, ଅସହାୟ, ହତଭାଗ୍ୟ ପ୍ରାଣୀ ଭିତରେ ଆଶା ଓ ଆଶ୍ୱାସନା ଭରି ଦେଇପାରିଥିବା ବ୍ୟାସ, ବାଲ୍ମୀକି, ଯୀଶୁ, ବୁଦ୍ଧ ଥିଲେ ତାଙ୍କ ପାଇଁ ପ୍ରେରଣାର ବଳିଷ୍ଠ ଉତ୍ସ। ସୁବିରଳ ଶ୍ରଦ୍ଧା-ସ୍ପନ୍ଦିତ ତାଙ୍କ ଚେତନାରେ ଆଦର୍ଶ କବି ଓ ମହାପୁରୁଷମାନେ ଯେଉଁ ଅଲିଭା ରେଖା ଟାଣି ଦେଇଛନ୍ତି ତାହାର ଅର୍ଥପୂର୍ଣ୍ଣ ସ୍ଫୁରଣ ହେଉଛି ତାଙ୍କ ଅନାବିଳ ସାହିତ୍ୟ-କୃତି। ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନକୁ ନେଇ ତାଙ୍କ ରଚିତ ପୁସ୍ତକ ସେହି ଭାବଧାରା ଧାରଣ କରି ସାର୍ଥକ। ଯେଉଁ ସାହିତ୍ୟଶିଳ୍ପୀ ମଧ୍ୟରେ ସ୍ୱଦେଶର କୃତୀ ସନ୍ତାନଙ୍କ ପ୍ରତି ଅନୁରାଗ ଉକୁଟି ଉଠେ, ସେମାନେ ସାଧାରଣ ଜନତାର ସୁଖଦୁଃଖରେ ସର୍ବଦା ବିଜଡ଼ିତ। ବିଡ଼ମ୍ବନା ଯେ ଓଡ଼ିଆ ସାହିତ୍ୟ ପ୍ରତି ଶ୍ରଦ୍ଧାକରଙ୍କ ଶ୍ରଦ୍ଧା-ସ୍ପନ୍ଦିତ ଅବଦାନର ପ୍ରକୃତ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ।

ସେ ମହାକାଳର ପ୍ରବାହରେ ଚିରସ୍ମରଣୀୟ ହୋଇ ରହିବାର ଇଚ୍ଛା ପ୍ରକଟ କରନ୍ତି ନାହାନ୍ତି, ବରଂ ନିଜକୁ ଏକ ବୁଦବୁଦ ବୋଲି ଚିତ୍ରଣ କରି ଚିରନ୍ତନ ସତ୍ୟକୁ ସ୍ୱୀକାର କରିଛନ୍ତି୧ ସେ ପୁରୁଷୋତ୍ତମ ଓ ଉତ୍ତମଙ୍କ ମଧ୍ୟବର୍ତ୍ତୀ ସ୍ଥାନରେ ଏକ କ୍ଷଣିକ ଜୀବନ-ସ୍ପନ୍ଦନ। ତେଣୁ ନିଜକୁ 'ମଧ୍ୟମ ପୁରୁଷ' ଭାବରେ ସେ ଚିତ୍ରଣ କରିବା କି ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ! ଆମେ ବି ସମସ୍ତେ ତାହା ହିଁ। ମଧ୍ୟମ ପୁରୁଷଙ୍କୁ ମଧ୍ୟମ ମାଧ୍ୟମରେ ଆମର ପ୍ରଣାମ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇତିହାସ ରଚିଲେ...

ଅଫ୍ ଏକ୍ସଲେନ୍ସ' ସ୍ଥାପନରେ ମଧ୍ୟ ତାଙ୍କର ଭୂମିକା ଥିଲା। ଏହା ପୂର୍ବରୁ ସେ ତିନି ସେନାର ପ୍ରଥମ ମହିଳା ଅଧିକାରୀ ଭାବେ ଏକ ସୈନିକ ସ୍କୁଲ୍‌ର ନେତୃତ୍ୱ ନେଇଥିଲେ। କପୁରଥଲା ସୈନିକ ସ୍କୁଲ୍‌ର ପ୍ରଧାନାଚାର୍ଯ୍ୟ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ଶକ୍ତି ଶର୍ମାଙ୍କ ଏହି ସଫଳତା ପ୍ରତିରକ୍ଷା ବାହିନୀରେ ମହିଳା ନେତୃତ୍ୱର ବଢୁଥିବା ଭୂମିକାର ଏକ ବଡ଼ ଉଦାହରଣ ହୋଇଛି। ତାଙ୍କ ଉପଲବ୍ଧି ଆଗାମୀ ପିଢ଼ିର ମହିଳା ଅଧିକାରୀଙ୍କ ପାଇଁ ପ୍ରେରଣା ପାଲଟିଛି। ଏହି ସଫଳତା ପାଇଁ ଶକ୍ତି ଶର୍ମାଙ୍କୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

### ମାର୍ଶାଲ ଜିତେନ୍ଦ୍ର ମିଶ୍ର...

ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ଯେ ଚାନ୍ଦା ଚୋରି ଅଭିଯୋଗ ନେଇ ରାମ ମନ୍ଦିର ଟ୍ରଷ୍ଟ ବିବାଦ ଘେରରେ ରହିଛି। ଏହି ମାମଲାରେ ୮ ଜଣ କର୍ମଚାରୀ ଗିରଫ ହୋଇଥିବା ବେଳେ ଟ୍ରଷ୍ଟର ସଂପାଦକ ପଦରୁ ଚମ୍ପତ ରାୟ ଇସ୍ତଫା ଦେଇଥିଲେ। ସୁପ୍ରିମ କୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ମାମଲାର ତଦନ୍ତ କରୁଥିବା ବେଳେ ମନ୍ଦିର ଟ୍ରଷ୍ଟରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଗୋବିନ୍ଦ ଦେବ ଗିରିଙ୍କୁ ନୂଆ ସଚିବ ଭାବେ ନିଯୁକ୍ତ କରାଯାଇଛି। ଟ୍ରଷ୍ଟରେ ଆଉ ୩ ଜଣ ନୂଆ ସଦସ୍ୟଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ଦିଲ୍ଲୀର ମହେଶ ଭଗଚନ୍ଦକା, ଅଯୋଧ୍ୟାର ଆଇନଜୀବୀ ମଦନ ମୋହନ ପାଣ୍ଡେ ଏବଂ ଶିକୋହାବାଦର ନିର୍ମଳା ଯାଦବ। ନିର୍ମଳା ଯାଦବ ଟ୍ରଷ୍ଟର ପ୍ରଥମ ମହିଳା ସଦସ୍ୟ ହୋଇଛନ୍ତି। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ସଂପୃକ୍ତ ଥିବା କୁହାଯାଇଛି। ନୂଆ ବ୍ୟବସ୍ଥାରେ ଟ୍ରଷ୍ଟର ଶୀର୍ଷରେ ଅଧ୍ୟକ୍ଷ ରହିବେ ଏବଂ ତାଙ୍କ ପରେ ସିଇଓ ଭାବେ ଜିତେନ୍ଦ୍ର ମିଶ୍ର ଦୈନିକ ପରିଚାଳନା ଦେଖିବେ। ତାଙ୍କ ଅଧୀନରେ ଯନ୍ତ୍ରୀ, ଆର୍ଥିକ ବିଶେଷଜ୍ଞଙ୍କ ସମେତ ପ୍ରାୟ ୧୫୦୦ରୁ ୨୦୦୦ କର୍ମଚାରୀଙ୍କ ଏକ ବୃତ୍ତିଗତ ଦଳ କାର୍ଯ୍ୟ କରିବାର ଯୋଜନା ରହିଛି।

### ୧୪ରେ ଆସୁଛି...

ଓ ରାଜଘାଟ୍‌ଠାରେ ବନ୍ୟାଜଳ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଅନ୍ୟପଟେ ବୈତରଣୀରେ ମଧ୍ୟ ଜଳସ୍ତର ଆଖୁଆପଦାଠାରେ ବିପଦ ସଂକେତ ନିକଟରେ ରହିଛି। ଆଖୁଆପଦାଠାରେ ବୈତରଣୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି।

### କେନ୍ଦ୍ରୀୟ ସହାୟତାରୁ...

ପଣ୍ଟୀ ଅଭିଯୋଗକୁ ଖଣ୍ଡନ କରିବା ସହ ନିଗମ ନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା କହିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍‌ଧ କରି ଆୟୋଗ ଏହା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ସ୍ପଷ୍ଟୀକରଣ ତଲବ କରିବା ପରେ ଓପିଟିସିଏଲ୍ ନିଜର ତ୍ରୁଟି ସ୍ୱୀକାର କରିଥିବା ସୂଚନା ମିଳିଛି। କେନ୍ଦ୍ର ଓ ରାଜ୍ୟ ତଥ୍ୟ ମଧ୍ୟରେ ଥିବା ବୃହତ ଭିତ୍ତିଭୂମି ତଥ୍ୟ ପାର୍ଥକ୍ୟକୁ ସମତୁଲ କରିବା ପାଇଁ ଯଥାଶୀଘ୍ର ଆବଶ୍ୟକୀୟ ସଂଶୋଧନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓପିଟିସିଏଲ୍ କର୍ତ୍ତୃପକ୍ଷ ଆୟୋଗଙ୍କୁ ଅବଗତ କରାଇଛନ୍ତି। ଯଦି ଓପିଟିସିଏଲ ଉକ୍ତ ଭୁଲ ତଥ୍ୟ ଦାଖଲକୁ ସ୍ୱୀକାର କରି ତାହାର ସୁଧାର ଆଣିବା ପାଇଁ ପ୍ରଥମ ଉତ୍ତରରେ କହିଥାନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ଶକ୍ତି ସମୀକ୍ଷକ ଅଭିଯୋଗ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ତଥ୍ୟରେ ଥିବା ବଡ଼ ବ୍ୟବଧାନ ଉପରେ ସଠିକ ତର୍ଜମା ଓ ସଂଶୋଧନ ନହେଲେ ଭବିଷ୍ୟତରେ ରାଜ୍ୟବାସୀଙ୍କ ଉପରେ ଶୁଳ୍କ ବୋଝ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

### ପୁଣି ଝୁଲିଲା...

ଆଇନଜୀବୀ ରାଜୁ ରାମଚନ୍ଦ୍ରନ୍ ମଧ୍ୟ ତାଙ୍କ ରିପୋର୍ଟ ଦାଖଲ କରିଛନ୍ତି। ଓଡ଼ିଶା ଡିଜିପି ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ୨୦୦୬ର ପ୍ରକାଶ ସିଂହ ରାୟରେ ଧାର୍ଯ୍ୟ ନିୟମ ପାଳନ କରିନାହାନ୍ତି ବୋଲି ଅଭିଯୋଗ କରି ଜୟନ୍ତ ଦାସ ପିଆଇଏଲ୍ ଦାଖଲ କରିଛନ୍ତି। ବିଶେଷକରି ଡିଜିପି ପଦ ପାଇଁ ଯୋଗ୍ୟ ଅଧିକାରୀଙ୍କ ପ୍ୟାନେଲକୁ ରାଜ୍ୟ ସରକାର ବୃଦ୍ଧି କରିଥିବା ଓ ତୁଳନାତ୍ମକ ଭାବେ କନିଷ୍ଠ ଅଧିକାରୀଙ୍କୁ ଡିଜିପି ପଦ ପାଇଁ ବିଚାର ପରିସରକୁ ଆଣିବାକୁ ଉଦ୍ୟମ ହୋଇଥିବା ନେଇ ଆବେଦନରେ ପ୍ରଶ୍ନ ଉଠାଇଛନ୍ତି। ଏପ୍ରିଲରେ ରାଜ୍ୟ ସରକାର ଡିଜି ପାହ୍ୟାର ୩ ଜଣ ଅଧିକାରୀଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିଲେ। ପରେ ମେ'ରେ ଆଉ ୮ ଜଣ ଏଡିଜି ରାଙ୍କର ଅଧିକାରୀଙ୍କୁ ଯୋଡ଼ି ପ୍ୟାନେଲକୁ ୧୧ ଜଣ କରାଯାଇଥିଲା। ଏହାପରେ ଅଗଷ୍ଟ ୧୦ରେ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା। ଏହି ପଦୋନ୍ନତିର ସମୟ ଓ ଏହା ପରେ ଡିଜିପି ଚୟନ ପାଇଁ ନାମ ପଠାଇବା ପ୍ରକ୍ରିୟାକୁ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା ଓ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରୁଥିବା ଅଧିକାରୀଙ୍କ ନାମ ୟୁପିଏସ୍‌ସିକୁ ପଠାଇବାର ଅଧିକାର ରାଜ୍ୟ ସରକାରଙ୍କର ରହିଛି ବୋଲି ପକ୍ଷ ରଖିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠ ପାଇବା ପରେ ଆବେଦନକାରୀଙ୍କ ପକ୍ଷରୁ ରିଜଏଣ୍ଡର୍ ଦାଖଲ କରାଯାଇଛି। ସେଥିରେ ନୂଆ ଦିଗକୁ ନେଇ ଆପତ୍ତି ଉଠାଇଛନ୍ତି ଆବେଦନକାରୀ।

ଓଡ଼ିଶା ଡିଜିପି ପଦ ପାଇଁ ସମ୍ଭାବ୍ୟ ଅଧିକାରୀଙ୍କ ନାମ ଚୂଡ଼ାନ୍ତ ନ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନ୍ତରୀଣ ନିର୍ଦ୍ଦେଶ ଏବେ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଫଳରେ ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପରେ ହିଁ ଡିଜିପି ଚୟନ ପ୍ରକ୍ରିୟାର ପରବର୍ତ୍ତୀ ଦିଗ ସ୍ପଷ୍ଟ ହେବ। ପୂର୍ବତନ ଡିଜିପି ୱାଇ.ବି. ଖୁରାନିଆଙ୍କ ଅବସର ପରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ କାମଚଳା ଡିଜି ଭାବେ ନିଯୁକ୍ତି ଦିଆଯାଇଛି। ତେଣୁ ସ୍ଥାୟୀ ଡିଜିପି ନିଯୁକ୍ତି ନେଇ ସୁପ୍ରିମକୋର୍ଟର ଆଗାମୀ ରାୟ ଓ ନିର୍ଦ୍ଦେଶ ଉପରେ ଏବେ ନଜର ରହିଛି।

### ସେଚ ପ୍ରକଳ୍ପ...

ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶର ବ୍ୟାପକ ସଫଳତା ସମ୍ପର୍କରେ ଉପସ୍ଥାପନା କରିଥିଲେ। ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର(ଆଇଏସଏସ) କାର୍ଯ୍ୟ ଶେଷ ହୋଇଥିବା ବେଳେ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି। ଏହା ସହିତ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ବର୍ଷକ ମଧ୍ୟରେ ଆଉ ୧୪ଟି ଆଇଏସଏସ ପ୍ରକଳ୍ପ ଏବଂ ୬ଟି ମିଡିଅମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ। ବର୍ତ୍ତମାନ ୫ଟି ନୂଆ ମେଜର ଓ ମିଡିଅମ୍, ୫୮ଟି ମେଗା ଲିଫ୍ଟ ଏବଂ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହିସବୁ ପଦକ୍ଷେପ ପାଇଁ ପୂର୍ବରୁ ପଞ୍ଚମ ରାଷ୍ଟ୍ରୀୟ ଜଳ୍ ପୁରସ୍କାରରେ ଓଡ଼ିଶା 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଅଦାଲତରେ ରିଭିଜନ...

ସେସନ୍ସ କୋର୍ଟରେ ରିଭିଜନ ପିଟିସନ ଦାଏର କରିଥିଲେ। ରିଭିଜନ ଶୁଣାଣି ସମୟରେ ପ୍ରତିପକ୍ଷ ପକ୍ଷରୁ ଯୁକ୍ତି ଦିଆଯାଇଥିଲା ଯେ ବିଏନ୍‌ଏସ୍‌ଏସ୍‌ର ଧାରା ୧୭୩(୪) ଅନୁଯାୟୀ ଥାନାରେ ଏତଲା ରୁଜୁ ନ ହେଲେ ଅଭିଯୋଗକାରୀଙ୍କୁ ଏସ୍‌ପି ବା ଡିସିପିଙ୍କ ନିକଟକୁ ଏତଲାର ସାରାଂଶ ଡାକଯୋଗେ ପଠାଇବାକୁ ପଡ଼େ। ଏହି ମାମଲାରେ ସେହି ପ୍ରକ୍ରିୟା ପାଳନ ହୋଇନଥିବା ଯୁକ୍ତିରେ ଅଦାଲତ ସହମତ ହୋଇଛନ୍ତି। ଅଦାଲତଙ୍କ ରାୟରେ କୁହାଯାଇଛି ଯେ ୨୦୨୪ ମସିହା ଅଗଷ୍ଟ ୧୯ ତାରିଖରେ ଡିସିପିଙ୍କ ନିକଟରେ ଦିଆଯାଇଥିବା ରିପୋର୍ଟଟି ଅତ୍ୟନ୍ତ ସଂକ୍ଷିପ୍ତ ଥିଲା ଏବଂ ଅଗଷ୍ଟ ୧୪ରେ କ୍ୟାପିଟାଲ ଥାନାରେ ଦିଆଯାଇଥିବା ଏତଲାର ବିଷୟବସ୍ତୁ ଏଥିରେ ଉଲ୍ଲେଖ ହୋଇ ନ ଥିଲା। ଏହାଛଡ଼ା ରିପୋର୍ଟଟି ଡାକଯୋଗେ ପଠାଯାଇ ନ ଥିବା ଏବଂ ଡିସିପି କାର୍ଯ୍ୟାଳୟରେ ଦାଖଲ ହୋଇଥିବା ରସିଦର ପ୍ରାମାଣିକତା ମଧ୍ୟ ସ୍ପଷ୍ଟ ହୋଇନାହିଁ। ମାମଲାର ଅଭିଯୋଗଗୁଡ଼ିକୁ ମଧ୍ୟ କୋର୍ଟ ବିସ୍ତୃତ ଭାବେ ଯାଞ୍ଚ କରିଛନ୍ତି। ଅଭିଯୋଗକାରୀ ଆର୍‌ଟିଆଇ ମାଧ୍ୟମରେ ସଂଗୃହୀତ ତଥ୍ୟ ଆଧାରରେ ସରକାରୀ ଅର୍ଥ ଅପବ୍ୟବହାର ଅଭିଯୋଗ କରିଥିଲେ।

### ସନ୍ଦେହରେ ଜିଡିପି...

ପ୍ରତି ୬ ଜଣ ଭାରତୀୟ ଯୁବକଙ୍କ ମଧ୍ୟରୁ ଜଣେ ବେରୋଜଗାର। ପ୍ରତିବର୍ଷ ୨ କୋଟି ନିଯୁତ ନିଯୁକ୍ତି ସୃଷ୍ଟି କରିବାର ପ୍ରତିଶ୍ରୁତି ଏବେ ଭାଙ୍ଗିଯାଇଛି। ସେ କହିଛନ୍ତି ଯେ ଖୁଚୁରା ମୁଦ୍ରାସ୍ଫୀତି ୧୯ ମାସର ସର୍ବୋଚ୍ଚ ସ୍ତରରେ ଅଛି, ଏବଂ ଚିନି, ପିଆଜ, ଟମାଟୋ, ଡାଲି, ରନ୍ଧନ ତେଲ, ଚାଉଳ, କ୍ଷୀର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ରୋଷେଇ ସାମଗ୍ରୀର ମୂଲ୍ୟ ଜଙ୍ଗଲରେ ନିଆଁ ପରି ମାଡି ଚାଲିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଭାରତର ଦ୍ରୁତ ଜିଡିପି ଅଭିବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଯଦି ଦେଶର ଅର୍ଥନୀତି ଏତେ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ତେବେ କାହିଁକି ଯୁବବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ। ରାଜନ କହିଛନ୍ତି ଯେ ତାଙ୍କର ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ଉପରେ ସନ୍ଦେହ ଅଛି। ଏକ ସାକ୍ଷାତକାରରେ ରାଜନ ପ୍ରଶ୍ନ କରିଛନ୍ତି ଯେ ଯଦି ଅର୍ଥନୀତି ପ୍ରକୃତରେ ଏତେ ଦ୍ରୁତ ଗତିରେ ବୃଦ୍ଧି ପାଉଛି ତେବେ କାହିଁକି ଅଧିକ ଚାକିରି ଏବଂ ଅଧିକ ନିବେଶ ଆସୁନାହିଁ। ଆମର ଶିଳ୍ପପତିମାନେ ନିବେଶ କରିବାକୁ ଏତେ ସଙ୍କୋଚ କରୁଛନ୍ତି କାହିଁକି ? କାହିଁକି ବଡ଼ ସ୍ତରରେ ଏଫ୍‌ଡିଆଇ ଆସୁନାହିଁ। ଆମେ କେତେଦିନ ଯାଏ ଏଭଳି ଭାବେ ଜିଡିପି ସଂଖ୍ୟା ସହିତ ଖେଳିବା ଏବଂ ମତାମତ ଗଠନ କରିପାରିବା ବୋଲି ସେ ପ୍ରଶ୍ନ କରିଛନ୍ତି।

ଅପରପକ୍ଷେ ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଅର୍ଥ ସଚିବ ଥିବା ସୁଭାଷ ଚନ୍ଦ୍ର ଗର୍ଗ ମଧ୍ୟ ଏହି ଜିଡିପି ସଂଖ୍ୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ଗର୍ଗ କହିଛନ୍ତି, ଗତ ବର୍ଷର ପ୍ରଥମ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ମଧ୍ୟ ୭.୮ ପ୍ରତିଶତ ଥିଲା ଏବଂ ଚଳିତବର୍ଷ ମଧ୍ୟ ସମାନ ଦାବି କରାଯାଉଛି। ଗର୍ଗଙ୍କ ଅଭିଯୋଗ ହେଉଛି ଯେ ଗତ ବର୍ଷ ତୁଳନାରେ ଜିଡିପି ଆଧାରରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଯୋଗୁଁ ଭାରତର ଜିଡିପି ଅଭିବୃଦ୍ଧି ବୃଦ୍ଧି ପାଇଛି। ଗତ ବର୍ଷର ଜିଡିପିକୁ ସଂଶୋଧିତ କରି ୬.୯ ପ୍ରତିଶତ କରାଯାଇଥିଲା। ସଂଶୋଧିତ ସଂଖ୍ୟା ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ତ୍ରୈମାସିକର ଅଭିବୃଦ୍ଧି ହାର ଅଧିକ ଥିବା ପରି ମନେ ହେଉଛି। ଜିଡିପି ପ୍ରକୃତରେ ବର୍ତ୍ତମାନର ମୂଲ୍ୟରେ ଗଣନା କରାଯାଏ। ଆମେ ଯେଉଁ ମୂଲ୍ୟ ଦେଉଛୁ ଏବଂ କର୍ପୋରେଟ୍ କମ୍ପାନୀଗୁଡ଼ିକ ଦ୍ୱାରା ଆଦାୟ କରାଯାଉଥିବା ମୂଲ୍ୟ। ତେଣୁ, ବର୍ତ୍ତମାନର ମୂଲ୍ୟରେ ଜିଡିପି ହେଉଛି ଜିଡିପି ଦେଖିବାର ପ୍ରକୃତ ଉପାୟ। ଗତ ବର୍ଷର ଜିଡିପି ବର୍ତ୍ତମାନର ମୂଲ୍ୟରେ ୮୬ ଟ୍ରିଲିୟନ ଟଙ୍କା ରହିଥିଲା। ଏହାକୁ ଏବେ ୮୦ ଟ୍ରିଲିୟନ ଟଙ୍କାରେ ସଂଶୋଧିତ କରାଯାଇଛି। ଫଳରେ ଗତ ବର୍ଷର ଜିଡିପିରେ ସମ୍ପୂର୍ଣ୍ଣ ୬ ଟ୍ରିଲିୟନ ଟଙ୍କା ହ୍ରାସ ପାଇଛି, ଯାହା କାରଣରୁ ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ଜିଡିପି ପ୍ରାୟ ୧୦.୩ ପ୍ରତିଶତ ବୃଦ୍ଧି ପାଇଛି। ଯଦି ଗତ ବର୍ଷର ଜିଡିପି ସଂଶୋଧନ କରାଯାଇ ନ ଥାନ୍ତା, ତେବେ ବର୍ତ୍ତମାନର ମୂଲ୍ୟରେ ଅଭିବୃଦ୍ଧି ମାତ୍ର ୨.୬% ହୋଇଥାନ୍ତା। ତେବେ ଏହି ଜିଡିପି ସଂଖ୍ୟା ଉପରେ କଂଗ୍ରେସ ମହାସଚିବ ଜୟରାମ ରମେଶ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି ସଂଖ୍ୟା ଅର୍ଥନୀତିରେ ଘରୋଇ ଏବଂ ବିଦେଶୀ ଘରୋଇ ନିବେଶ ସମ୍ପର୍କରେ ଅତ୍ୟନ୍ତ ଦୁର୍ବଳ ଭାବନାକୁ ପ୍ରତିଫଳିତ କରେ ନାହିଁ। ସେ କହିଛନ୍ତି ଯେ ଗ୍ରାହକ ଚାହିଦା ଅତ୍ୟନ୍ତ ମନ୍ଥର ଏବଂ ୨୦୨୫ ନଭେମ୍ବରଠାରୁ ଏହା ନିରନ୍ତର ଭାବେ ହ୍ରାସ ପାଇଚାଲିଛି। କଂଗ୍ରେସ ନେତା କହିଛନ୍ତି ଯେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେତେବେଳେ ଶିକ୍ଷିତ ବେକାରୀ ଚିନ୍ତାଜନକ ସ୍ତରରେ ଅଛି।


**OFFICE OF THE PRINCIPAL**
**ANCHALIK KISHAN COLLEGE: BHEDEN**
AT/PO- BHEDEN DIST- BARGARH PIN-768104
Ph. No- 9337091997 E-mail ID- principalbhedencollege@gmail.com

**Walk-in-interview**

A walk-in interview for a post of Lecturer in Education will be held on 09-09-2026 (Wednesday) from 10.00 AM. onwards in the college premises. The post is purely temporary and on contractual basis. Interested and eligible candidates having a minimum of 55% marks in Post Graduation are requested to appear for the interview with their updated Bio-data/CV along with self attested photo copies of all relevant certificates.

Candidates must also bring the original documents for verifications. No TA/DA will be paid for the same.

Sd/- Principal
A.K.College, Bheden

**WALK-IN INTERVIEW**

Centre for Weaker Section Development (CWSD), Balasore, one of the leading NGO invites the following post in TI project on HIV/AIDS.

**Project Manager (1 No.)**

He/She, should be **MSW / Post Graduate in Sociology / Social Science or Graduate with minimum 3 years** experience in health sector, HIV/AIDS related field. Must be possess good leadership, documentation and presentation skill.

**Salary: Rs.21,000/- per month.**

Interested candidates are requested to attend the **Walk-in-Interview on dt. 09.09.2026 (Wednesday)** with required **Bio-Data, Photo & Xerox copy of original document** at our **Balasore office at 10.30 a.m.**

**Secretary, CWSD TI Project Office**
**Near Pump House, Sahadevkhunta, Balasore**
**E-mail: cwsd93@gmail.com**
**Mobile: 7978685547, 8598888510, 9658306619**

ଭା.କ.ନି.
CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡ଼ା**
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା-୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି/ରାୟଗଡା/୨୬-୨୭ | **କପା ଚାଷୀମାନଙ୍କୁ ଆହ୍ୱାନ** | ତାରିଖ: ୦୨.୦୯.୨୦୨୬

୨୦୨୬-୨୭ କପା ଋତୁରେ ଭାରତୀୟ କପା ନିଗମ ଲିମିଟେଡ୍ (CCI) ଦ୍ୱାରା ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ କପା କ୍ରୟର ସୁବିଧା ପାଇବା ନିମନ୍ତେ ସମସ୍ତ କପା ଚାଷୀଙ୍କୁ ୦୧.୦୯.୨୦୨୬ରୁ ୩୧.୧୦.୨୦୨୬ ମଧ୍ୟରେ "କପାସ କିଷାନ" ମୋବାଇଲ୍ ଆପ୍ ମାଧ୍ୟମରେ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଉଛି।

"କପାସ କିଷାନ" ମୋବାଇଲ୍ ଆପ୍‌ରେ ପଞ୍ଜିକରଣ କରିବା ଦ୍ୱାରା ଚାଷୀମାନେ MSP କ୍ରୟ ସେବା ଏବଂ କ୍ରୟ ସମ୍ପର୍କିତ ସୂଚନା ସହଜରେ ପାଇପାରିବେ।

କ୍ରୟ କେନ୍ଦ୍ର ଏବଂ MSP ସମ୍ବନ୍ଧୀୟ ଅନ୍ୟାନ୍ୟ ବିସ୍ତୃତ ସୂଚନା ପାଇଁ CCI ର ଅଧିକୃତ ୱେବସାଇଟ୍ www.cotcorp.org.in ପରିଦର୍ଶନ କରନ୍ତୁ।

ପଞ୍ଜିକରଣ ସମୟରେ କୌଣସି ପ୍ରକାର ସହାୟତାର ଆବଶ୍ୟକତା ହେଲେ, ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟର WhatsApp ହେଲ୍ପଲାଇନ୍ ନମ୍ବର 6370011920 ରେ ଯୋଗାଯୋଗ କରିପାରିବେ।

ସମସ୍ତ କପା ଚାଷୀଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଞ୍ଜିକରଣ ସମ୍ପୂର୍ଣ୍ଣ କରି MSP କ୍ରୟ ଯୋଜନାର ସୁବିଧା ନେବାକୁ ଅନୁରୋଧ କରାଯାଉଛି।

ଶାଖା ପ୍ରବନ୍ଧକ
ଭାରତୀୟ କପା ନିଗମ ଲିମିଟେଡ୍ (CCI)
ଶାଖା କାର୍ଯ୍ୟାଳୟ: ରାୟଗଡ଼ା

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY, SAMBALPUR**
Established by an Act of Government of Odisha.

No. 1770/OSOU/2026 — Dt. 01.09.2026

**QUOTATION CALL NOTICE**

Quotations in sealed cover are invited by the office of the undersigned for Hiring of Transport Services which shall conform to the terms & conditions mentioned in the **Notice Inviting Quotation (NIQ)**. Quotations complete in all respect should reach the office of the undersigned on or before **Dt.23.09.2026** up to **05.00 P.M** by Speed Post/Registered post only. The quotation shall be opened on Dt.24.09.2026 at 03.30 P.M in the University Office. Other details and Quotation forms are available in the University website **www.osou.ac.in**.

The University reserves the right to reject any/ all quotations without assigning any reason thereof.

Sd-
Registrar

**GOVERNMENT OF ODISHA** 19001/237/2627
**PANCHAYATI RAJ & DRINKING WATER DEPTT.**
**OFFICE OF THE PANCHAYAT SAMITI , SOHELA**
At-Sohela , Po-SOHELA, Dist-Bargarh, Pin-768033
E-mail:- ori-sohela@ori.gov.in

No. 3157 — Dt. 01.09.2026

**National Competitive Bidding through e-procurement**
**Bid Identification No. 06 /2026-27**

The BDO , SOHELA on behalf of PANCHAYAT SAMITI , SOHELA invites Percentage bid through e-procurement in single cover system according to norm of e-Procurement system in on-line mode. Bid Documents consisting of work , Cost of Tender Paper , EMD , Time of Completion , Class of Contractor and the set of Terms and conditions and other necessary documents can be seen in Govt website , i.e www.tendersodisha.gov.in

| | | |
|---|---|---|
| 1. | Nature of Work | : Building Construction work as mentioned in DTCN. |
| 2. | No. of works | : 1 (One Nos.) |
| 3. | Estimate Cost | : Rs. 1357281/- |
| 4. | Period of Completion | : 150 Days |
| 5. | Class of Contractor | : "D" Class |
| 6. | Date & Time of availability of Bid Documents in the portal for Bidding. | : 11.00 AM on dt.02-09-2026 up to 05.00 PM on dt. 09-09-2026 |
| 7. | Last date & time for receipt of Bids in the portal. | : 09-09-2026 at 05.00 PM. |
| 8. | Bid opening Date | : Dt.10-09-2026 at 11.00 AM |

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Block Development Officer
SOHELA

OIPR-19001/19477/1/26-27/0003

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ , ଗ୍ରାମ୍ୟଜଳ ଯୋଗାଣ ଓ ପରିମଳଖଣ୍ଡ, ଭୁବନେଶ୍ୱର
ପ୍ଲଟସଂଖ୍ୟା- ୧୨୧୪(ଅଂଶ), ତପୋବନ, ଖଣ୍ଡଗିରି, ଭୁବନେଶ୍ୱର -୩୦

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION, BHUBANESWAR.
Plot no.-1214(Part), Tapovan, Khandagiri, Bhubaneswar-30.
E-Mail: eebbsrrwss@gmail.com

25001/1068/2627

**QUOTATION CALL NOTICE No. 13 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / Individuals for providing One No. Vehicle (Tiago/Bolt/Celerio/ Equivalent Mileage etc.) having seating capacity 5 Nos. including Driver which shall confirm to the Terms and Conditions (Appendix-A) for official use in office of the Engineer-in-Chief, RWS&S (O), Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle for official use in office of the Engineer-in-Chief, RWS&S (O), Bhubaneswar |
|---|---|---|
| 1. | No. of works: | 01 (One) |
| 2. | Time for Deployment | Three (3) Years |
| 3. | Class of Contractors eligible | Reputed Travel Agencies / Tour Operators / Private Individuals |
| 4. | Availability of bids in the office Superintending Engineer, RWS&S Division, Bhubaneswar | From dt.07.09.2026 (11.00 AM) to dt.18.09.2026 (1.00 PM) |
| 5. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.18.09.2026 ( 4.00 P.M) |
| 6. | Date & Time of opening of bids | On dt.19.09.2026 (11.00 AM) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Superintending Engineer,
RWS&S Division, Bhubaneswar

OIPR-25001/25003/1/26-27/0014

Phone No. (06854): 241159 / 232714,
PBX No.: 232713 / 232716, Fax: 232718 / 241640
E-mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
HEAD OFFICE: N.K.T. ROAD, JEYPORE - 764003; DIST: KORAPUT (ODISHA)

Notice No. 2369/Estt.I/2026-27 — Dated: 01.09.2026

**NOTICE**

Notice is hereby given that the 76th Annual General Body Meeting of the Koraput Central Co-operative Bank Ltd., Jeypore will be held at Mission Shakti Conference Hall, Nabarangpur on 11.09.2026 (Friday) at 10.00 A.M. to transact the following business. All the Members of the Koraput Central Cooperative Bank Ltd., Jeypore are requested to participate in the Annual General Body Meeting of the Bank on the date, time and venue as fixed.

**AGENDA**

1. To read and confirm the proceedings of the last General Body Meeting held on dated 31.10.2025.
2. To present the progress report on working of the Bank for the year 2025-26.
3. Adoption of Statutory Audit report for the financial year 2025-26.
4. To accept and approve the Supplementary Budget for the financial year 2025-26 as concurred by OSC Bank, BBSR.
5. To accept the Annual Budget for the Financial Year 2026-27 as concurred by OSC Bank, BBSR.
6. To approve the Supplementary Budget estimate for the year 2026-27.
7. To approve the Annual work programme and budget estimate for the Financial Year 2027-28.
8. To discuss and approve the distribution of Net Profit for the financial year 2025-26 observing the norms of Orissa Cooperative Societies Act and Rules/Bye-law provisions subject to the norms of NABARD Guidelines.
9. To consider and approve the proposal for opening of New K.C.C. Bank Branches at Boipariguda, Jharigaon, Kotpad, Lamptaput Locations.
10. To accept and adopt the amended Bye-law of the Bank as communicated vide Letter No. 2767 dated 03.08.2026 of the Deputy Registrar of CS, Koraput Division, Jeypore.
11. To discuss and approve the amendment of provision No. 5(1) of the Bye-law of the Bank.
12. To approve the decision to shift the members from B Class to C Class as per the new amendment and provision No. 3(f) and 3(g) of the Bye-Law of the Bank.
13. To accept and adopt various policies for implementation as approved by the Committee of Management of the Bank in compliance with the applicable statutory and regulatory guidelines.
14. To approve staff strength of the Bank as per the audited position of the Bank as on 31.03.2026 in accordance with the approved H.R. Policy.
15. To Consider and Accord Post-Facto Approval for Appointment of M/s. M.K. Swain & Associates, Chartered Accountants, Cuttack and M/s. John Moris & Co, Chartered Accountants, Bhubaneswar for Conducting Monthly and Annual Concurrent Audit of the K.C.C. Bank Branches and Head Office for the Financial Year 2026-27.
16. To consider any other business that may be transacted in the General Body meeting with common consent subject to the provisions of Cooperative Act, NABARD guidelines and the Bye-law of the Bank.

**By order of the President**
**Secretary I/C**
**Koraput Central Cooperative Bank Ltd., Jeypore**

**NOTE:** Each Member Credit Cooperative Society having minimum share value of **Rs.10000/- (Rupees Ten Thousand)** only shall be represented by one delegate to the General Body Meeting. Name of the delegate sponsored by the Managing Committee of the affiliated Societies shall be supported by a resolution of the Managing Committee and to be enclosed with signature of the delegate attested by the Chief Executive Officer and submitted to the Secretary, Koraput Central Co-operative Bank Ltd., Jeypore before 3 (three) days of the said meeting.The members desire for raising any question or placing any proposal suggestion under last Agenda (i.e. any other matter) may kindly communicate the same at least 3 (three days) prior to the date of meeting in the Name and Address of the Secretary in order to facilitate appropriate examination of the issue before placing the same in the General Body Meeting.

**Secretary I/C**
**Koraput Central Cooperative Bank Ltd., Jeypore**

**AFFIDAVIT**

BHARAT BENZ 3528 C, MODEL 2024, Regn. No - OD-02-CZ-7477, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

**AFFIDAVIT**

I, SHAIK SABBIR ALI, aged about 45 years, S/o- SHAIKH MOHAMMAD SADIQUE ALI resident of BIBHUTI PUR KATIA MERDHA, MERDAKATIA CHHAK, MANGALPUR, JAJPUR, 755006.ODISHA, declared by this Affidavit No.856/2026 Dated.22.06.2026, That now onwards I shall Be Known as **SHAIKH SABBIR ALI** for all future Purposes.

**AFFIDAVIT**

By virtue of an affidavit no.1035 sworn before the Executive Magistrate, Nabarangpur, dated 02.09.2026, I, SALA SANKAR RAO, At- Ichhabatiguda, PO/PS-Nabarangpur, Dist. Nabarangpur-764059, declare that I have changed my name from S SANKAR RAO to SALA SANKAR RAO. Henceforth, I shall be known as **SALA SANKAR RAO** for all purposes.
Sd/- SALA SANKAR RAO

**AFFIDAVIT**

By virtue of an affidavit no. 1036 before the Executive Magistrate, Nabarangpur, dated 02.09.2026, I, SALA ROHAN KUMAR, At- Ichhabatiguda, PO/PS-Nabarangpur, Dist. Nabarangpur-764059, declare that I have changed my name from S ROHAN KUMAR to SALA ROHAN KUMAR. Henceforth, I shall be known as **SALA ROHAN KUMAR** for all purposes.
Sd/- SALA ROHAN KUMAR

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dtd. 02.09.2026, I, Ramamani Sahoo, W/o- Naba Kishor Sahoo, At/PO-Patrapada, PS-Khandagiri, Bhubaneswar declare that **Manorama Sahoo & Ramamani Sahoo** are one and the same person. I further declare that **Naba Kishor Sahoo and Naba Kishore Sahoo** are one and the same person, being my husband's name as recorded in different documents.
Sd/- Ramamani Sahoo

**AFFIDAVIT (FOR MINOR)**

By virtue of an affidavit sworn before the Executive Magistrate, Panchpir, Karanjia, Dist.-Mayurbhanj, dated 09.07.2026, I, Pankajini Biswal, W/o-Naba Biswal permanent resident of Vill.-Tikarpada, P.O.-Khandabandha, P.S.-Thakurmunda, Dist.-Mayurbhanj, Odisha, Pin-757038, declare that I have changed my daughter's (minor) name from Pankajini Biswala to Barsa Biswal. Henceforth, she will be known as **Barsa Biswal** for all purposes.
Pankajini Biswal

**AFFIDAVIT**

By virtue of an affidavit on dtd-24.08.2026 sworn before The Notary Public, Kendrapara. I, **Gulson Das** (new name), S/o Pratap Kuma Das, resident of Vill: Damodarpatana, PO: Alapua, PS: Pattamundai Model, Dist: Kendrapara, Odisha declare that I have changed my name from **Gulusan Kumar Das** (old name) to **Gulson Das** (new name). Henceforth, I shall be known as **Gulson Das** (new name) for all purposes.
**Gulson Das**

**AFFIDAVIT**

By virtue of an affidavit no A/29, sworn before the Executive Magistrate, Panposh on dtd 30.07.2026, I, Supriya Das (43), W/o Swarup Kumar Mohanty resident of M/125, Gopabandhunagar, Chhend, P.O: Rourkela-15, P.S:-Chhend, Dist.: Sundargarh, do hereby solemnly affirm and state that, in the birth certificate of my son Subham Mohanty (Registration No. 4434/2011) issued by Registrar, Birth & Death, RMC, my name has been mentioned as Supriya Mohanty instead of 'Supriya Das'. Hence Supriya Das and Supriya Mohanty stand for one and the same person, i.e., me.

**AFFIDAVIT**

By virtue of an affidavit sworn before the Executive Magistrate, Garadpur on dated-18/08/2026. I, **Sahoo Abhishek Dillipbhai,** S/o-Dillip Kumar Sahoo, resident of Vill- Jagannathpur (Ward No-4), PO- Naindipur, PS- Patkura, Dist- Kendrapara, Odisha declare that I have changed my name from **Abhishek Sahoo** to **Sahoo Abhishek Dillipbhai.** Henceforth, I shall be known as **Sahoo Abhishek Dillipbhai** for all purposes.
Sahoo Abhishek Dillipbhai

**ପୂର୍ବ ତଟ ରେଳପଥ**
**'E' ପ୍ରକ୍ୟୋରମେଣ୍ଟ୍ ପ୍ରଣାଳୀ**

ନିବିଦା ସୂଚନା ସଂ.: Ref :SDMM/KUR/EP/2026-27/E-procument tender Notice/9, ଦିନାଙ୍କ : 27.08.2026

(1) ଟେଣ୍ଡର ସଂ.: 81266300
କ୍ରମ ସଂ. 1 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବର୍ଣ୍ଣନା ଅନୁଯାୟୀ ବିଭିନ୍ନ ପ୍ରକାର ରିଲେ ସମୂହ, ପରିମାଣ : 80 ଗୋଟି)।

(2) ଟେଣ୍ଡର ସଂ.: 81266310
କ୍ରମ ସଂ. 2 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ରୁଫ୍ ମାଉଣ୍ଟେଡ୍ ଏସି ନିମନ୍ତେ ମାଇକ୍ରୋପ୍ରୋସେସର କଣ୍ଟ୍ରୋଲର, ପରିମାଣ : 50 ସେଟ୍।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.09.2026 ରିଖ 1500 ଘଣ୍ଟିକା(ଉଭୟ କ୍ରମ ସଂ. ପାଇଁ)।

ଉପରୋକ୍ତ ଟେଣ୍ଡର ୱେବ୍‌ସାଇଟ୍ www.ireps. gov.in ରେ ଅପଲୋଡ୍ କରାଯାଇଛି।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ

PR-408/R/26-27

**AFFIDAVIT**

By virtue of an affidavit sworn before the Notary Public, Rayagada, No.8830, dated 31.08.2026, I, Kartika Sabar, aged about 19 years, S/o- Jagili Sabar, resident of At- Phajilibandha, PO-Nuagada, PS/Block-Padmapur, Dist-Rayagada, 765025, Odisha, declare that I have changed my name from Karthik Sabar to Kartika Sabar. Henceforth, I shall be known as **Kartika Sabar** for all purposes.
Kartika Sabar

**LOST**

**I, Sangeeta Meher,** W/o: Bhawani Shankar Meher, residing near LN College, Badheimunda, Jharsuguda and declare that, I was carrying my original Sale Deed to a photocopy shop near the Old Bus Stand, Jharsuguda for xerox purposes. on 28.07.2026, at approximately 7:45 PM, I have lost my Original ROR Sale Deed No.: 426 Year 1998, Owner Name: Sangeeta Meher, of Khata No.: 146/55, Plot No.: 119/1016, Mouza: Jharsuguda Unit No. 04, Chithuapa, after several search I could not get the same. If anyone found the above deed, please contact on my above address.
Sangeeta Meher :9556674074

**AFFIDAVIT**

By vertue of an affidavit no A/30, sworn before the Executive Magistrate, Panposh on dtd 30.07.2026 I, Swarup Kumar Mohanty(44), S/o Prasanna Kumar Mohanty resident of M/125, Gopabandhunagar, Chhend, P.O: Rourkela-15, P.S: Chhend, Dist.: Sundargarh, Odisha, do hereby solemnly affirm and state that, in the birth certificate of my son Subham Mohanty (Registration No. 4434/2011) issued by Registrar, Birth & Death, RMC, my name has been mentioned as SWARUP KU MOHANTY instead of 'SWARUP KUMAR MOHANTY'. 'SWARUP KU MOHANTY &' SWARUP KUMAR MOHANTY' stand for one and the same person, i.e., me.

**AFFIDAVIT**

I, Kamal Kumar Agarwal, aged about 45 years, S/o-Sitaram Agarwal, Plot No-697, ICE Factory Lane, Budheswari Colony, Bhubaneswar, Pin-751006, Odisha do hereby declare by this affidavit No. 1802, dtd-02/09/2026, that now onwards I shall be known as **KAMAL AGARWAL** for all future purposes.

**AFFIDAVIT**

By Virtue of an affidavit (SL NO- 408 ,dtd-14.08.2026 )sworn before The executive Magistrate, Bisoi, Mayurbhanj. I, Chunu Murmu ,S/o-Late Dhana Murmu of village-Arjunbilla, P.O-Asana, P.S-Bisoi, Dist- Mayurbhanj. That, my son actual name is Dhana Murmu and in my Son Aadhaar Card bearing no - 5152 6775 5055 my son name is wrongly mentioned as Dhanu Murmu instead of Dhana Murmu. That my Son actual date of birth is 13.04.2013 and in my son Aadhaar card his date of birth wrongly mentioned as 09/05/2013. That Both the name DHANA MURMU and DHANU MURMU is one and same person. Henceforth, he shall be known as DHANA MURMU and his date of birth is Dt: 13/04/2013 for all purposes .
S/D - CHUNU MURMU

**LOST**

By virtue of an Affidavit sworn before the Executive Magistrate, Bhubaneswar , I, **Mr. Manmohan Samantaray,** aged about 70 years, S/o: Late Golak Samantaray, Permanent resident of Plot No.: 68, Bomikhal, PO: Rasulgarh, Bhubaneswar, PIN-751010, Dist.: Khordha, Odisha do hereby solemnly affirm that I have lost the Sale Deed bearing No.: 5284, Dated: 11.01.1950 executed by Benu Jena for Self and brother guardian for and on behalf of Bata jena (minor) both sons of Late Jogi Jena in favour of Golak Chandra Samantaray, S/o: Dibyasingha Samantaray somewhere and unable to trace it out in the locality. If anybody found the above Deed please contact on my above address.

ନାହିଁ ନାହିଁରେ ଚାଲିଛି ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ରୋଗୀ ସେବା ବିପର୍ଯ୍ୟସ୍ତ ପ୍ରତିବାଦରେ ଆନ୍ଦୋଳନ ଚେତାବନୀ

ଧର୍ମଗଡ଼, ୨।୯ (ସମିସ)

ରାଜ୍ୟ ସରକାର ସମସ୍ତଙ୍କୁ ମାଗଣା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନେକ ଯୋଜନା କରୁଥିବା ବେଳେ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ଓଲଟାଚିତ୍ର ଦେଖିବାକୁ ମିଳିଛି। କର୍ମଚାରୀ ଅଭାବ ଓ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଏଠାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୨ରୁ ୧୪ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଦୈନିକ ୧୦୦ରୁ ଊର୍ଦ୍ଧ୍ୱ ଗରିବ ଓ ଖଟିଖିଆ ରୋଗୀ ଚିକିତ୍ସା ପାଇଁ ଏହି ଡାକ୍ତରଖାନାକୁ ଆସୁଛନ୍ତି। ମାତ୍ର ଡାକ୍ତରଖାନାରେ ପହଞ୍ଚିବା ପରେ ସେମାନଙ୍କୁ ସେବା ବଦଳରେ ମିଳୁଛି କେବଳ ନିରାଶା। ସରକାର ଏଠାରେ ୧୬ଟି ଶଯ୍ୟାର ବ୍ୟବସ୍ଥା କରିଛନ୍ତି ସତ, କିନ୍ତୁ ରୋଗୀଙ୍କୁ ଦେଖିବା ପାଇଁ ଆବଶ୍ୟକୀୟ ଡାକ୍ତର ନାହାନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ସମସ୍ୟା ସାଜିଛି ଡାକ୍ତରଙ୍କ ଅନୁପସ୍ଥିତି। ସରକାରୀ ରେକର୍ଡ ଅନୁଯାୟୀ ଏଠାରେ ମୋଟ୍ ୮ ଜଣ ଏମ୍‌ବିବିଏସ ଡାକ୍ତର ନିଯୁକ୍ତ ହୋଇଛନ୍ତି। କିନ୍ତୁ ମାତ୍ର ୩ ଜଣ ଡାକ୍ତର ସବୁବେଳେ ମେଡିକାଲରେ ରହି ଦିନରାତି ରୋଗୀ ସେବା କରୁଛନ୍ତି। ଅନ୍ୟପଟେ, ବାକି ୫ ଜଣ ଡାକ୍ତର ମେଡିକାଲକୁ ନଆସି ସବୁବେଳେ ଅନୁପସ୍ଥିତ ରହୁଛନ୍ତି। ସେହିପରି ଗୋଟିଏ ମଧ୍ୟ ବିଶେଷଜ୍ଞ ପଦ ପୂରଣ କରାଯାଇ ନାହିଁ। କେବଳ ଡାକ୍ତର ନୁହନ୍ତି, ମେଡିକାଲର ଅନ୍ୟାନ୍ୟ ପ୍ରମୁଖ ବିଭାଗ ମଧ୍ୟ ଖାଲି ପଡ଼ିଛି। ସେହିପରି ଡାକ୍ତରଖାନାରେ ରୋଗୀଙ୍କ ଯତ୍ନ ନେବା ପାଇଁ ୬ ଜଣ ଷ୍ଟାଫ୍ ନର୍ସଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୩ ଜଣଙ୍କୁ ନେଇ କାମ ଚାଲିଛି। ଔଷଧ ବିତରଣ ଅନ୍ୟାନ୍ୟ ରୋଗୀ ସେବା ପାଇଁ ୫ ଜଣ ଫାର୍ମାସିଷ୍ଟ ରହିବା କଥା, ହେଲେ ଏବେ ମାତ୍ର ୨ ଜଣ ଫାର୍ମାସିଷ୍ଟ ଉପସ୍ଥିତ ଅଛନ୍ତି। ଏଭଳି ସ୍ଥିତିରେ ମାତ୍ର ୩ ଜଣ ଡାକ୍ତର ଏବଂ ସ୍ୱଳ୍ପ କର୍ମଚାରୀଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ପଡୁଥିବାରୁ ସେମାନେ ମଧ୍ୟ ନାହିଁ ନ ଥିବା ମାନସିକ ଚାପରେ ରହୁଛନ୍ତି। ଯଦି ତୁରନ୍ତ କେନ୍ଦ୍ରର ଖାଲି ପଦ ପୂରଣ କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥକୁ ଓହ୍ଲାଇବା ସହ ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।




**୫ଜଣ ଡାକ୍ତର ସଦା ଅନୁପସ୍ଥିତ**

## ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଆମପାଣି ପଞ୍ଚାୟତ ଗସ୍ତ



**କୋକସରା, ୨।୯ (ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତକୁ ବୁଧବାର ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ଗସ୍ତ କରିଛନ୍ତି। ଗସ୍ତ କାଳରେ ଶ୍ରୀ ପ୍ରଧାନ ଆମପାଣି ପଞ୍ଚାୟତ ଅନ୍ତର୍ଗତ ବିରିମୁହାଣ, କାଦୋମଲି, କନ୍ଦାଗଡ଼ ଓ ଆମପାଣି ଗ୍ରାମ ପରିଦର୍ଶନ କରିବା ସହ ଅଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନାର ସମୀକ୍ଷା କରିଥିଲେ। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ନିର୍ମିତ ଗୃହ ସମେତ ଆମପାଣି ମୋଡେଲ ଟ୍ୟାଙ୍କର ସ୍ଥିତି ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଧର୍ମଗଡ଼ ଉପ-ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, କୋକସରା ବିଡିଓ ହିମାଞ୍ଚଳ ମାଝୀ, ବ୍ଲକ ସହକାରୀ ଯନ୍ତ୍ରୀ ଏହମ୍ମଦ ସରିଫ, ଯନ୍ତ୍ରୀ ଶାନ୍ତନୁ ରଣା, ପିଇଓ ଯୋଗେଶ୍ୱର ବେମାଳ, ସରପଞ୍ଚ ରୁକ୍ମଣୀ ବାଣୁଆଙ୍କ ସମେତ ବ୍ଲକର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର, ୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ମହୁଲପାଟଣା ଫାଣ୍ଡି ଅଧୀନ ଉପରଚବରି ଗାଁ ପୋଖରୀକୁ ଶୌଚ ଯାଇଥିବାବେଳେ ପାଣିରେ ବୁଡ଼ି ଜଣେ ୨୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉପରଚବରି ଗ୍ରାମର ରାଇସିଂ ମାଝୀଙ୍କ ପୁଅ ଶରତ ମାଝୀ। ସୂଚନା ଅନୁସାରେ, ବୁଧବାର ସକାଳେ ଶରତ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ଶୌଚହେବା ସମୟରେ ହଠାତ୍ ପାଣିରେ ବୁଡ଼ି ଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ମହୁଲପାଟଣା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଥୁଆମୂଳ ରାମପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଥୁଆମୂଳ ରାମପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଶରତଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ମେଡିକାଲକୁ ପଠାଇବା ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଥୁଆମୂଳ ରାମପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଲ୍ୟାପଟପ୍ ବଣ୍ଟନ

**କର୍ଲାମୁଣ୍ଡା, ୨।୯ (ସମିସ):** ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ସହଜ ଓ ଡିଜିଟାଲ ମାଧ୍ୟମରେ ଆହୁରି ସୁଗମ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ପକ୍ଷରୁ ଲ୍ୟାପଟପ୍ ବଣ୍ଟନ କରାଯାଇଛି। ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ୬ଜଣ ଛାତ୍ରଛାତ୍ରୀଙ୍କୁ ଲ୍ୟାପଟପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ସଚିନ ପାୱାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଡିଡିଆରଓ ନିବାସ କୁମାର ସାହୁ, କର୍ଲାମୁଣ୍ଡା ଜୋନ୍ (ଖ) ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଉପସ୍ଥିତ ଥିଲେ। ଲ୍ୟାପଟପ୍‌ର ସୁବିନିଯୋଗ କରି ଶିକ୍ଷାକ୍ଷେତ୍ରରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।

## ଆଞ୍ଚଳିକ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କଳାହାଣ୍ଡିର ସଫଳତା

**ଭବାନୀପାଟଣା, ୨।୯ (ସମିସ):** ଆନ୍ଧ୍ରପ୍ରଦେଶର କାକିନାଡାର ଦ୍ରୋଣ ଇନ୍‌ଡୋର ଷ୍ଟାଡିୟମ୍‌ରେ ୨୧ତମ ଦକ୍ଷିଣ-ପଶ୍ଚିମ ଭାରତୀୟ ଆଞ୍ଚଳିକ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଗତ ମାସ ୨୮ ତାରିଖରୁ ୩୦ ପର୍ଯ୍ୟନ୍ତ ଚାଲିଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେ ମଧ୍ୟରୁ କଳାହାଣ୍ଡିରୁ ୮ ଜଣ ପ୍ରତିଯୋଗୀ ସେଖ୍ ମୁନାୱରଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାକୁ ସର୍ବମୋଟ ୨୩ ଟି ମେଡାଲ (ପଦକ) ମିଳିଛି। ତନ୍ମଧ୍ୟରୁ କଳାହାଣ୍ଡି ପ୍ରତିଯୋଗିମାନେ ୯ ଟି ପଦକ ପାଇ ସଫଳତାର ସହିତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପଦକ ତାଲିକାରେ ବ୍ୟକ୍ତିଗତ ତୁଲ ବା ପାର୍ଟିନରେ ୧୪-୧୫ ବର୍ଷ ବିଭାଗରେ ପିନାକୀ ସାହୁ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ବ୍ୟକ୍ତିଗତ ସ୍ପାରିଙ୍ଗ ବାଳକ ବିଭାଗରେ ୭ ବର୍ଷରୁ କମ୍ ଏବଂ ୨୪-୨୮ ବର୍ଷ ବର୍ଗରେ ସ୍ପାରିଂରେ ମହମ୍ମଦ୍ ଇଫାମ୍ ଅଲି ବ୍ରୋଞ୍ଜ ପଦକ ଏବଂ ୨୪ ବର୍ଷ କମ୍ ବର୍ଗରେ ସ୍ୱରାଜ ଜଗଦଲା ସ୍ପାରିଂରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ବାଳିକା ବିଭାଗରେ ୮-୯ ବର୍ଷ ଏବଂ ୩୪-୩୮ ବର୍ଷ ବର୍ଗରେ ସାହିନା ଶେଖ୍ ସିରିନ୍ ସ୍ପାରିଂରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୧୨-୧୩ ବର୍ଷ ଏବଂ ୫୧ କେଜି କମ୍ ବର୍ଗରେ ଲେଖାଶ୍ରୀ ଜଗଦଲା ସ୍ପାରିଂରେ ବ୍ରୋଞ୍ଜ ପଦକ ପାଇଛନ୍ତି ଏବଂ ୫୩-୫୮ କେଜି ବର୍ଗରେ ରିଧିମା ସାହୁ ସ୍ପାରିଂରେ ବ୍ରୋଞ୍ଜ ପଦକ ପାଇଁଛନ୍ତି। ସେହିପରି ୧୪-୧୫ ବର୍ଷ ବର୍ଗରେ ଏବଂ ୫୦-୫୫ କେଜି ବର୍ଗରେ ରାଜଲକ୍ଷ୍ମୀ ଦେବୀ ସ୍ପାରିଂରେ ରୌପ୍ୟ ପଦକ ହାସଲ କରିଛନ୍ତି ଏବଂ ପ୍ରତିଜ୍ଞା ପଣ୍ଡା ୭୫ କେଜି ଉକେଜିର ସ୍ପାରିଂରେ ସ୍ୱର୍ଣ୍ଣପଦକ ହାସଲ କରି କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ସର୍ବମୋଟ ୪୯୩ ଜଣ ପ୍ରତିଯୋଗି ଭାଗ ନେଇଥିଲେ ଏବଂ ଏହି ପ୍ରତିଯୋଗିତା ଆନ୍ଧ୍ରପ୍ରଦେଶ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଏବଂ ତାଏକୋଣ୍ଡୋ ଆସୋସିଏନ୍ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ କରାଯାଇଥିଲା। କଳାହାଣ୍ଡିର ଏହି ସଫଳତା ପାଇଁ ବିଭିନ୍ନ କ୍ରିଡା ସଂଗଠନ ତଥା କଳାହାଣ୍ଡି ବାସୀ କୃତୀ ପ୍ରତିଯୋଗିମାନଙ୍କୁ ସ୍ୱାଗତ ଜଣାଇଛନ୍ତି।




## ଟ୍ରକ୍ ପଛରେ ପିଟିହେଲା ଟ୍ରକ୍, ଫସି ରହିଥିବା ଡ୍ରାଇଭର ଉଦ୍ଧାର

**କୋକସରା, ୨।୯ (ସମିସ):** ୨୬ ନମ୍ବର ଜାତୀୟ ରାଜପଥ କୋକସରା ଥାନା ଅଧୀନ ଚାରବାହାଲ ନିକଟରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ରାସ୍ତା କଡ଼ରେ ଅଟକି ଥିବା ଏକ ପାଇପ୍ ବୋଝେଇ ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ ପିଟି ହୋଇଯିବା ଫଳରେ ଏହି ଦୁର୍ଘଟଣା ଘଟିଛି। ଧକ୍କା ଏତେ ତୀବ୍ର ଥିଲା ଯେ, ପଛ ଟ୍ରକର ଡ୍ରାଇଭର କ୍ୟାବିନ୍ ଭିତରେ ଅନେକ ସମୟ ଧରି ଫସି ରହିଥିଲେ। ସୂଚନା ଅନୁଯାୟୀ, ପାଇପ୍ ବୋଝେଇ ଟ୍ରକ୍‌ଟି ପଶ୍ଚିମବଙ୍ଗରୁ କୋକସରା ବ୍ଲକରୁ କୁସୁମଖୁଣ୍ଟି ଅଭିମୁଖେ ଆସୁଥିବାବେଳେ ଅନ୍ୟ ଟ୍ରକ୍‌ଟି ଝାରସୁଗୁଡ଼ାରୁ ତାମିଲନାଡୁ ଯାଉଥିଲା। ତେବେ ଚାରବାହାଲ ନିକଟରେ ଛିଡ଼ା ହୋଇଥିବା ଟ୍ରକକୁ ସାମ୍ନାରୁ ଆସୁଥିବା ଟ୍ରକ୍‌ଟି ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଫସିରହିଥିବା ଡ୍ରାଇଭର ଜଣକ ତାମିଲନାଡୁର ଆନା ମୁତୁ ପୂନୁ ସ୍ୱାମୀ ବୋଲି ଜଣାପଡ଼ିଛି। ଖବରପାଇ କୋକସରା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନୀଲ ରଞ୍ଜନ ବାରଲା, ରାଧେଶ୍ୟାମ ପ୍ରଧାନୀ, ଲଳିତ ପୁଟେଲ, ଦିଗାମ୍ବର ଶବର, ଉମାଶଙ୍କର ନାଏକ ଓ ଦେବାଶିଷ ମହାପତ୍ର ପ୍ରମୁଖ ଦୀର୍ଘ ସମୟ କଠିନ ପରିଶ୍ରମ କରି ଫସିରହିଥିବା ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ



**ମ. ରାମପୁର, ୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ସହର ତଳସାଗରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକନବ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ଓ ୩ଟି ଶୌଚାଳୟ ଉଦ୍‌ଘାଟିତ ହେଇଯାଇଛି। ତପିମଣି ଜାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦିଘାଟନ କରିଥିଲେ। ଏହି ଉପେଲକ୍ଷେ ଆୟୋଜିତ ଛାତ୍ରୀଛାତ୍ର ସଭା ରେ ସଂସ୍କାର ଯୁକ୍ତ କାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶରେ ଶିକ୍ଷା ଗ୍ରହଣ ଆବଶ୍ୟକ ବୋଲି ଦିଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତି ଖମାରି ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ବିଇଓ ପବିତ୍ର ଗଡ଼ତିଆ, ଏବିଇଓ ଜୟସେନ ନିଆଲ, ସିଆରସିସି ରାଜୀବ କୁମାର, ପ୍ରାକ୍ତନ ପ୍ରଧାନଶିକ୍ଷକ କୁବେର ମହାଖୁଡ଼, ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ ଦାସ, ସାମାଜିକ କର୍ମୀ ଶଶିଭୂଷଣ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଶର୍ମିଷ୍ଠା ମୁଣ୍ଡ, କବିତା ସାହୁ, ପ୍ରକାଶିନି ନାଏକ ପ୍ରମୁଖ ସହଯୋଗ କରିଥିଲେ।

କୋମନା ସବ୍ ରେଜିଷ୍ଟ୍ରାର୍ ଅଫିସ୍‌ରେ ଅରାଜକତା

## ସ୍ଲଟ୍ ଥାଇ ମଧ୍ୟ ହଇରାଣ ହେଉଛନ୍ତି ଜମି କ୍ରେତା ଓ ବିକ୍ରେତା

**କୋମନା, ୨।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସବ୍ ରେଜିଷ୍ଟ୍ରାର୍ ଅଫିସରେ ସେବାପ୍ରଦାନ ବ୍ୟବସ୍ଥା ସମ୍ପୂର୍ଣ ଭୁଶୁଡ଼ି ପଡ଼ିଛି। ସ୍ଲଟ୍ ବୁକିଂ କରି ଦୂରଦୂରାନ୍ତରୁ ଆସୁଥିବା ଜମି କ୍ରେତା ଓ ବିକ୍ରେତାମାନେ ଦିନସାରା ଅପେକ୍ଷା କରି ମଧ୍ୟ କାମ ନ ହୋଇ ନିରାଶରେ ଫେରୁଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମାନୁଯାୟୀ ଏହି କାର୍ଯ୍ୟାଳୟରେ ସପ୍ତାହକୁ ଦୁଇ ଦିନରେ ମୋଟ ୪୮ଟି ଜମି ପଞ୍ଜୀକରଣ କରିବାକୁ ଅନୁମତି ରହିଛି। ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ସ୍ଲଟ୍ ଆଗୁଆ ବୁକ୍ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ଦିନ ଓ ସମୟରେ ପଞ୍ଜୀକରଣ ହୋଇପାରୁ ନାହିଁ। ସ୍ଥିତି ଏପରି ହୋଇଛି ଯେ ସପ୍ତାହକୁ ମାତ୍ର ୨ରୁ ୩ଟି ପଞ୍ଜୀକରଣ ହୋଇପାରୁଛି। ଗ୍ରାମାଞ୍ଚଳରୁ କାମଧନ୍ଦା ବାତିଲ୍ କରି ଆସୁଥିବା ସାଧାରଣଲୋକେ ଏପରି ବ୍ୟବସ୍ଥା ଯୋଗୁଁ ବହୁତ କଷ୍ଟ ଭୋଗୁଛନ୍ତି। ହିରାଧର ମାଝୀ, ଲମ୍ବୋଦର ତାଣ୍ଡି ଏବଂ ସରସ୍ୱତୀ ସୁନାନୀ ପ୍ରମୁଖ କାର୍ଯ୍ୟାଳୟର ଏଭଳି ସାଂଘାତିକ ଅବସ୍ଥା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କୋମନା ବାର୍ ଆସୋସିଏସନ୍ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଆଇନଜୀବୀ ପ୍ରଶାନ୍ତ କୁମାର ପାଢ଼ୀ, ପ୍ରଦୀପ କୁମାର ସାହୁ ଏବଂ ସଞ୍ଜୟ କୁମାର ପାଣିଗ୍ରାହୀଙ୍କ ସମେତ ଅନେକ ଆଇନଜୀବୀ କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିବାସହ କର୍ତ୍ତୃପକ୍ଷଙ୍କୁ ଘେରିଥିଲେ। ପ୍ରତିକ୍ରିୟା ଦେବାକୁ ଅମଙ୍ଗ ସବ୍‌ରେଜିଷ୍ଟ୍ରାର୍ ଏହି ବ୍ୟାପକ ଅନିୟମିତତା ଏବଂ ଜନସାଧାରଣଙ୍କ ହଇରାଣ ସମ୍ପର୍କରେ ସତ୍ୟତା ଜାଣିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ସବ୍ ରେଜିଷ୍ଟ୍ରାର୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୋନିଆଶ୍ରୀ ମଲ୍ଲିକଙ୍କୁ ଭେଟିଥିଲେ। କିନ୍ତୁ ସେ ଏହି ସମ୍ବନ୍ଧରେ କୌଣସି ମଧ୍ୟ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଜିଲ୍ଲା ପ୍ରଶାସନ କାର୍ଯ୍ୟଶୈଳୀ ଉପରେ ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜନସାଧାରଣଙ୍କ ପକ୍ଷରୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍ ଉଦ୍‌ଯାପିତ

## ଯୁଥ୍ ଫୁଟବଲ ଟିମ୍ ଚାମ୍ପିଅନ

**ଭବାନୀପାଟଣା, ୨।୯ (ସମିସ):** ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଟାଉନ ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ଭବାନୀପାଟଣା ଯୁଥ୍ ଫୁଟବଲ ଟିମ ଓ ଶାନ୍ତି ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁଥ୍ ଫୁଟବଲ ଟିମ୍ ଚାମ୍ପିଅନ ହୋଇଥିବାବେଳେ ଶାନ୍ତି ଫୁଟବଲ ଟିମ୍ ରନର୍ସ ଅପ୍ ହୋଇଥିଲା। ଜିଲ୍ଲା କ୍ରୀଡ଼ା ସଂସ୍କାର ସାଧାରଣ ସମ୍ପାଦକ ତଥା ଓଡ଼ିଶା କ୍ରିକେଟ ଆସୋସିଏସନର ଉପସଭାପତି ଜଗମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନ୍‌ର୍ସଅପ ଦଳକୁ ଟ୍ରଫି ପ୍ରଦାନ ସହ ପୁରସ୍କୃତ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଯୁଥ୍ ଫୁଟବଲ ଟିମର ତ୍ରିନାଥ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶଚନ୍ଦ୍ର ପାଢ଼ୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ରେଫରି ନବୀନ କୁମାର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦିରଙ୍କ ତତ୍ତ୍ୱାବଧାନରେ ଓ ନବୀନ କୁମାର ନାଏକଙ୍କ ନେତୃତ୍ୱରେ ଫାଇନାଲ ଖେଳକୁ ବିଶେଶ୍ୱର ପ୍ରଧାନ, ରାଜକୁମାର ହେରନା, ଭବେନ୍ଦ୍ର ଗୋପାଳ ଓ ଭାଗ୍ୟବାନ ଦଳପତି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, କୋଷାଧ୍ୟକ୍ଷ ସରଦାର ନିର୍ମଳ ସିଂ, ଅନ୍ୟାନ୍ୟ ଖେଳ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଏହି ସମସ୍ତ ଖେଳର ସଂଯୋଜକ ମହେନ୍ଦ୍ର କୁମାର ପଣ୍ଡା, ଶମ୍ଭୁ ପ୍ରସାଦ ରାଉତ, କ୍ରିକେଟ ସମ୍ପାଦକ ସର୍ଦାର ସନ୍ତ ସିଂ, ରବି ପ୍ରସାଦ କାନୁନଗୋ, ସୁବାସ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶତାଧିକ ଉଠା ଦୋକାନୀଙ୍କୁ ରାଜପଥ ବିଭାଗର ୭ ଦିନିଆ ନୋଟିସ୍

**କେସିଙ୍ଗା, ୨।୯ (ସମିସ):** କେସିଙ୍ଗା ସହର ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ କଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ବାରମ୍ବାର ତାଗିଦ ଓ ବୈଠକ ସତ୍ତ୍ୱେ ସମାଧାନର କୌଣସି ବାଟ ବାହାରୁ ନାହିଁ। ଦିନକୁ ଦିନ ରାଜରାସ୍ତା କଡ଼ରେ ନିଜର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ନୂତନ ଦୋକାନ ଗଢି ଉଠିଛି। ଉଠା ଦୋକାନୀ ମାନେ ରାଜ ରାସ୍ତା କଡ଼ରେ ଠେଲା ଓ ଦୋକାନ କରିବା ଦ୍ୱାରା ସହରର ଟ୍ରାଫିକ ସମସ୍ୟା ବଢୁଥିବାବେଳେ ଦୁର୍ଘଟଣା ମଧ୍ୟ ଘଟୁଛି। ସେପଟେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସହରର ପ୍ରାୟ ୧୫୦ ଦୋକାନୀଙ୍କୁ ୭ ଦିନିଆ ନୋଟିସ ଦିଆଯାଇ ରାଜରାସ୍ତା ଖାଲି କରିବା ପାଇଁ ଆଉଥରେ ନୋଟିସ ଦିଆଯାଇଛି। ନୋଟିସ ପାଇବା ପରେ ମଧ୍ୟ କୌଣସି ଦୋକାନୀ ସମ୍ବେଦନଶୀଳ ଥିବାର ଦେଖାଯାଉନାହିଁ। ଅନ୍ୟପଟେ ରାଜପଥ ବିଭାଗ ପକ୍ଷରୁ ଉକ୍ତ ବିଷୟ ଉପରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସ୍ଥାନୀୟପୁଲିସ ପ୍ରଶାସନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସହଯୋଗରେ ଜାତୀୟ ରାଜପଥ କଡ଼ରେ ଥିବା ଦୋକାନୀମାନଙ୍କୁ ହଟାଯିବ ବୋଲି କହିଛନ୍ତି।

ମହମହ ବାସିଲା ପାରମ୍ପରିକ ଖାଦ୍ୟ

## ନୁଆଁଖାଇ ଭେଟଘାଟ ପରିବାରର ବିଭିନ୍ନ ପ୍ରତିଯୋଗିତା



**ସିନାପାଲି, ୨।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିର ସାମୂହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ସହ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଆୟୋଜିତ ପ୍ରତିଯୋଗିତା ପୂର୍ବସଭାରେ ବବିତା ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆଇଆଇସି ହେମକାନ୍ତି ଛତ୍ରିଆ ଓ ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସୁନିତା ମେହେର, ଡ. ଅରିଗଞ୍ଜନ ଯୋଷୀ, ଭୀଷ୍ମରାଜ ମାଝୀ, ଲଳିତ କୁମାର ସୁନାରୀ, ଶର୍ମିଳା ଶତପଥୀ, ଅସ୍ମିତା ପାଢ଼ୀ ଯୋଗଦେଇ ଥିଲେ। ପ୍ରତିଯୋଗୀଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ଖାଦ୍ୟ ପସରା ମୁଖ୍ୟ ଆକର୍ଷଣ ଥିଲା। ବେଣୁଧର ମେହେର ଅତିଥି ପରିଚୟ ଦେଇଥିବାବେଳେ କମିଟିର ସଭାପତି ତ୍ରିନାଥ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦୁର୍ଦ୍ଦାନ୍ତ ମେହେର ପ୍ରତିଯୋଗିତାର ନିୟମାବଳୀ ଉପସ୍ଥାପନ କରିଥିବାବେଳେ ବିଶ୍ୱାସ ଯୋଷୀ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତା ହୁଲହୁଲିରେ ନବକିଶୋରୀ ସା, ହାରାବତୀ ମେହେର, ନମିତା ମେହେର ରଙ୍ଗ ଡ଼ିଆଁରେ କ୍ଷୀରେନ୍ଦ୍ରୀ ମେହେର, ନମିତା ମେହେର, ପ୍ରତିଭା ମେହେର ମାଠିଆ ଫଟାରେ ଦୀପାଞ୍ଜଳି ମେହେର, ଡୋଳେଶ୍ୱରୀ ମେହେର, ଉର୍ବସୀ ମେହେର ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀରେ ପଦ୍ମାବତୀ ମେହେର, ସଂଯୁକ୍ତା ମେହେର, କ୍ଷୀରାବ୍ଦ୍ରୀ ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବରେ ସତ୍ୟରୂପା ଯୋଶୀ, ପ୍ରଭାତ ନଳିନୀ ବେହେରା, ଦିପ୍ତିମୟି ଯୋଶୀ, ସୁନୀଲ ମେହେର, ଦୁର୍ଦ୍ଦାନ୍ତ ମେହେର, ବବିତା ମେହେର, ସୁନନ୍ଦା ମେହେର, ହରେଶ ମେହେର, ଦୀପକ ମେହେର, ଧନଞ୍ଜୟ ମେହେର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମାଆ ଭଉଣୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

ହରିହର ସାଗର ଉନ୍ନତୀକରଣ କାମ

# ୪ମାସ ପରେ ବି ନଥିପତ୍ର କରିପାରିନି କ୍ଷୁଦ୍ର ଜଳସେଚନ ବିଭାଗ

ମ.ରାମପୁର, ୨।୯ (ସମିସ)

କଳାହାଣ୍ଡି ଜିଲ୍ଲା ମ.ରାମପୁର ସହରର ମଧ୍ୟ ଭାଗରେ ଅବସ୍ଥିତ ଶତାଧିକ ବର୍ଷର ହରିହର ସାଗର ଏବେ ନୂତନ ପ୍ରଜାତିର ଉଦ୍ଭିଦ ଏବଂ ଦଳରେ ପରିପୂର୍ଣ୍ଣ। ଏଠି ପ୍ରାୟ ୨୦ ଫୁଟ ପାଖାପାଖି ପାଣି ରହିଛି, ହେଲେ ଲୋକେ ଗାଧୋଇ ପାରୁନାହାନ୍ତି। ରାଜା ରାଜୁଡ଼ି ସମୟରେ ଆନୁମାନିକ ଦୁଇ ଶହ ବର୍ଷ ତଳେ ଏହି ସାଗରକୁ ରାଜା ହରିହର ସିଂଦେଓ ଅଞ୍ଚଳବାସୀଙ୍କୁ ଜଳ କଷ୍ଟରୁ ରକ୍ଷା କରିବା ପାଇଁ ଏକ ବୃହତ ନାଳକୁ ଆଡ଼ିବନ୍ଧ ଦେଇ ୧୦୦ ଏକରର ଏକ ବିରାଟସାଗର ଖନନ କରିଥିଲେ। ସାଗରଟି କ୍ଷୁଦ୍ର ଜଳସେଚନ ବିଭାଗ ଦାୟିତ୍ୱ ରେ ଥିବାବେଳେ, ମାଛ ଚାଷ ପାଇଁ ନିଲାମରେ ପ୍ରାପ୍ତ ଅର୍ଥ ପଞ୍ଚାୟତ ନେଉଛି। କିନ୍ତୁ ଏହାର ବିକାଶ ହେଇପାରୁ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସାଗରର ଦୟନୀୟ ଅବସ୍ଥା ଦେଖି ଅଞ୍ଚଳବାସୀ ଆନ୍ଦୋଳନ ଆରମ୍ଭ କରିଛନ୍ତି। ହରିହର ସାଗର ବଞ୍ଚାଅ ସଂଗ୍ରାମ ସମିତି ଗଠନ କରି ଗତ ମେ' ମାସରେ ଜନଆନ୍ଦୋଳନ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ଅଫିସକୁ ଘେରଉ କରିଥିଲେ। ଏହି ଆନ୍ଦୋଳନରେ ସାଗର ଚତୁଃପାର୍ଶ୍ୱରେ ଅବସ୍ଥିତ ତଳସାଗର ପଡ଼ା, ଶୁଣ୍ଢି ପଡ଼ା, ପାଇକ ପଡ଼ା, ଗୌଡ଼ପଡ଼ାବାସୀ ସାମିଲ ରହିଥିଲେ। ଏହାପରେ ଗତ ଜୁଲାଇ ମାସରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଏବଂ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଭାଗୀୟ ଅଧିକାରୀଙ୍କ ସହିତ ହରିହର ସାଗର ପରିଦର୍ଶନ କରିଥିଲେ। ଲୋକଙ୍କ ସହିତ ଆଲୋଚନା କରି ସାଗରର ପୁନଃରୁଦ୍ଧାର ପାଇଁ ଅର୍ଥ ବାଧକ ହେବ ନାହିଁ ବୋଲି ସାଂସଦ ସଂଗ୍ରାମ ସମିତିକୁ ପ୍ରତିଶ୍ରୁତି ଦେଇଥିଲେ। ସାଗରରେ ଥିବା ଦଳ ଓ ଆବର୍ଜନା ଗୁଡିକୁ ସଫା କରିବା ପାଇଁ ପ୍ରଥମ କିସ୍ତିରେ ୬୫ ଲକ୍ଷ ଟଙ୍କା ଆସିଛି। ପଙ୍କ ଉଦ୍ଧାର ପାଇଁ ସାଢ଼େ ୩ କୋଟି ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୧୪ କୋଟି ଟଙ୍କା ପ୍ରାୟ ସାଢ଼େ ୧୭ କୋଟି ଟଙ୍କାର ବ୍ୟୟ ଅଟକଳ ବିଭାଗ କରିଛି। କିନ୍ତୁ ଏହି ବ୍ୟୟ ଅଟକଳ ନଥିପତ୍ର ସରକାରଙ୍କ ଠାରେ ଆଜି ଯାଏଁ ପ୍ରଦାନ କରା ଯାଇନାହିଁ। ଫଳରେ ସାଗର ଉନ୍ନତୀକରଣ ଏବେ ଆଶା ଓ ଆକାଂକ୍ଷାରେ। ସଂଗ୍ରାମ ସମିତି ସାଂସଦ ଓ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କଠାରୁ ଦୃଢ଼ ପ୍ରତିଶ୍ରୁତି ପାଇଛି। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ଖେସଙ୍କୁ ପଚାରିବାରୁ ଆମେ ଚଳିତମାସରେ ବ୍ୟୟବରାଦ ବିବରଣୀ ସରକାରଙ୍କୁ ଦେବୁ ଏବଂ ମଞ୍ଜୁର ହେଲାପରେ ଟେଣ୍ଡର ଆହ୍ୱାନ କରିବୁ। ପ୍ରଥମେ ପଙ୍କ ଉଦ୍ଧାର କାର୍ଯ୍ୟ କରାଯିବ ଏବଂ ପରେ ସୋନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।



**ବିଦ୍ୟୁତ୍ କାଟ୍ ଯୋଗୁ ଅନ୍ଧାରରେ ଜଙ୍ଗଲ ସୀମା ଗାଁ**

# ହାତୀଙ୍କ ମଙ୍ଗଳ; ଲୋକେ ଦହଗଞ୍ଜ

ବଲାଙ୍ଗିର,୨।୯ (ସମିସ)



ଜଙ୍ଗଲ ଓ ଜନବସତି ମଧ୍ୟରେ ଦୂରତା କମୁଛି। ବଲାଙ୍ଗିର ଜିଲ୍ଲାରେ ହାତୀ ଚଳପ୍ରଚଳ ଏବେ ମଣିଷ ଓ ବନ୍ୟଜନ୍ତୁ ଉଭୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଖାଦ୍ୟ ଓ ପାଣି ସନ୍ଧାନରେ ହାତୀ ଜଙ୍ଗଲରୁ ବାହାରି ଚାଷଜମି ଓ ଗାଁ ନିକଟକୁ ଆସୁଛନ୍ତି। ରାସ୍ତାରେ ଥିବା ବିଦ୍ୟୁତ୍ ତାର ସେମାନଙ୍କ ଜୀବନ ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ଅନ୍ୟପଟେ ହାତୀଙ୍କୁ ବିଦ୍ୟୁତ୍ ଆଘାତରୁ ବଞ୍ଚାଇବା ପାଇଁ କେତେକ ଜଙ୍ଗଲ ପାଖ ଅଞ୍ଚଳରେ ରାତି ସମୟରେ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଲୋକେ ମଧ୍ୟ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ବନ ବିଭାଗର ତଥ୍ୟ ଅନୁସାରେ ଜିଲ୍ଲାରେ ପ୍ରାୟ ୮୧ଟି ହାତୀ ରହିଛନ୍ତି। ଦେଓଗାଁ, ସଇଁତଲା, ମୁରିବାହାଲ ଓ ପାଟଣାଗଡ଼ ରେଞ୍ଜରେ ଏହି ହାତୀ ରହିଛନ୍ତି। ଗତ ଶନିବାର ରାତିରେ ପାଟଣାଗଡ଼ ବେଲପଡା ସୀମା ନୁନହାଡ଼ ଗାଁରେ ଜଣେ ବୃଦ୍ଧାଙ୍କୁ ହାତୀ ଦଳି ଦେଇଥିବା ଜଣାପଡିଥିଲା। ପାଟଣାଗଡ଼ ରେଞ୍ଜରେ ଏକାକୀ ଏକ ଗୋଠଛଡା ଦନ୍ତା ବୁଲୁଥିବା ଦେଖିବାକୁ ମିଳିଛି। ତେବେ ହାତୀଙ୍କ ସୁରକ୍ଷାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି ଜଙ୍ଗଲ ଓ ଚାଷଜମି ମଧ୍ୟଦେଇ ଯାଇଥିବା ଖୋଲା ବିଦ୍ୟୁତ୍ ତାର। ହାତୀମାନେ ରାତିରେ ଅଧିକ ସକ୍ରିୟ ହୋଇ ଖାଦ୍ୟ ସନ୍ଧାନରେ ଜଙ୍ଗଲରୁ ବାହାରୁଛନ୍ତି। ଏଣୁ ତଳକୁ ଝୁଲିଥିବା, ଛିଣ୍ଡିଯାଇଥିବା କିମ୍ବା ଅସୁରକ୍ଷିତ ବିଦ୍ୟୁତ୍ ତାର ସେମାନଙ୍କ ପାଇଁ ମୃତ୍ୟୁଫାଶ ପାଲଟିଛି। ଏହା ସହିତ ଚାଷଜମିକୁ ବନ୍ୟଜନ୍ତୁଙ୍କଠାରୁ ବଞ୍ଚାଇବା ପାଇଁ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇବା, ବାର୍ହା ଶିକାର ପାଇଁ ଲାଗିଥିବା ଫାଶ ମଧ୍ୟ ହାତୀ ମୃତ୍ୟୁର ଅନ୍ୟତମ କାରଣ ହୋଇଛି। ମୁରିବାହାଲ ରେଞ୍ଜ ଅଧୀନ ଚାନୁଟମାଲ ଗାଁ ନିକଟ ଏକ କାଜୁ ବଗିଚାରେ ଚଳିତ ବର୍ଷ ଏପ୍ରିଲ ୩୦ ଗୋଟିଏ ପ୍ରାୟ ୮ ବର୍ଷ ବୟସ୍କ ଦନ୍ତାହାତୀର ମୃତଦେହ ମିଳିଥିଲା। ବିଦ୍ୟୁତ୍ ଆଘାତ ହିଁ ମୃତ୍ୟୁର କାରଣ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାରେ ଜଣେ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ଜଣେ ଜମି ମାଲିକ ଓ ବିଦ୍ୟୁତ୍ ବିଭାଗର ଦୁଇ କର୍ମଚାରୀଙ୍କ ବିରୋଧରେ ମାମଲା ହୋଇଥିଲା।। ଏହା ପୂର୍ବରୁ ୨୦୨୪ ନଭେମ୍ବରରେ ପାଟଣାଗଡ଼ ବ୍ଲକ୍‌ର ଗାଡ଼ିଆଯୋର ନିକଟରେ ମଧ୍ୟ ଗୋଟିଏ ବୟସ୍କ ହାତୀର ମୃତଦେହ ମିଳିଥିଲା। ସ୍ଥାନୀୟ ଲୋକେ ହାତୀଟି ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ମରିଥିବା ଆଶଙ୍କା କରିଥିଲେ। ପରେ ଏହି ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବନ ବିଭାଗ ଏହି ଘଟଣାକୁ ଚାପି ଦେଇଥିଲା। ଏହି ଦୁଇ ହାତୀ ମୃତ୍ୟୁ ଘଟଣା କେବଳ ଉଦାହରଣ ମାତ୍ର। ଏହିଭଳି ବିଗତ ଦିନରେ ଅନେକ ହାତୀ ବିଦ୍ୟୁତ ଫାଶରେ ମରିଛନ୍ତି। ବଲାଙ୍ଗିରର ଏହି ଘଟଣାଗୁଡ଼ିକୁ ଦେଖିଲେ ଜଙ୍ଗଲ ନିକଟ ଅଞ୍ଚଳର ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠୁଛି। ହାତୀଙ୍କ ଗତିପଥ ଚିହ୍ନଟ କରି ସେହି ଅଞ୍ଚଳର ଝୁଲନ୍ତା ତାର, ଦୁର୍ବଳ ଖୁଣ୍ଟି ଓ ଅସୁରକ୍ଷିତ ଲାଇନ୍‌କୁ ତୁରନ୍ତ ମରାମତି କରିବା ଆବଶ୍ୟକ। ଆବଶ୍ୟକ ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର, ଉଚ୍ଚ ଖୁଣ୍ଟି ଏବଂ ଲାଇନ୍‌ର ନିୟମିତ ଯାଞ୍ଚ ବ୍ୟବସ୍ଥା କରାଗଲେ ଝୁଲନ୍ତା ତାରରୁ ହାତୀ ମୃତ୍ୟୁର ଆଶଙ୍କା କମିପାରିବ। ଅନ୍ୟପଟେ ହାତୀ ଚଳପ୍ରଚଳ ସମୟରେ ବିଦ୍ୟୁତ୍ କାଟ ହେବାରୁ ଜଙ୍ଗଲ ପାଖ ଗାଁର ଲୋକେ ଅନ୍ଧାରରେ ରହୁଥିବା ଅଭିଯୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ହାତୀଙ୍କୁ ବଞ୍ଚାଇବା ଯେତିକି ଜରୁରୀ, ସେତିକି ଜରୁରୀ ଗ୍ରାମବାସୀଙ୍କୁ ନିରାପଦ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଦେବା। ଗାଁ ଅନ୍ଧାରରେ ରହୁଥିବାରୁ ଅନେକ ସମୟରେ ହାତୀ ଗାଁରେ ବୁଲିଲେ ମଧ୍ୟ ସେମାନେ ଜାଣିପାରୁ ନାହାନ୍ତି। ସେହିପରି ବର୍ଷା ମାସ ହେଇଥିବାରୁ ଗାଁରେ ସାପ ସହିତ ଅନ୍ୟ ବନ୍ୟଜନ୍ତୁ ଭୟ ମଧ୍ୟ ରହିଛି। ତେଣୁ ସାଧାରଣ ବିଦ୍ୟୁତ୍ କାଟ ବଦଳରେ ହାତୀ ଚଳପ୍ରଚଳ ଅଞ୍ଚଳରେ ସ୍ମାର୍ଟ ମନିଟରିଂ, ଫଲ୍ଟ ଡିଟେକ୍ସନ, ଇନସୁଲେଟେଡ୍ ଲାଇନ୍ ଓ ଆବଶ୍ୟକ ସମୟରେ ନିୟନ୍ତ୍ରିତ ବିଦ୍ୟୁତ୍ ବନ୍ଦ ଭଳି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଓଡ଼ିଶାରେ ୨୦୨୫-୨୬ ବର୍ଷରେ ବିଦ୍ୟୁତ୍ ଆଘାତରେ ୧୪ଟି ହାତୀ ମରିଥିବା ଏବଂ ୨୦୧୦ରୁ ୨୦୨୬ ମଧ୍ୟରେ ଏପରି ଘଟଣାରେ ୨୨୭ଟି ହାତୀ ପ୍ରାଣ ହରାଇଥିବା ତଥ୍ୟ ପ୍ରକାଶ ପାଇଛି।

## କାର୍ଯ୍ୟବନ୍ଦ ଆନ୍ଦୋଳନରେ ସଇଁତଲା ଯୋଗାଣ ସହାୟକ




ସଇଁତଲା,୨।୯ (ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ଯୋଗାଣ ସହାୟକମାନେ ରାଜ୍ୟ ସଂଘର ଆହ୍ୱାନ କ୍ରମେ ସ୍ଥାୟୀ ନିଯୁକ୍ତି ସମେତ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ସଇଁତଲା ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୧୪ ବର୍ଷ ଧରି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଆସୁଥିଲେ ମଧ୍ୟ ଯୋଗାଣ ସହାୟକମାନଙ୍କୁ ଏପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି ମିଳି ନ ଥିବା ଅଭିଯୋଗ କରିଛି ସଂଘ। ଏହାଫଳରେ ଯୋଗାଣ ସହାୟକମାନେ ଆର୍ଥିକ ଓ ସାମାଜିକ ସମସ୍ୟାରେ ପଡ଼ିଛନ୍ତି। ସେମାନଙ୍କ ପରିବାର ମଧ୍ୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସଂଘ କହିଛି। ଦାବିଗୁଡ଼ିକ ଆଜି ପର୍ଯ୍ୟନ୍ତ ସମାଧାନ ହୋଇନି। ଏଣୁ ଆଜିଠାରୁ ସମସ୍ତ ଯୋଗାଣ ସହାୟକ ସମୂହ ଛୁଟିରେ ରହି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଇଁତଲା ବ୍ଲକ୍ ଯୋଗାଣ ସହାୟକ ସଂଘର ସଭାପତି ଯତିନ୍ଦ୍ର ଦାସଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ୨୨ଟି ପଞ୍ଚାୟତର ଯୋଗାଣ ସହାୟକ ଉପସ୍ଥିତ ରହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ହାତଗୁଞ୍ଜା ନେଇ ଅସମ୍ପୂର୍ଣ୍ଣ ଘର ସମ୍ପୂର୍ଣ୍ଣ

କଣ୍ଟାବାଞ୍ଜି/ତୁରେକେଲା,୨।୯ (ସମିସ): ଗରିବର ମୁଣ୍ଡ ଗୁଞ୍ଜିବା ସ୍ୱପ୍ନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବେ ବଲାଙ୍ଗୀର ଜିଲ୍ଲାର ତୁରେକେଲା ବ୍ଲକରେ ଦୁର୍ନୀତିର ଆବାସ ପାଲଟିଛି। ବଡବାଙ୍କି ପଞ୍ଚାୟତରୁ ଏପରି ସଙ୍ଗୀନ ଅଭିଯୋଗ ଆସିଛି; ଯାହା ସାରା ତୁରେକେଲା ବ୍ଲକ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି। ଅଭିଯୋଗ ଅନୁସାରେ, ବଡବାଙ୍କି ପଞ୍ଚାୟତ ଅଧୀନରେ ଥିବା ମୁରିବାହାଲ, ତାହାରପାଣି, ସାଲେମୁଡଙ୍ଗା, ସାନବାଙ୍କି, ଜାମକି ଭଗଏ ଅନେକ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଘର ଏ ଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। କେତେକ ଘରର ଛାତ ପଡିନାହିଁ। କେତେକ ଘର ଅଧା ଗଢା ହୋଇ ପଡି ରହିଛି। ହେଲେ କାଗଜ ପତ୍ରରେ ସେ ସବୁ ଘର ସମ୍ପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏବାବଦକୁ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ମଧ୍ୟ ଉଠିଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଏହି ଦୁର୍ନୀତି ପଛରେ ଆବାସ ଯୋଜନା ଦାୟିତ୍ୱରେ ଥିବା ପଞ୍ଚାୟତ ଓ ବ୍ଲକ କର୍ମଚାରୀ ଅଛନ୍ତି। ସେମାନେ ହିତାଧିକାରୀଙ୍କଠାରୁ ମୋଟା ଅଙ୍କର ହାତ ଗୁଞ୍ଜା ନେଇ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ବୋଲି ଫୋଟୋ ଅପଲୋଡ୍ କରି ସରକାରୀ ଆଖିରେ ଧୂଳି ଦେଇଛନ୍ତି। ଏହି ଘଟଣା ଏବେ ତୁରେକେଲା ବ୍ଲକ ଅଞ୍ଚଳରେ ବଡ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଶାସନିକ ତଦାରଖ, ଯୋଜନାର ଜିଓ ଟ୍ୟାଗ ଫଟୋ, ତିନି ଥର ଯାଞ୍ଚ ସବୁ ମିଛ ବୋଲି ପ୍ରମାଣିତ ହୋଇଛି। ସବୁଠୁ ବଡ ଅଭିଯୋଗ ହେଉଛି ଏ ନେଇ ତଦନ୍ତ କରି ଦୋଷୀ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ବ୍ଲକ ପ୍ରଶାସନ ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଛି। ଗରିବ ହିତାଧିକାରୀ ଭୟରେ ମୁହଁ ଖୋଲୁ ନାହାନ୍ତି। ଏହାରକାରଣ ପରକିସ୍ତି ଟଙ୍କା ଅଟକି ଯିବ ବୋଲି ସେମାନେ ଆଶଙ୍କା କରିଛନ୍ତି।



- ତୁରେକେଲା ବ୍ଲକ୍‌ରେ ପ୍ରଶାସନିକ ତଦାରଖ ଫେଲ୍
- ବଡବାଙ୍କି ପଞ୍ଚାୟତରେ ଆବାସ ଘୋଟାଲା
- ଘଟଣା ଚାପିବାକୁ ଉଦ୍ୟମ କରୁଛି ବିଭାଗ

**ଗୋଷ୍ଠୀ ଗୃହ ନାଁରେ ମନ୍ଦିର ନିର୍ମାଣ**

# ଖବର ପ୍ରକାଶ ପରେ ଚାପିଦେବାକୁ ଉଦ୍ୟମ

ତୁରେକେଲା,୨।୯ (ସମିସ): ବଲାଙ୍ଗୀର ଲୋକସଭା ସାଂସଦ ପାଣ୍ଠିରେ ବଡ ଅନିୟମିତତା ଏବଂ ନିୟମ ଉଲ୍ଲଂଘନର ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ତୁରେକେଲା ବ୍ଲକ ବଡବାଙ୍କି ଗାଁରେ ଘଟଣା ଘଟିଛି। ଦୈନିକ 'ସକାଳ'ରେ ଏ ନେଇ ଖବର ପ୍ରକାଶିତ ହେବା ପରେ ଏବେ ଘଟଣାକୁ ଚାପି ଦେବାକୁ ଜୋରସୋର ଉଦ୍ୟମ ଚାଲିଛି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତୁରେକେଲା ପଞ୍ଚାୟତ ସମିତି ଅଧୀନରେ ବଡବାଙ୍କି ଗାଁର ହନୁମାନ ମନ୍ଦିର ପାଖରେ ଏକ ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ବଲାଙ୍ଗୀର ଲୋକସଭା ସାଂସଦ ପାଣ୍ଠିରୁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା; କିନ୍ତୁ ଅଭିଯୋଗ ହେଉଛି ଯେ ଦାୟିତ୍ୱରେ ଥିବା ଠିକାଦାର ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନେ ମିଳିମିଶି ଗୋଷ୍ଠୀ ଗୃହ ନ କରି ସେହି ସ୍ଥାନରେ ଏକ ମନ୍ଦିର ଗୃହ ନିର୍ମାଣ କରିଛନ୍ତି। ତାହା ପୁଣି ଅତି ନିମ୍ନମାନର କାମ କରି ସରକାରୀ ଅନୁଦାନ ଆତ୍ମସାତ କରିବାକୁ ଉଦ୍ୟମ କରାଯାଇଛି। ଗାଇଡଲାଇନ୍ ଅନୁସାରେ ସାଂସଦ ପାଣ୍ଠିରେ କୌଣସି ଧାର୍ମିକ ଅନୁଷ୍ଠାନ, ମନ୍ଦିର, ମସଜିଦ, ଚର୍ଚ୍ଚ ନିର୍ମାଣ ସମ୍ପୂର୍ଣ୍ଣ ନିଷେଧ। ଏହି ପାଣ୍ଠି କେବଳ ସାମୁଦାୟିକ ବିକାଶ ପାଇଁ ଯେମିତି ଗୋଷ୍ଠୀ ଗୃହ, ପାଠାଗାର, ରାସ୍ତା, ପାନୀୟ ଜଳ ପ୍ରକଳ୍ପ ପାଇଁ ବ୍ୟବହାର ହେବ; କିନ୍ତୁ ବଡବାଙ୍କିରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଏହି ଦୁର୍ନୀତିରେ ତତ୍କାଳୀନ ବଡବାଙ୍କି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। କାରଣ ତାଙ୍କ ତଦାରଖରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯେତେବେଳେ ଗୋଷ୍ଠୀ ଗୃହ ନାଁରେ ମନ୍ଦିର ନିର୍ମାଣ ହେଲା ସେତେବେଳେ ସେ କାହିଁକି କାମ ବନ୍ଦ କଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ଖୋଲାଖୋଲି ଏହି ଦୁର୍ନୀତିକୁ ପ୍ରଶ୍ରୟ ଦେଇ ସାଂସଦ ପାଣ୍ଠିର ଅପବ୍ୟବହାର କରିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ନିୟମ ଉଲ୍ଲଂଘନକାରୀ ଗୃହର ସରକାରୀ ବିଲ୍ କେମିତି ହେଲା ତାହା ମଧ୍ୟ ଏକ ପ୍ରଶ୍ନ। ଏହା ପଛରେ କେଉଁ ବଡ଼ବଡ଼ିଆମାନଙ୍କ ହାତ ଅଛି ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି। ଯେତେବେଳେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଲା ସେତେବେଳେଠାରୁ ତୁରେକେଲା ବ୍ଲକ ପ୍ରଶାସନ ଦୋଷୀ କର୍ମଚାରୀଙ୍କୁ ବଞ୍ଚାଇବାକୁ ଯାଇ ଘଟଣା ଚାପିଦେବାକୁ ଉଦ୍ୟମ କରୁଛି। ତେବେ ଏନେଇ ତୁରେକେଲା ବ୍ଲକ ଆସିଷ୍ଟାଣ୍ଟ ଇଂଜିନିୟରିଂ ନବ ମଲିକ୍ ଏବଂ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ମନୋରଂଜନ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲା; ହେଲେ ସେମାନେ ମୁହଁ ଖୋଲୁ ନାହାନ୍ତି।



# 'ଫୋନ୍‌ପେ'ରେ ଟଙ୍କା ଆଦାୟ କଲେ ସାର ବ୍ୟବସାୟୀ

ସଇଁତଲା,୨।୯ (ସମିସ): ଚାଷୀ ହସିଲେ ଦେଶ ହସିବ। ଚାଷୀଙ୍କ ସ୍ୱାର୍ଥ ଓ ତାଙ୍କ ଉତ୍ପାଦନ ଉପରେ ଦେଶର ଅର୍ଥନୀତି ନିର୍ଭର କରୁଥିବା ବେଳେ ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକରେ ସାର ବିକ୍ରିକୁ ନେଇ ଉଠିଛି ସଙ୍ଗୀନ ଅଭିଯୋଗ। ଚାଷୀଙ୍କୁ ନିର୍ଦ୍ଧାରିତ ଦରଠାରୁ ଅଧିକ ଦାମରେ ସାର ବିକ୍ରି କରାଯାଉଥିବା ଅଭିଯୋଗ ଉଠୁଛି। ଏବେ ସାର ବ୍ୟବସାୟୀମାନଙ୍କ ଠାରୁ ଫୋନ୍‌ପେ ମାଧ୍ୟମରେ ଟଙ୍କା ଆଦାୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ସଇଁତଲା ବ୍ଲକର ୨୨ଟି ପଞ୍ଚାୟତରେ ଅନେକ ସାର ବ୍ୟବସାୟୀ ଚାଷୀଙ୍କୁ ସାର ଯୋଗାଇ ଆସୁଛନ୍ତି। ତେବେ ଚାଷୀମାନଙ୍କ ଅଭିଯୋଗ କେତେକ ସ୍ଥାନରେ ସାରର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦାମ ନିଆଯାଉଛି। ଏହାଫଳରେ ଚାଷୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଛି। ଚାଷ କାର୍ଯ୍ୟର ଏହି ସମୟରେ ସାରର ଚାହିଦା ବଢ଼ିଥିବାରୁ ଏଭଳି ଅଭିଯୋଗ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାରି ମଧ୍ୟରେ ସାର ବ୍ୟବସାୟୀଙ୍କଠାରୁ ଫୋନ୍‌ପେ ମାଧ୍ୟମରେ ଟଙ୍କା ନେଣଦେଣର ଏକ ଘଟଣା ଏବେ ପ୍ରଶ୍ନ ଉଠାଇଛି। ବ୍ଲକର ପ୍ରାୟ ୫୪ ଜଣ ସାର ବ୍ୟବସାୟୀଙ୍କଠାରୁ (ପ୍ରତ୍ୟେକଙ୍କଠାରୁ ୧ ହଜାର ଟଙ୍କା ଲେଖାଏଁ) ଫୋନ୍‌ପେ ମାଧ୍ୟମରେ ଆଦାୟ କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ଏହି ଟଙ୍କା କାହା ପାଇଁ ଏବଂ କେଉଁ ଉଦ୍ଦେଶ୍ୟରେ ଆଦାୟ କରାଯାଇଥିଲା ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କିତ ଫୋନ୍‌ପେ ନେଣଦେଣର ସ୍କ୍ରିନସଟ୍ "ସକାଳ' ହାତରେ ଲାଗିଛି।

**● କଣ୍ଟାବାଞ୍ଜି ତହସିଲ ୩ ଦିନ ହେଲା ଅଚଳ**

# ଓକିଲଙ୍କ ଆନ୍ଦୋଳନ ସ୍ଥଳକୁ ଆସି ଉପଜିଲ୍ଲାପାଳ ହଟହଟା



କଣ୍ଟାବାଞ୍ଜି,୨।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଣ୍ଟାବାଞ୍ଜି ଓକିଲ ସଂଘର କର୍ମକର୍ତ୍ତା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ବସିଛନ୍ତି। ଗତ କିଛି ମାସ ହେଲା ମ୍ୟୁଟେସନ, ପଟ୍ଟା, ଜାତି, ଆୟ, ବାସିନ୍ଦା ପ୍ରମାଣପତ୍ର, ସାର୍ଟିଫାଏଡ କପି ଓ ୮(୧)(ସି) ମାମଲା ଭଳି ସବୁ ଫାଇଲ ଧୂଳି ଖାଉଛି। ଜମିର ଅହେତୁକ ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି, ବ୍ୟାପକ ଲାଞ୍ଚ କାରବାର ଓ ଦଲାଲ ରାଜ ବିରୋଧରେ ଅଭିଯୋଗ ଆଣି ୧୧ ଦଫା ନେଇ ସେମାନେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଜାରି ରଖିଛନ୍ତି। ବୁଧବାର ତୃତୀୟ ଦିନରେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଓକିଲ ସଂଘର ଆନ୍ଦୋଳନ ସ୍ଥଳକୁ ଆସି ତାଙ୍କ ସହ ଆଲୋଚନା କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ତାଙ୍କ ସହ ଓକିଲ ସଂଘ କୌଣସି ଆଲୋଚନା କରିବ ନାହିଁ। ତହସିଲ ଅଫିସରେ ଚାଲିଥିବା ଏହି ବେଆଇନ କାର୍ଯ୍ୟରେ ସେ ମଧ୍ୟ ସଂପୃକ୍ତି ଥିବା ଅଭିଯୋଗ ଆଣିବା ସହ ତାଙ୍କ ଦ୍ୱାରା ଏହି ଦାବି ପୂରଣ ହେବ ନାହିଁ ବୋଲି ଓକିଲମାନେ କହିଥିଲେ। ବଲାଙ୍ଗୀର ଜିଲ୍ଲାପାଳ ଆସିଲେ ଆଲୋଚନା ହେବ ବୋଲି କହିବା ସହ ଉପ ଜିଲ୍ଲାପାଳ ଗୋ ବେକ୍ ନାରା ଦେଇ ଓକିଲମାନେ ଉପ ଜିଲ୍ଲାପାଳଙ୍କୁ ହଟହଟା କରିଥିବା ଦେଖିବାକୁ ମିଳିଛି। ଏହା ଉପରେ ଉପ ଜିଲ୍ଲାପାଳ ଚାଲି ଯାଇଥିଲେ। ତେବେ ବିଜେଡି ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀଙ୍କ ନେତୃତ୍ୱରେ ଶତାଧିକ ଯୁବକ ଆସି ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣା ସାମିଲ ହୋଇଥିଲେ। ସେହିପରି କଣ୍ଟାବାଞ୍ଜି ଅଗ୍ରୱାଲ ସଭା ସହ ବିଭିନ୍ନ ସମାଜ ଓ ସଂଗଠନର କର୍ମକର୍ତ୍ତା ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ୩ ହେଲା ଅଚଳ ଏଠାରେ ସମସ୍ତ ସରକାରୀ କାର୍ଯ୍ୟ ବନ୍ଦ ରହିଛି। ତହସିଲକୁ ବିଭିନ୍ନ କାମ ନେଇ ଆସୁଥିବା ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**● ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ୍ୟୁ ଘଟଣା**

# ପୁଲିସ ନିଷ୍କ୍ରିୟତା ଉପରେ ପ୍ରଶ୍ନ, ସନ୍ଦେହରେ କମ୍ପାନୀ

ଖପ୍ରାଖୋଲ,୨।୯ (ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଓଡ଼ିଆପାଲିର ଏକ ବିବାଦୀୟ ସ୍ଥାନରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୧୧ କେଭି ବିଦ୍ୟୁତ୍ ତାର ତଳେ ବେଆଇନ ଭାବେ କାମ ଚାଲିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ନୀରବ ରହିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ଘଟଣା ପରେ କମ୍ପାନୀର ଠିକାଦାର ଓ କର୍ମଚାରୀ ଫେରାର୍ ହୋଇଯିବା ସେମାନଙ୍କ ପ୍ରତି ସନ୍ଦେହ ପ୍ରକଟ କରୁଥିବା ନେଇ ସ୍ଥାନୀୟ ଲୋକମାନେ ଚର୍ଚ୍ଚା କରିବା ଆରମ୍ଭ କରି ଦେଇଛନ୍ତି। ଆହୁରି ମଧ୍ୟ ଯେ ଏହି ସମ୍ବେଦନଶୀଳ ଘଟଣାଟିକୁ ଚପାଇ ଦେବାକୁ କମ୍ପାନୀ କର୍ମଚାରୀମାନେ ଉଦ୍ୟମ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। କମ୍ପାନୀ କିପରି ବିଦ୍ୟୁତ୍ ବିଭାଗର ବିନା ସ୍ୱୀକୃତିରେ ଓ ବିନା ସୁରକ୍ଷା ବ୍ୟବସ୍ଥାରେ ଗରିବ ଶ୍ରମିକମାନଙ୍କୁ ବିପଦସଙ୍କୁଳ ସ୍ଥାନରେ କାମରେ ଲଗାଇଥିଲେ ତାହା କମ୍ପାନୀର କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରିଛି। ଏବେ କେବଳ କମ୍ପାନୀ ବିରୁଦ୍ଧରେ ଶ୍ରମ ବିଭାଗ କି ପଦକ୍ଷେପ ନେଉଛି ତାହା ଆଗକୁ ପ୍ରଶାସନର ପାରଦର୍ଶିତା ଜଣାପଡ଼ିବ ବୋଲି ମଧ୍ୟ ଆଲୋଚନା ହେଉଛି। ଆଇଁଲାଭଟା ଗ୍ରାମର ମୃତ ଛବିଲ ପାଣ୍ଡେଙ୍କ ପରିବାର ଏବଂ ଗୁରୁତର ଆହତ ହୋଇଥିବା ଅନ୍ୟ ଶ୍ରମିକମାନଙ୍କୁ କମ୍ପାନୀ ଏବଂ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପୀଡିତ ପରିବାରର ଲୋକଙ୍କୁ କମ୍ପାନୀ ତରଫରୁ ସେମାନଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ସେ ଯଥା ସମ୍ଭବ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

**● ସଇଁତଲାକୁ ଏନ୍‌ଏସି ମାନ୍ୟତା ଦାବି**

# ଗର୍ଜିଲେ ପୂର୍ବତନ ମନ୍ତ୍ରୀ ଟୁକୁନି




ସଇଁତଲା, ୨।୯ (ସମିସ): ସଇଁତଲାକୁ ଏନଏସି ମାନ୍ୟତା ପ୍ରଦାନ ଦାବିରେ ଦିନକୁ ଦିନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସଇଁତଲାକୁ ଏନଏସି ଘୋଷଣା କରିବା ଦାବିରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିବା ବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସମର୍ଥନ ମଧ୍ୟ ରହିଛି। ଦୀର୍ଘଦିନ ଧରି ସଇଁତଲାକୁ ଏନଏସି ମାନ୍ୟତା ଦେବା ପାଇଁ ଦାବି ହୋଇଆସୁଛି। ଅଞ୍ଚଳର ବିକାଶ, ମୌଳିକ ସୁବିଧାର ସୁଦୃଢ଼ୀକରଣ ଏବଂ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଏନଏସି ମାନ୍ୟତା ଆବଶ୍ୟକ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଆଜି ଏହି ଆନ୍ଦୋଳନରେ ବିଜେଡି ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ସାମିଲ ହୋଇଥିଲେ। ଆନ୍ଦୋଳନରେ ଯୋଗଦେଇ ସେ ବିଜେପି ସରକାର ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବିଜେଡି ସରକାର ଯାହା ପ୍ରତିଶ୍ରୁତି ଦେଉଥିଲା ତାହାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲା; କିନ୍ତୁ ବର୍ତ୍ତମାନର ବିଜେପି ସରକାର ମିଛ ପ୍ରତିଶ୍ରୁତି ଦେବାରେ ଏକ ନମ୍ବର ବୋଲି ସେ କଟାକ୍ଷ କରିଥିଲେ। ସଇଁତଲାକୁ ଏନଏସି ଘୋଷଣା ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ପଛକୁ ହଟିବେ ନାହିଁ ବୋଲି ଟୁକୁନି ସାହୁ କହିଛନ୍ତି। ଏହି ଆନ୍ଦୋଳନରେ ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ଜିଲ୍ଲା ପରିଷଦ ପ୍ରମୋଦ ଭୋଇ, କପିଳ ଭୋଇ, ବିଜେଡି ବ୍ଲକ ସଭାପତି ସୁବାଷ ବୁଡ଼େକ, ଲିଲି ସାହୁ, ଗଜପତି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଫାଷ୍ଟଫୁଡ୍ ଦୋକାନରେ ଚଢ଼ଉ



ବଲାଙ୍ଗିର,୨।୯ (ସମିସ): ବଲାଙ୍ଗିର ସହରର ବିଭିନ୍ନ ଫାଷ୍ଟଫୁଡ୍ ସେଣ୍ଟରରେ ମଙ୍ଗଳବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଜିପି ଫିଡ୍, ବିଗିଜ୍ ବର୍ଗର ଓ ବିଗ୍ ଗାଇଜ୍ ଭଳି ମୋଟ ୧୦ ଫାଷ୍ଟଫୁଡ୍ ସେଣ୍ଟର୍ ଯାଞ୍ଚ କରାଯାଇଥିଲା। ବାସି ଖାଦ୍ୟ, ମାଂସ ଓ ରନ୍ଧନ ତେଲର ଗୁଣବତ୍ତା ସହିତ ପ୍ରତିଷ୍ଠାନଗୁଡ଼ିକର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୩ ଲିଟର ଏକ୍ସପାଏର୍ଡ ରନ୍ଧନ ତେଲ, ୨ କିଲୋଗ୍ରାମ ଚିକେନ୍ କରି ଏବଂ ୨୦ଟି ଚିକେନ୍ ଆଇସ୍ ଷ୍ଟିକ୍ ସମେତ ଅନ୍ୟ ନିମ୍ନମାନର ଖାଦ୍ୟପାନୀୟ ନଷ୍ଟ କରାଯାଇଥିଲା। ଏହା ସହିତ ୩ଟି ଖାଦ୍ୟ ପ୍ରତିଷ୍ଠାନକୁ ନୋଟିସ୍ ଜାରି କରାଯାଇଛି। ଜନସାଧାରଣଙ୍କୁ ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ କରିବା ସହ ଖାଦ୍ୟ ପ୍ରତିଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ସୁନିଶ୍ଚିତ ପାଇଁ ଏଭଳି ଯାଞ୍ଚ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଦଣ୍ଡ ବଦଳରେ ମିଳିଲା ପୁରସ୍କାର

କଣ୍ଟାବାଞ୍ଜି,୨।୯ (ସମିସ)



ବଲାଙ୍ଗୀର ଜିଲ୍ଲା ପୁଲିସ ଜଣେ ବିବାଦୀୟ ହାବିଲଦାରଙ୍କୁ ଦଣ୍ଡ ବଦଳରେ ପୁରସ୍କୃତ କରିଛି। ମୁରୀବାହାଲ ଥାନାର ବିବାଦୀୟ ହାବିଲଦାର ଗୁପ୍ତବାସ ମାଝି ଗତ ମାସରେ ଥାନା ଭିତରେ ଜଣେ କନଷ୍ଟେବଲଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଥାନା ଭିତରେ ଥିବା ଅନ୍ୟ ପୋଲିସ କର୍ମଚାରୀଙ୍କ ସାମ୍ନାରେ ଏହି ଘଟଣା ଘଟିଥିଲା। କନଷ୍ଟେବଲ ଏ ନେଇ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଲା ପରେ ସାରା ବଲାଙ୍ଗୀର ଜିଲ୍ଲା ପୁଲିସରେ ହଇଚଇ ସୃଷ୍ଟି ହୋଇଥିଲା। ତେବେ ଖବର ପ୍ରକାଶ ପରେ ପୁଲିସ ବିଭାଗ ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ଏକ ନାଟକ କଲା। ବିବାଦୀୟ ହାବିଲଦାରଙ୍କୁ ମୁରୀବାହାଲରୁ ହଟାଇ ସିନ୍ଧେକେଲା ଥାନାରେ ଡେପୁଟେସନ ଡ୍ୟୁଟି ଦିଆଗଲା। ଲୋକେ ଭାବିଲେ ବୋଧେ ବିଭାଗୀୟ ତଦନ୍ତ ହେବ। କଣ୍ଟାବାଞ୍ଜି ଏସଡିପିଓ ତଦନ୍ତ କରିବେ; କିନ୍ତୁ ଏହା କେବଳ ଥଣ୍ଡା ପାଣି ଢାଳିବା ପାଇଁ ଥିଲା। ମାତ୍ର କିଛି ଦିନ ଭିତରେ ପୁଣି ଚୁପଚାପ ସେହି ହାବିଲଦାରଙ୍କୁ ମୁରୀବାହାଲ ଥାନାକୁ ପ୍ରତ୍ୟାବର୍ତ୍ତନ କରାଯାଇଛି। ଏବେ ସେ ଥାନାରେ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ଭାବେ ବୁଲୁଛନ୍ତି। "ମୋର କିଏ କଣ କରିବ, ମୋ ପଛରେ ବଡ ହାତ ଅଛି' ବୋଲି ଖୋଲିଖୋଲି କହୁଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ସବୁଠୁ ବଡ ପ୍ରଶ୍ନ ହେଉଛି ତଦନ୍ତକାରୀ ଅଧିକାରୀଙ୍କ ଭୂମିକା। ଥାନା ଭିତରେ ଏପରି ଅନୁଶାସନହୀନତା ଘଟିଲା ପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଏକ ଅଭିଯୋଗ ହୋଇଥିଲା। ଏହା ପରେ କଣ୍ଟାବାଞ୍ଜି ଏସଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା; କିନ୍ତୁ ଆଜି ଯାଏଁ କୌଣସି ରିପୋର୍ଟ ସାର୍ବଜନୀନ ହେଲା ନାହିଁ। କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏସଡିପିଓ ତଦନ୍ତ କରିଥିଲେ କି ନାହିଁ, ନା ତଦନ୍ତ ରିପୋର୍ଟକୁ ଚାପି ଦିଆଗଲା ବୋଲି ଚର୍ଚ୍ଚା ହେଉଛି। ସେହିପରି ବଲାଙ୍ଗୀର ଜିଲ୍ଲା ପୁଲିସ ମୁଖ୍ୟ ଏହି ଘଟଣାରେ କଣ ପଦକ୍ଷେପ ନେଲା; ଜଣେ ହାବିଲଦାର ଯଦି ଥାନା ଭିତରେ କନଷ୍ଟେବଲଙ୍କୁ ପିଟୁଛନ୍ତି ତେବେ ଏହା ପୁଲିସ ଅନୁଶାସନର ଚରମ ଉଲ୍ଲଂଘନ। ଏଥିରେ ତୁରନ୍ତ ନିଲମ୍ବନ ଓ ବିଭାଗୀୟ ତଦନ୍ତ ହେବା କଥା; କିନ୍ତୁ ଏଠି ଓଲଟା ହେଲା। ଆକ୍ରମଣକାରୀକୁ ପୁଣି ସେହି ଥାନାକୁ ଫେରାଇ ଅଣାଗଲା। ସ୍ଥାନୀୟ ଲୋକେ ଓ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ପ୍ରଶ୍ନ କରୁଛନ୍ତି ହାବିଲଦାର ଗୁପ୍ତବାସ ମାଝିଙ୍କୁ କିଏ ନିଶ୍ଚିତ ଆଶୀର୍ବାଦ ଦେଉଛି। ତାଙ୍କ ପଛରେ କିଶ୍ଚିତ ଶକ୍ତିଶାଳୀ ଅଦୃଶ୍ୟ ହାତ ଅଛି; ଯାହା ପାଇଁ ଥାନା ଅଧିକାରୀଠୁ ଆରମ୍ଭ କରି ଏସଡିପିଓଙ୍କ ଯାଏଁ ଚୁପ୍। ଯା ପଛରେ ମାସିକିଆ ହାତ ଗୁଜା ଆଦାୟ ନାଳ ବଡ଼ବଡ଼ିଆଙ୍କ ଚାପ୍ ବୋଲି ମଧ୍ୟ ପ୍ରଶ୍ନ ଉଠୁଛି।

- ମୁରିବାହାଲ ଥାନାରେ ହାବିଲଦାର ରାଜ
- କନଷ୍ଟେବଲଙ୍କୁ ପିଟି ବିବାଦୀୟ
- ସିନ୍ଧେକେଲାକୁ ନାମକୁ ମାତ୍ର ଡେପୁଟେସନ ହୋଇଥିଲା

# ବଲାଙ୍ଗିରରେ ଧରାପଡ଼ିଲା ଦେହ ବ୍ୟବସାୟ

**ହୋଟେଲ ଓ ଭଡ଼ାଘରେ ଚାଲିଥିଲା କାରବାର**

**୧୦ ମହିଳା ଉଦ୍ଧାର, ୧୦ ଜଣ ଅଟକ**

ବଲାଙ୍ଗିର, ୨୧।୯ (ସମିସ): ବଲାଙ୍ଗିର ସହରରେ ଦେହ ବ୍ୟବସାୟ ଓ ମହିଳା ଚାଲାଣ ଅଭିଯୋଗକୁ ନେଇ ପୁଲିସ ଏକାସାଙ୍ଗରେ ଦୁଇଟି ସ୍ଥାନରେ ଚଢ଼ାଉ କରିଛି। ଲକ୍ଷ୍ମୀପୁର ଥାନା ଅଞ୍ଚଳର ଆଲୋକନଗର-ଶାନ୍ତିପଡ଼ାରେ ଏକ ଭଡ଼ାଘର ଏବଂ ବଲାଙ୍ଗିର ଟାଉନ ଥାନା ଅଧୀନ ରେଳୱେ ଷ୍ଟେସନ ଛକ ନିକଟସ୍ଥ ଏକ ହୋଟେଲରେ ଚଢ଼ାଉ କରି ପୁଲିସ ମୋଟ ୧୦ ଜଣ ମହିଳାଙ୍କୁ ଉଦ୍ଧାର କରିଥିବା ବେଳେ ୧୦ ଜଣଙ୍କୁ ଗିରଫ କରିଛି। ଘଟଣାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ଲକ୍ଷ୍ମୀପୁର ଥାନାରେ ରୁଜୁ ହୋଇଥିବା କେସ୍ ନମ୍ବର ୧୬୭/ ୨୦୨୬ରେ ଅନୈତିକ ଦେହ ବ୍ୟବସାୟ ନିବାରଣ ଆଇନର ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। ଦେହ ବ୍ୟବସାୟ ଚାଲୁଥିବା ନେଇ ବିଶ୍ୱସନୀୟ ସୂଚନା ପାଇବା ପରେ ଲକ୍ଷ୍ମୀପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଭଡ଼ାଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଘର ଭିତରୁ ୩ଜଣ ପୁରୁଷ ଓ ୩ଜଣ ମହିଳାଙ୍କ ସମେତ ମୋଟ ୬ ଜଣଙ୍କୁ ପୁଲିସ ଠାବ କରିଥିଲା। ଘଟଣାରେ ଅଶିଷ କୁମାର, ଶ୍ରୀକାନ୍ତ ସୁନା, ଅମୂଲ୍ୟ ମଲ୍ଲିକ ଓ ସ୍ୱର୍ଣ୍ଣଲତା ମଲ୍ଲିକଙ୍କୁ ଗିରଫ କରିଛି। ତାଙ୍କ ମଧ୍ୟରୁ ଅମୂଲ୍ୟ ମଲ୍ଲିକ ଓ ସ୍ୱର୍ଣ୍ଣଲତା ମଲ୍ଲିକ ଭଡ଼ାଘରେ ଦେହ ବ୍ୟବସାୟ ଚଳାଉଥିବା ଅଭିଯୋଗ ରହିଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, କୋଲକାତା ଓ ମୟୂରଭଞ୍ଜରୁ ଯୁବତୀମାନଙ୍କୁ ଆଣି ଏଠାରେ ଦେହ ବ୍ୟବସାୟରେ ନିୟୋଜିତ କରାଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଚଢ଼ାଉ ବେଳେ ପୁଲିସ ବିଭିନ୍ନ ପ୍ରକାର ଔଷଧ ଓ ସାମଗ୍ରୀ ଜବତ କରିଛି। ୫ଟି ମୋବାଇଲ ଫୋନ୍, ଗୋଟିଏ ମୋଟରସାଇକେଲ ଓ ସିଗାରେଟ୍ ପ୍ୟାକେଟ୍ ମଧ୍ୟ ପୁଲିସ ଜବତ କରିଛି। ଘଟଣାସ୍ଥଳରୁ ଉଦ୍ଧାର ହୋଇଥିବା ଦୁଇ ମହିଳାଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ବଲାଙ୍ଗିର ଟାଉନ ପୁଲିସ ରେଳୱେ ଷ୍ଟେସନ ଛକ ନିକଟସ୍ଥ ହୋଟେଲ ଏଡ଼ ରେସିଡେନ୍ସିରେ ଦେହ ବ୍ୟବସାୟ ଚାଲୁଥିବା ନେଇ ବିଶ୍ୱସନୀୟ ସୂଚନା ମିଳିବା ପରେ ପୁଲିସ ସେଠାରେ ଚଢ଼ାଉ କରିଥିଲା। ହୋଟେଲର ୧୦୩ ଓ ୧୦୬ ନମ୍ବର ରୁମ୍ ଯାଞ୍ଚ ବେଳେ କିଛି ପୁରୁଷ ଓ ମହିଳାଙ୍କୁ ଆପତ୍ତିଜନକ ପରିସ୍ଥିତିରେ ପୁଲିସ ଠାବ କରିଥିଲା। ଏନେଇ ଟାଉନ ଥାନା କେଶ ନଂ ୪୧୧/୨୦୨୬ ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଗୀତାଞ୍ଜଳି ବାଗ (୩୭), ସାହାବାଜ ଅବଦୁଲ୍ଲା ଓରଫ ରାଜ (୩୪), ନବଘନ ସୁନା (୪୪), ସୁଦର୍ଶନ ବେହେରା (୪୩), ସୁରେଶ ସାହୁ (୨୬) ଓ ଜଗମୋହନ ବେରିଆ (୩୪)ଙ୍କୁ ପୁଲିସ ଧରିଛି। ଚଢ଼ାଉ ସମୟରେ ମୋବାଇଲ ଫୋନ୍, କଣ୍ଡୋମ, ବ୍ୟବହୃତ ଗର୍ଭନିରୋଧକ ସାମଗ୍ରୀ, ଜେଲ୍, ସିଗାରେଟ୍, ନଗଦ ୩, ୧୦୦ ଟଙ୍କା ଏବଂ କିଛି ପୋଷାକ ଜବତ କରାଯାଇଛି। ଘଟଣାସ୍ଥଳରୁ ପଶ୍ଚିମବଙ୍ଗ, ଓଡ଼ିଶାର ୭ ଜଣ ମହିଳାଙ୍କୁ ପୁଲିସ ଉଦ୍ଧାର କରି ଥାନାକୁ ଆଣିଥିବା ବେଳେ ସେମାନଙ୍କ ଆଇନଗତ ସହାୟତା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ପୁଲିସ ସୂଚନା ଦେଇଛି। ପୁଲିସ ସୂଚନା ଅନୁଯାୟୀ, ଗୀତାଞ୍ଜଳି ବାଗଙ୍କ ନାମରେ ପୂର୍ବରୁ ବଲାଙ୍ଗିର ଟାଉନ ଥାନା କେସ୍ ନମ୍ବର ୩୬୭/୨୦୨୬ରେ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଦୁଇଟି ଘଟଣାରେ ପୁଲିସ ମୋଟ ୧୦ ଜଣ ମହିଳାଙ୍କୁ ଉଦ୍ଧାର କରିଥିବା ବେଳେ ଅନେକ ବ୍ୟକ୍ତିଙ୍କୁ ଗିରଫ କରିଛି । ଏହି ଦେହ ବ୍ୟବସାୟ ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ମହିଳାମାନଙ୍କୁ କେଉଁଠାରୁ ଆଣାଯାଉଥିଲା ଏବଂ ଏହା ପଛରେ କୌଣସି ବଡ଼ ନେଟୱର୍କ କାମ କରୁଛି କି ନାହିଁ ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ବଲାଙ୍ଗିର ପୁଲିସ ପକ୍ଷରୁ ସଂଗଠିତ ଦେହ ବ୍ୟବସାୟ, ମହିଳା ଚାଲାଣ ଓ ଶୋଷଣ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନିଆଯିବା ଉପରେ ପୁଲିସ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।

# ପେଟ୍ରୋଲ ପମ୍ପରେ ପାଣି ମିଶା ଡିଜେଲ ବିକ୍ରି ଅଭିଯୋଗ

ଖଡ଼ିଆଲ, ୨୧।୯ (ସମିସ): ଖଡ଼ିଆଲ-ଗଡ଼ୀମୁଣ୍ଡା ରାସ୍ତାରେ ଥିବା ଏକ ପେଟ୍ରୋଲ ପମ୍ପରୁ ପାଣି ମିଶା ଡିଜେଲ ମିଳିଥିବା ଅଭିଯୋଗ ହୋଇଛି। ଡିଜେଲ ଭରିବାପରେ ଗାଡ଼ି ଷ୍ଟାର୍ଟ ନ ହେବା ଏବଂ ଯାଞ୍ଚ ବେଳେ ଡିଜେଲରେ ପ୍ରାୟ ୫୦ ପ୍ରତିଶତ ପାଣି ଥିବା ଅଭିଯୋଗକୁ ନେଇ ଗାଡ଼ି ମାଲିକଙ୍କ ମଧ୍ୟରେ



ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ସକାଳେ ଚିଦାଗୁଡ଼ା ଗ୍ରାମର କୃଷ୍ଣମଣୀ ଦୁରିଆ ତାଙ୍କ ସ୍କାରପିଓରେ ଉକ୍ତ ପେଟ୍ରୋଲ ପମ୍ପରୁ ୨୦ ଲିଟର ଡିଜେଲ ଭରିଥିଲେ। ଡିଜେଲ ଭରିବା ପରେ ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଗାଡ଼ି ଷ୍ଟାର୍ଟ ହୋଇନଥିଲା। ଏହାପରେ ଡ୍ରାଇଭର ଗାଡ଼ି ଯାଞ୍ଚ କରିବା ସମୟରେ ଡିଜେଲରେ ପାଣି ମିଶିଥିବା ଜଣାପଡ଼ିଥିଲା। ଅଭିଯୋଗ ଅନୁଯାୟୀ, ଡିଜେଲର ପ୍ରାୟ ୫୦ ପ୍ରତିଶତ ପାଣି ଥିବା ଦେଖାଯାଇଥିଲା। ଏହି ଘଟଣା ପରେ ପେଟ୍ରୋଲ ପମ୍ପ ଦାୟିତ୍ୱରେ ଥିବା ଯୁବକ ଆକାଶ ସରାଫ ଗାଡ଼ି ମାଲିକଙ୍କୁ ମେକାନିକ ଡାକି ଗାଡ଼ି ଠିକ୍ କରିଦେବାକୁ କହିଥିବା ଶ୍ରୀ ଦୁରିଆ ଅଭିଯୋଗ କରିଛନ୍ତି। ପରେ ଗାଡ଼ିର ଡିଜେଲ ଟ୍ୟାଙ୍କ ଖୋଲି ସଫା କରାଯାଇ ଗାଡ଼ିକୁ ଠିକ୍ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଏହି ପେଟ୍ରୋଲ ପମ୍ପରୁ ଡିଜେଲ ନେଇ ଅନେକ ଟ୍ରାକ୍ଟର ମାଲିକ ସମସ୍ୟାରେ ପଡ଼ିଥିବା ଏବଂ କିଛି ଟ୍ରାକ୍ଟର ମାଲିକ ଡିଜେଲ ଫେରାଇ ଦେଇଥିବା ନେଇ ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଖଡ଼ିଆଳ ଯୋଗାଣ ଅଧିକାରୀ ସୌମ୍ୟରଞ୍ଜନ ମହାନନ୍ଦଙ୍କୁ ଅବଗତ କରାଯିବାରୁ ସେ ପେଟ୍ରୋଲ ପମ୍ପକୁ ଯାଇଥିବା କହିଛନ୍ତି। ତେବେ ସେଠାରେ ପମ୍ପ ବନ୍ଦ ଥିବାରୁ ଡିଜେଲର ନମୁନା ପରୀକ୍ଷା ପାଇଁ ଆଣିଥିବା ସେ ପ୍ରକାଶ କରିଛନ୍ତି। ଡିଜେଲରେ ପାଣି ମିଶିବା ଅଭିଯୋଗ ଯଦି ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଗାଡ଼ି ମାଲିକଙ୍କ ପାଇଁ ଆର୍ଥିକ କ୍ଷତି ସହ ଯାନବାହନର ଯାନ୍ତ୍ରିକ ସମସ୍ୟାର କାରଣ ହୋଇପାରେ। ତେଣୁ ମାମଲାର ନିରପେକ୍ଷ ଯାଞ୍ଚ କରି ଅଭିଯୋଗର ସତ୍ୟତା ସାମ୍ନାକୁ ଆଣିବାକୁ ଦାବି ହୋଇଛି।

# ଧର୍ମଗଡ଼ରେ ହଳଷଷ୍ଠୀ ବ୍ରତ



ଧର୍ମଗଡ଼, ୨୧।୯(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ବାଙ୍ଗମୁଣ୍ଡା ଗ୍ରାମରେ ପବିତ୍ର ହଳଷଷ୍ଠୀ ବ୍ରତ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ବହୁ ମହିଳା ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ବ୍ରତ ପାଳନ କରିଥିଲେ। ସନ୍ତାନମାନଙ୍କର ଦୀର୍ଘାୟୁ, ସୁସ୍ଥ ଜୀବନ ଓ ମଙ୍ଗଳ କାମନା କରି ମାଆମାନେ ଏହି ବ୍ରତ ପାଳନ କରିଥିଲେ। ବ୍ରତ ଅବସରରେ ମହିଳାମାନେ ନିର୍ଦ୍ଦିଷ୍ଟ ପୂଜାବିଧି ଅନୁସରଣ କରି ହଳଷଷ୍ଠୀ ମାଆଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜାସ୍ଥଳୀରେ ମହିଳାମାନେ ଏକାଠି ହୋଇ ବ୍ରତ କଥା ଶ୍ରବଣ କରିବା ସହ ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ କରିଥିଲେ। ପାରମ୍ପରିକ ରୀତିନୀତି ଓ ଧାର୍ମିକ ପରିବେଶ ଯୋଗୁଁ ସମଗ୍ର ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ହଳଷଷ୍ଠୀ ବ୍ରତ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଏକ ବିଶେଷ ମହତ୍ତ୍ୱ ବହନ କରୁଥିବାରୁ ପ୍ରତିବର୍ଷ ବାଙ୍ଗମୁଣ୍ଡା ଗ୍ରାମରେ ମହିଳାମାନେ ଏହାକୁ ଶ୍ରଦ୍ଧାର ସହ ପାଳନ କରିଆସୁଛନ୍ତି।

**କୋରିଅର ସେବାରେ ଗଞ୍ଜେଇ ଚାଲାଣ**

# ୭ ଗିରଫ, ୧ କୁଇଣ୍ଟାଲ ୧୩ କେଜି ଗଞ୍ଜେଇ ସହ ୨ଟି କାର୍ ଜବତ



ବଲାଙ୍ଗିର, ୨୧।୯ (ସମିସ): କୋରିଅର ସେବାକୁ ବ୍ୟବହାର କରି ଗଞ୍ଜେଇ ଚାଲାଣ କରାଯାଉଥିବା ଏକ ଭଳି ଅଭିନବ ଧରଣର ନିଶା କାରବାରର ପର୍ଦ୍ଦାଫାସ ହୋଇଛି। ବଲାଙ୍ଗିର ଟାଉନ୍ ଥାନା ଏହି ଘଟଣାରେ ପୁଲିସ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ଥାନା ସିଂହପୁର ଗ୍ରାମର ଚନ୍ଦ୍ରକାନ୍ତ ତାଣ୍ଡି (୩୪), ବିମଳ ତାଣ୍ଡି (୩୪), କୋଟୁଆବାହାଲି ଗ୍ରାମର ଜଗରାମ ତାଣ୍ଡି (୨୯), ତାରାଚନ୍ଦ ତାଣ୍ଡି (୨୯), ମୋହନଗିରି ଗ୍ରାମର ରତ୍ନ ଭୋଇ (୩୪), ଛତିଲାଲ ଧରୁଆ (୨୩) ଏବଂ ବଲାଙ୍ଗିର ଜିଲ୍ଲା ତୁସୁରା ଥାନା ମଧୁପୁର ଗ୍ରାମର ପ୍ରଦୀପ ସୁନା (୨୬)। ଏମାନଙ୍କଠାରୁ ୧କୁଇଣ୍ଟାଲ ୧୩ କେଜି ଗଞ୍ଜେଇ, ଦୁଇଟି କାର୍ ଓ ୯ଟି ମୋବାଇଲ ଫୋନ୍ ଜବତ କରିଛି। ଅନଲାଇନ କୋରିଅର ସେବା ଏସ୍‌ଡବ୍ଲ୍ୟୁ ପ୍ରୋଗ୍ରାମ୍ ମାଧ୍ୟମରେ ଗଞ୍ଜେଇ ପଠାଯାଉଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଅନଲାଇନ୍ ବ୍ୟବସ୍ଥାକୁ ଆଧାର କରି ଏଭଳି ଉପାୟରେ ହେଉଥିବା ଗଞ୍ଜେଇ ଚାଲାଣକୁ ଧରିବା ପୁଲିସ ପାଇଁ ମଧ୍ୟ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏହି ଅବୈଧ ଗଞ୍ଜେଇ କାରବାରକୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଏଏସ୍‌ଆଇ ଚର୍ଚ୍ଚିଲ ମହାପାତ୍ର, ଏଏସ୍‌ଆଇ ବିଶାଖା ନାଏକ ପ୍ରମୁଖ କର୍ମଚାରୀ ସାମିଲ ଥିଲେ। ବୁଧବାର ଅପରାହ୍ନରେ ପୁଲିସ ଏହି ଅବୈଧ ଚାଲାଣର ସନ୍ଧାନ ପାଇବା ପରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

# ତୃତୀୟଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ବିନୋଦ ବାତ୍ରା

ଲାଞ୍ଜିଗଡ଼, ୨୧।୯(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ଲାଞ୍ଜିଗଡ଼ର ସାମାଜିକ ବିଜ୍ଞାନ ଶିକ୍ଷକ ବିନୋଦ ବାତ୍ରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଶ୍ରେଷ୍ଠ



ଶିକ୍ଷକ ଭାବେ ତୃତୀୟ ଥର ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ପ୍ରଥମ ବର୍ଷ ଶ୍ରେଷ୍ଠ ୧୦ ଜଣ ମଧ୍ୟରୁ ଷଷ୍ଠ ସ୍ଥାନରେ ରହିଥିବା ବେଳେ ଗତ ଶିକ୍ଷାବର୍ଷରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟର ସର୍ବଶ୍ରେଷ୍ଠ ସାମାଜିକ ବିଜ୍ଞାନ ଶିକ୍ଷକ ଭାବେ ଗୌରବ ଅର୍ଜନ କରିଛନ୍ତି। ଏହା ରାଜ୍ୟର ଏକମାତ୍ର ବିଦ୍ୟାଳୟ ଯେଉଁଠାରେ ଜଣେ ଶିକ୍ଷକ ନିଜ ବିଷୟରେ ରାଜ୍ୟସ୍ତରରେ ତୃତୀୟ ଥର ପାଇଁ ରାଜ୍ୟସ୍ତରୀୟ ଶିକ୍ଷକ ପୁରସ୍କାର ଦ୍ୱାରା ଆସନ୍ତା ସେପ୍ଟେମ୍ବର ୫ ତାରିଖ ଶିକ୍ଷକ ଦିବସରେ ଲୋକସେବା ଭବନ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହେବେ।

# ରାଜ୍ୟସ୍ତରୀୟ ସମ୍ମାନ ପାଇବେ କ୍ରୀଡ଼ା ଶିକ୍ଷକ ଅମିତ ମହାନ୍ତି

କୋକସରା, ୨୧।୯ (ସମିସ) : ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅମିତ କୁମାର ମହାନ୍ତିଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ପାଇଁ ମନୋନୀତ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ପାରଦର୍ଶିତା ଓ ପ୍ରଶଂସନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବାକୁ ଯାଉଛି। ଆସନ୍ତା ୫ ତାରିଖ ଗୁରୁ ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବ। ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ 'ପଞ୍ଚସଖା ଶିକ୍ଷା ସେତୁ' ସଂଗଠନ




ପକ୍ଷରୁ ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପାରଦର୍ଶିତା ନିମନ୍ତେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। କ୍ରୀଡ଼ା ଶିକ୍ଷକ ଅମିତ ମହାନ୍ତି ରାଜ୍ୟସ୍ତରୀୟ ସମ୍ମାନ ପାଇଁ ମନୋନୀତ ହୋଇଥିବା ଖବର ପ୍ରଚାରିତ ହେବା ପରେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଖଡ଼ିଆଳ ବ୍ଲକରେ ସକ୍ରିୟ ଦାଦନ ସର୍ଦ୍ଦାର

ଖଡ଼ିଆଳ, ୨୧।୯(ସମିସ): ନୂଆଖାଇ ପର୍ବକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ଖଡ଼ିଆଳ ବ୍ଲକରେ ଦାଦନ ଶ୍ରମିକ ଚାଲାଣ ପାଇଁ ବାଇନାବିଆ ଆରମ୍ଭ ହୋଇଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଦନଚାଲାଣ ରୋକିବା ପାଇଁ ସଚେତନତା ଅଭିଯାନ ସତ୍ତ୍ୱେ ଦାଦନ ସର୍ଦ୍ଦାରମାନେ ସକ୍ରିୟ ହୋଇଥିବା ଜଣାପଡ଼ିଛି। ବ୍ଲକର ବିଶେଷକରି ରାଣୀମୁଣ୍ଡା, ସରଗୀପୁର, କିରିକିଟା, ସୁନାରିସାକୁଆ, ଦାଡ଼ି, ବିରିଘାଟ, ଲାଞ୍ଜି, ସାନମହେଶ୍ୱର, ବରଗାଁ, ଭୋଜପୁର, ଭୁଲିଆସିକୁଆ, ବାଦୀ, ଡୁଆରେର ଓ ଖାସବାହାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ଥାନୀୟ ସର୍ଦ୍ଦାରଙ୍କ ଜରିଆରେ ଶ୍ରମିକଙ୍କୁ ଅଗ୍ରିମ ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି। ଜଣେ ଶ୍ରମିକଙ୍କ ପାଇଁ ବାର୍ଷିକ ୫୦ରୁ ୬୦ ହଜାର ଟଙ୍କା ଚୁକ୍ତି ହେଉଥିବା ବେଳେ ପ୍ରାୟ ୨୫ ହଜାର ଟଙ୍କା ଅଗ୍ରିମ ଦିଆଯାଉଥିବା ଶ୍ରମିକ ମହଲରେ ଚର୍ଚ୍ଚା ହେଉଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ବ ନୂଆଖାଇ ଅବସରରେ ଗରିବ ଶ୍ରମିକ ପରିବାର ଗୁଡ଼ିକୁ ଅର୍ଥର ଆବଶ୍ୟକତା ରହୁଥିବାରୁ ଦାଦନ ସର୍ଦ୍ଦାରମାନେ ଏହାର ସୁଯୋଗ ନେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ ରୋଜଗାର ସୁଯୋଗ ନ ଥିବାରୁ ଅଧିକ ମଜୁରିର ପ୍ରତିଶ୍ରୁତି ଦେଇ ଶ୍ରମିକମାନଙ୍କୁ ପ୍ରତିବର୍ଷ ବାହାର ରାଜ୍ୟକୁ ନିଆଯାଉଥିବା ପ୍ରତ୍ୟେକ ବର୍ଷ ଲାଗି ରହିଛି। ଖରିଫ ଓ ରବି ଚାଷ ସମୟରେ ପ୍ରାୟ କିଛି ମାସ ଲୋକଙ୍କୁ କାମ ମିଳୁଥିବାବେଳେ ଅନ୍ୟ ସମୟରେ ରୋଜଗାରର ଅଭାବ ଦେଖାଦେଉଛି। ଫଳରେ ଅନେକ ଗରିବ ପରିବାର ଦାଦନ ଖଟିବାକୁ ବାହାର ରାଜ୍ୟ ଯିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟସ୍ତରରେ ରୋଜଗାର ସୃଷ୍ଟି, କୃଷିଭିତ୍ତିକ କାର୍ଯ୍ୟକ୍ରମର ସୁଚାରୁ କାର୍ଯ୍ୟାନ୍ୱୟନ ଏବଂ ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି। ନ ହେଲେ ଦାଦନ ଶ୍ରମିକ ଚାଲାଣ ଏପରି ଲାଗିରହିଥିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ବର୍ଷିଲେ ଜନପ୍ରତିନିଧି

ଦେଓଗାଁ, ୨୧।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସଭାକକ୍ଷରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ପ୍ରିୟ ରଞ୍ଜନ କୁମାର, ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଳ ଚାନ୍ଦ, ଏମ୍‌ପିଙ୍କ ପ୍ରତିନିଧି ଶଶିଭୂଷଣ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ପି. ମହାରଣା, ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାତ ଅଧିକାରୀ ସେନାପତି ମଙ୍ଗରାଜ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ବୈଠକ ଆରମ୍ଭରୁ ସ୍ଥାନୀୟ ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ବାଟମାରଣ ହେଉଥିବା ଓ ଗୌରଗୋପ ପଞ୍ଚାୟତରେ ସ୍ୱୟଂ ସହାୟକ ଦଳ ନାଁରେ ଋଣ ଠକେଇ ଉପରେ ସମସ୍ତ ଜନପ୍ରତିନିଧି ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ଏହିଭଳି ଜିଲ୍ଲା ପ୍ରଶାସନ ତୁରନ୍ତ ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୃହରେ ଜୋରଦାର ଦାବି ଉଠିଥିଲା। ଜରାସିଂହା ଆଦର୍ଶ ମନମାନୀ କରି ସମସ୍ତ ଜନସାଧାରଣଙ୍କ ହଇରାଣ କରୁଥିବା ନେଇ ସ୍ଥାନୀୟ ସମିତିସଭ୍ୟ ଅମିତ ତ୍ରିପାଠି ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ବର୍ଷାରେ ବିପନ୍ନ ପରିବାରକୁ ସରକାରୀ ଯୋଗାଣ ହେଉଥିବା ତାରପୋଲିନ ଜରିକୁ ଚାରି ଭାଗ କରି କାଟି ଗଣମାଧ୍ୟମରେ ଖବର ପ୍ରସାରିତ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କ୍ଷୋଭ ପ୍ରକାଶ ପାଇଥିଲା। ଏହାର ଉତ୍ତରରେ ଅତିରିକ୍ତ ତହସିଲଦାର ମହାରଣା ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ଓ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବ୍ଲକର ବିଭିନ୍ନ ଗାଁରେ ପାନୀୟଜଳ ଯୋଗାଣରେ ବ୍ୟତିକ୍ରମ ହେଉଥିବାରୁ ଆଗକୁ ତାର ସୁବ୍ୟବସ୍ଥା କରିବା ପାଇଁ ସାଲେପାଲି ସମିତିସଭ୍ୟ ଲକ୍ଷଣ ମେହେର ଦାବି ଉପସ୍ଥାପନ କରିଥିଲେ। ଗତ ଗ୍ରୀଷ୍ମଋତୁରେ ଜଳଛତ୍ର ଦେଉଥିବା ଶ୍ରମିକମାନଙ୍କୁ ଏପର୍ଯ୍ୟନ୍ତ




ପାଉଣା ମିଳି ନ ଥିବା କେତେକ ସମିତିସଭ୍ୟ ଅଭିଯୋଗ ଉଠାଇଥିଲେ। ବୈଠକକୁ ଶିକ୍ଷା ବିଭାଗର ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ ଅସୁନ ଥିବାରୁ ଅନେକ ଆଲୋଚନା ହୋଇପାରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୩ ଗିରଫ



ତୁରେକେଲା, ୨୧।୯(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲାର ମେଘନାଦ ନାଏକଙ୍କୁ ସେହି ଗାଁର ସନ୍ତୋଷ ସାହୁ, ପ୍ରତାପ ସାହୁ ଓ କାମଦେବ ପୁଟେଲ ମିଶି ଲୁହା ରଡ୍‌ରେ ଆକ୍ରମଣ କରିଛନ୍ତି। ପୁଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ମେଘନାଦଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗୁରୁତର ଯୁବକଙ୍କ ମାଁ କାୟା ନାଏକ ଅଭିଯୋଗ କ୍ରମେ ତୁରେକେଲା ପୁଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋଟର ସାଇକେଲ ଓ ଗୋଟିଏ ଲୁହା ରଡ୍ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି।

# ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ

ବଲାଙ୍ଗିର, ୨୧।୯(ସମିସ)

ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଖେଳ ୮ ଟି ପଡ଼ିଆରେ ହୋଇଯାଇଛି। ଟୁଡ଼ାପାଲି ହାଇସ୍କୁଲ ପଡ଼ିଆରେ ଭାଲୁପିଟା ୨-୧ ଗୋଲରେ ଡଙ୍ଗାଘାଟକୁ ଓ ଲଠଗା ୧-୦ ଗୋଲରେ ଚାଣ୍ଡିମୁଣ୍ଡାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ଖେଳାଳି ଗୋପାଳ ପଟେଲ, ସନ୍ତୋଷ ସାହୁ, ପ୍ରଧାନ ଶିକ୍ଷକ ହେମସାଗର ନାଏକ, ବିଭୁପ୍ରସାଦ ଯାଦବ ଓ ସଂସଦର ପୁର୍ବତନ ସମ୍ପାଦକ ଶରତ ନନ୍ଦ ଯୋଗ ଦେଇଥିଲେ। ଟିଟିଲାଗଡ଼ ସିଟି ସ୍କୁଲ ପଡ଼ିଆରେ ଏନ୍‌ୟୁଏଫ୍‌ସି ୨-୧ ଗୋଲରେ ଭାଟିପଡ଼ାକୁ ଓ ରାଉଜ୍ ଷ୍ଟାର ୨-୦ ଗୋଲରେ ତୁର୍କାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶୁଭାଂଶୁ ଦାସ, ପୂର୍ବତନ ଖେଳାଳି ଗିନୁ ଆଡ଼ୁଆଡ଼, ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ପୂର୍ବତନ ଖେଳାଳି ମଧୁ ମହାଲିଙ୍ଗ, ସଭାପତି ନାଗରିକ ମଞ୍ଚର ରାଧାକାନ୍ତ ପାଢ଼ୀ, ଆଦିବାସୀ ନେତା ହେମରାମ ହଂସଦା ଯୋଗ ଦେଇଥିଲେ। ଖୁଜେନପାଲି ପଡ଼ିଆରେ ମହିମୁଣ୍ଡା ୬-୦ ଗୋଲରେ ବାଗଜାଡ଼ିକୁ ଓ ଖୁଜେନପାଲି ୩-୧ ଗୋଲରେ ଅର୍ଜ୍ଜୁନପୁରକୁ ହରାଇଛି। ଅତିଥି ଭାବେ ସଂସଦର କ୍ରୀଡ଼ା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ପୂର୍ବତନ ଖେଳାଳି ସୁରେଶ ଚନ୍ଦ୍ର ସିଂ, ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂହ ଓ ବିଜେଡି ବ୍ଲକ ସଭାପତି ନିହାର ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସବାଇପାଲିଠାରେ ଏନ୍‌ଏସ୍ ସ୍ପୋର୍ଟି ୬-୦ ଗୋଲରେ ଗଇଁତଲାଙ୍କୁ ଓ ପ୍ରୋଗ୍ରେସିଭ୍ କ୍ଲବ ୩-୧ ଗୋଲରେ ସରଗାଡ଼କୁ ହରାଇଛି। ଅତିଥି ଭାବେ ଅଧାପିକା ଲୋପାମୁଦ୍ରା ମିଶ୍ର, ଙ୍କ. ପ୍ରଶାନ୍ତ ତ୍ରିପାଠି, ଙ୍କ ନମିତା ପଟେଲ, ଙ୍କ. ସନ୍ତୋଷ ବ୍ରହ୍ମା ଓ ଆଦିତ୍ୟ ପଟ୍ଟନାୟକ ଯୋଗ ଦେଇଥିଲେ। ଟାଉନ ମିନି ଷ୍ଟାଡିୟମରେ ବର୍ଲା ୨-୧ ଗୋଲରେ ବରକାନିକୁ ଓ ନାଇକେନବିରା ୧-୦ ଗୋଲରେ ତୁଷୁରାକୁ ହରାଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁମତି ସେଠ, ପୂର୍ବତନ ଖେଳାଳି ନବୀନ ବାରିକ, ବିଜୟ ନାୟକ, ସରପଞ୍ଚ କୃଷ୍ଣମଣି ମେହେର ଓ ଅଶୋକ ଦଣ୍ଡସେନା ଯୋଗ ଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମ ରେ ବାଦିବାହାଲ ୪-୦ ଗୋଲରେ ଝାରମୁଣ୍ଡାକୁ ଓ କୁସଙ୍ଗ



ହାଇସ୍କୁଲ ପଡ଼ିଆରେ ଘୁଟେପାଲି ୩-୧ ଗୋଲରେ କାନସାଇପାଲି ରେଭୋଲ୍ୟୁସନ୍‌କୁ ଓ ଖଲିପାଲି ୧-୦ ଗୋଲରେ ଡିଏଫ୍‌ସିକୁ ହରାଇଛି। ଅତିଥି ଭାବେ ପୂର୍ବତନ ଖେଳାଳି ଲୋକନାଥ ନେପାକ, ବିରେନ୍ଦ୍ର ସୁନା, ଲୋଟସ ଷଡ଼ଙ୍ଗୀ, ସୋମନାଥ ମିଶ୍ର ଓ ଜଗନ୍ନାଥ ମିଶ୍ର ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ ଡା. ବିବେକାନ୍ଦ ମିଶ୍ର ମଞ୍ଚାସୀନ ଥିଲେ। ଜରାସିଂହା ୧-୦ ଗୋଲରେ ମୁରସୁଣ୍ଡକୁ ହରାଇଛି। ଅତିଥି ଭାବେ ବରିଷ୍ଠ ଓକିଲ ବିଜୟ ବାବୁ, ଲୋଇସିଂହା ଏଥଲେଟିକ୍ ଏସୋସିଏସନ ସଭାପତି ଦିଲିପ ବେହେରା, ପୂର୍ବତନ ଖେଳାଳି ପ୍ରତାପ ବହିଦାର, ଅଧ୍ୟକ୍ଷ ଅଶୋକ ରିଡ଼ିଆ ଓ କିଶୋର ନାଏକ ଯୋଗ ଦେଇଥିଲେ। ହଲଦୀ ପଡ଼ିଆରେ ବଗରମତା ୧-୦ ଗୋଲରେ ନାରେନକୁ ଓ ବଙ୍ଗୋମୁଣ୍ଡା ୪-୦ ଗୋଲରେ କପିଲାଗଟକୁ ହରାଇଛି। ଅତିଥି ଭାବେ ଅଧ୍ୟକ୍ଷ ଜୟଶ୍ରୀ ଖଟୁଆ, ପିଙ୍କୁ ସାହୁ ଓ ମୁରିବାହାଲ ପିଏସ୍‌ସି ଡା. ସତୀଶ ମେହେର ଯୋଗ ଦେଇଥିଲେ। ସୁନିଲ ଚନ୍ଦ୍ର ବିଶାଳ, ବଳରାମ ସା, ପ୍ରଦୀପ ବର୍ଗଲ୍ଲ, ଦେବରାଜ ନାହାକ, ଧବଳେଶ୍ୱର ଦଳବେହେରା, ନରସିଂହସ୍ୱାମୀ ନାଇଡୁ, ଅବଦୁଲ ମୁଜିବ ଓ ଉଜ୍ୱଳ ଖାଙ୍କର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ତ୍ରିନାଥ ଚନ୍ଦନ, ମଣ୍ଟୁ ବେହେରା, କୋଟି ରଞ୍ଜନ ମହାନନ୍ଦ, ଜଳନ୍ଧର ସାହୁ, ପୁରୁଷୋତ୍ତମ ବୁଡେକ, ଅଭିଷେକ ପ୍ରଧାନ, ଦୁଷ୍ମନ୍ତ ନାଏକ, ଲକ୍ସ ସୁନାନି, ମୋହନ ପଧାନୀ, ମନୟ ଗିଲେଲା, ସନ୍ତୋଷ ମେହେର, ରାଜେଶ ସ୍ୱାଇଁ, ବିନୋଦ ପ୍ରଧାନୀ, ଉମେଶ ଭୋଇ, ରାଜେନ୍ଦ୍ର ଧରୁଆ, ଧନେଶ୍ୱର ସେଠ, ଶୁଭାଂଶୁ ଶେଖର ରାଉତ, ବିଜି ବିଶି, ଦେବାଶିଷ ବାଗ, ପ୍ରଫୁଲ୍ଲ ବର୍ଗଲ୍ଲ, ଦୀପକ ରାଜହଂସ, ସୁଧାଂଶୁ ସେଠ, କୋଟିମୟ ରାଉତ, ସୁରେଶ ନାଏକ, ସଞ୍ଜିବ ମହାରଣା, ସୁଦର୍ଶନ ସେଠ, ରାଜକୁମାର ପାଣିଗ୍ରାହୀ, ନିଶାକାନ୍ତ ନାଗ, ଦୋଳଗୋବିନ୍ଦ ମୁଣ୍ଡା, ସୁଶାନ୍ତ ନାଗ, ସଞ୍ଜନ କୁଦେଇ, ରାଜେନ୍ଦ୍ର ସେଠ, ରେବତି ରମଣ ବାଙ୍କ, ସତ୍ୟ ଦଣ୍ଡସେନା, ପ୍ରଶାନ୍ତ ଥନାପତି, କୁନ୍ତ ମେହେର, ଭୁବନେ ଭୋଇ, ଡୋଲାମଣି ବର୍ଗଲ୍ଲ, ସୁଶାନ୍ତ ଥନାପତି, କରୁଣାକର ପ୍ରଧାନ, ରୋଶନ ମେହେର, ଭୋଲାନାଥ ନାଏକ, ଶ୍ରୀରାମ ସାହୁ, ସଞ୍ଜିତ ତରିଆ, ବିଜୟ ରଣା, ପାଣ୍ଡବ ବିଶି, ଭିକ୍କୁ ବିଶି, ଗୌରହରି ପୁଟେଲ, ନିତେଶ ଭୋଇ, ଆଶୀର୍ବାଦ ସା, ଆଶିଷଦେବ ସା, ଅଶ୍ୱନୀ ଲୁହା ଓ ପ୍ରତାପ ଲୁହା ପରିଚାଳନା କରିଥିଲେ।

# ହିଆଲ ଜୋନାଲସ୍ତରୀୟ ଖେଳାଳି ଚୟନ ଶିବିର

କଣ୍ଟାବାଞ୍ଜି, ୨୧।୯(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଙ୍ଘ ସଂସଦ ଆନୁକୂଲ୍ୟରେ ହିଆଲ ଜୋନାଲ ସ୍ତରୀୟ ଖେଳାଳି ଚୟନ ଶିବିର ହିଆଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜୋନାଲ କମିଟିର ସଭାପତି ମୃତ୍ୟୁଞ୍ଜୟ ଭୋଇସର୍ଗୀଆ ସଭାପତିତ୍ୱ କରିଥିଲେ। ସଭାରେ ହିଆଲ ଅଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟ ଅତିଥି, ବ୍ଲକ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ଗୌର ମେହେର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜୋନ ସମ୍ପାଦକ ଆନନ୍ଦ ନିର୍ଭୀସାଗର ଅତିଥିମାନଙ୍କୁ ଉଦ୍‌ବୋଧନ ଦେବା ସହ ପ୍ରଶାନ୍ତ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ପୂଜାର୍ଚ୍ଚନା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବା ସହ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳକ ବାଳିକା ଓ ୧୭ ବର୍ଷରୁ କମ୍ ବାଳକ ବାଳିକାମାନଙ୍କ ମଧ୍ୟରେ କବାଡ଼ି, ଖୋଖୋ ଖେଳ କରାଯାଇଥିଲା। ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଜୋନ ଟିମ୍ ପାଇଁ ବଛା ଯାଇଥିଲା। ଏଥିରେ ଉଦ୍‌ଯାପନୀ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ସିଆରସିସି ବିରଞ୍ଚି ନାରାୟଣ ଦାଶ, ବିଆଇଟି ସୁନୀଲ ସାହୁ, ହାଇସ୍କୁ ଅଭିଜିତ ଦାଶ ପ୍ରାଧ୍ୟାପକ ବରୁଣ ଜାଲ ବିଶିଙ୍କ ସହ ଯୋଗ ଦେଇଥିଲେ। ତୁରେକେଲା, ହିଆଲ, ଖୁଟୁଲୁମୁଣ୍ଡା, ଖରଣୀ, ବରିଗୁଡ଼ା, ସର୍ଗୁଲ, ରାମପୁରରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ଉମା ଶଙ୍କର ଖମାରୀ, ଅମିତ ପାଣିଗ୍ରାହୀ, ଅକ୍ରୁର ବେହେରା, ଲକ୍ଷିତ ପ୍ରଧାନୀ, ହରିବନ୍ଧୁ ମେହେର, ସୁରେଶ ରାଉତ, ନିବେଦିତା ବାରିକ, ମମତା ପଣ୍ଡା, ଜ୍ୟୋତ୍ସ୍ନା ବରିହା, ଫିରୋଜ ମାଝୀ, ଅଶିଷ ବେହେରା, ଜଗନ୍ନାଥ ପ୍ରଧାନ, ମନୋରଞ୍ଜନ ସୁନା ପ୍ରମୁଖ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବୃଷ:** ଅବିବାହିତଙ୍କ ବିବାହ ସ୍ଥିର ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ଆର୍ଥିକ ସମସ୍ୟା ପାଇଁ ଚିନ୍ତାରେ ରହିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଧୈର୍ଯ୍ୟ ରଖି ଚାଲିବେ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରେମ ସମ୍ବନ୍ଧ ମଜବୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିପାରନ୍ତି।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ନୂଆ ନିଯୁକ୍ତିର ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୭୮୩- ଆମେରିକା ଓ ବ୍ରିଟେନ ମଧ୍ୟରେ ପ୍ୟାରିସ୍ ସନ୍ଧି ହୋଇଥିଲା।
- ୧୯୨୪- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ।
- ୧୯୭୧- କତାର ସ୍ୱାଧୀନ ରାଷ୍ଟ୍ର ହେଲା।
- ୧୯୯୫- ଇ-ବେ ପ୍ରତିଷ୍ଠା ହୋଇଥିଲା।
- ୨୦୧୪- ଭାରତ ଓ ପାକିସ୍ତାନରେ ଅଚାନକ ବନ୍ୟା ଯୋଗୁଁ ଦୁଇ ଶହ ଲୋକଙ୍କ ମୃତ୍ୟୁ।

## ମ୍ୟାଜିକାଲ କପି: ଆଉ ରହିବନି ଖାତା ସରିବା ଚିନ୍ତା




ଆଜିକାଲିର ଡିଜିଟାଲ୍ ଯୁଗରେ ଯେଉଁଠି ସ୍ମାର୍ଟଫୋନ୍ ଏବଂ ଟାବଲେଟ୍‌ର ଚଳନ ବଢ଼ିବାରେ ଲାଗିଛି, ସେଠି କାଗଜର ବ୍ୟବହାରକୁ କମାଇବା ଏବଂ ପରିବେଶକୁ ସୁରକ୍ଷିତ ରଖିବା ଏକ ବଡ଼ ଆହ୍ୱାନ ପାଲଟିଛି। ଏହି ସମସ୍ୟାର ଏକ ସମାଧାନର ରାସ୍ତା ଖୋଜିଛନ୍ତି ଦିଲ୍ଲୀର ସରକାରୀ ସ୍କୁଲରେ ପଢୁଥିବା ଚାରିଜଣ ଛାତ୍ରୀ। ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ସୃଜନଶୀଳତା ବଳରେ ସେମାନେ ତିଆରି କରିଛନ୍ତି ଏକ 'ମ୍ୟାଜିକାଲ୍ କପି' ଯାହା କେବେହେଲେ ଶେଷ ହେବନାହିଁ। ଦିଲ୍ଲୀର ୱେଷ୍ଟ ବିନୋଦ ନଗର ସ୍ଥିତ 'ରାଜକୀୟ ସର୍ବୋଦୟ କନ୍ୟା ବିଦ୍ୟାଳୟ'ର ଦ୍ୱାଦଶ ଶ୍ରେଣୀର ଚାରିଜଣ ବାନ୍ଧବୀ- ମାନଭୀ ଚୌହାନ, ଜିୟା, ପୂଜା, ବଂଶିକା । ଏହି ଚାରି ଜଣ ବାନ୍ଧବୀ ସମାଜ ପାଇଁ କିଛି ନୂଆ କରିବାର ସ୍ୱପ୍ନ ଦେଖିଥିଲେ। ସେମାନେ ନିଜ ଗ୍ରୁପ୍‌ର ନାମ ରଖିଲେ 'ଅଲ୍ଟ୍ରା ଗ୍ୟାଜେଟ୍ ଗ୍ରୁପ୍'। ପ୍ରାୟ ଏକ ବର୍ଷ ଧରି ସେମାନେ ଏଭଳି ଏକ ଷ୍ଟାର୍ଟଅପ୍ ବିଷୟରେ ଚିନ୍ତା କରୁଥିଲେ, ଯାହା ଦୀର୍ଘସ୍ଥାୟୀ ହେବ ଏବଂ ସର୍ବାଧିକ ଲୋକଙ୍କ କାମରେ ଆସିବ। କାଗଜ ପାଇଁ କଟାଯାଉଥିବା ଗଛ ଏବଂ କାଗଜର ଅଭାବକୁ ନେଇ ସେମାନେ ଗବେଷଣା ଆରମ୍ଭ କଲେ ଏବଂ ସେଠାରୁ ହିଁ ଜନ୍ମ ନେଲା 'ମ୍ୟାଜିକାଲ୍ କପି'ର ଚିନ୍ତାଧାରା। ଏହି ଖାତାଟି ସମ୍ପୂର୍ଣ୍ଣ ରୂପେ ପରିବେଶ ଅନୁକୂଳ। ଏହାକୁ ପ୍ରସ୍ତୁତ କରିବା ପାଇଁ ଛାତ୍ରୀମାନେ ପ୍ରଥମେ ୨୦ଟି ସାଧାରଣ ପୃଷ୍ଠା ନେଇ ସେଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଲାମିନେସନ୍ କରାଇଥିଲେ। ଏହି ଖାତାର ବିଶେଷତ୍ୱ ହେଉଛି, ଏଥିରେ ମାର୍କର ସାହାଯ୍ୟରେ ଯାହା ବି ଲେଖାଯିବ, ତାକୁ ଏକ ଡଷ୍ଟର ସାହାଯ୍ୟରେ ସହଜରେ ଲିଭାଇ ଦିଆଯାଇପାରିବ। ଖାତାଟିକୁ ନିଜେ ବାରମ୍ବାର ବ୍ୟବହାର କରି ସଫଳ ପରୀକ୍ଷଣ କରିବା ପରେ ସେମାନେ ଜାଣିପାରିଲେ ଯେ, ଏହି ଗୋଟିଏ ଖାତାକୁ କେବଳ ଜଣେ ନୁହେଁ, ବରଂ ଆସନ୍ତା ପିଢ଼ିର ପିଲାମାନେ ମଧ୍ୟ ବର୍ଷ ବର୍ଷ ଧରି ବ୍ୟବହାର କରିପାରିବେ। ଛାତ୍ରୀମାନେ ନିଜର ଏହି ପ୍ରୋଜେକ୍ଟକୁ ବ୍ୟବସାୟର ରୂପ ମଧ୍ୟ ଦେଇଛନ୍ତି। ସେମାନେ ସ୍ଥାନୀୟ ବହି-ଖାତା ଦୋକାନୀମାନଙ୍କ ପାଖକୁ ଯାଇ ନିଜର ଏହି ଉଦ୍ଭାବନ ବିଷୟରେ ଜଣାଇଲେ। ଦୋକାନୀମାନେ ମଧ୍ୟ ଏହାର ଉପାଦେୟତାକୁ ବୁଝି ଖାତାଗୁଡ଼ିକୁ କିଣିବା ସହ ବଜାରରେ ବିକ୍ରି କରିବାକୁ ଆଗ୍ରହ ଦେଖାଇଲେ। ଆଜି ଏହି ସ୍କୁଲ ପଢୁଆ ଝିଅମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ଭଲ ରୋଜଗାର ମଧ୍ୟ କରିପାରୁଛନ୍ତି। ଦିଲ୍ଲୀର ଏହି ଚାରିଜଣ ଛାତ୍ରୀ ପ୍ରମାଣ କରିଦେଇଛନ୍ତି ଯେ, ବଡ଼ ବଡ଼ ସମସ୍ୟାର ସମାଧାନ ପାଇଁ କେବଳ ବଡ଼ ବଡ଼ ବୈଜ୍ଞାନିକ ଗବେଷଣା କିମ୍ବା ଲକ୍ଷ ଲକ୍ଷ ଟଙ୍କାର ପାଣ୍ଠି ଦରକାର ନାହିଁ; ବରଂ ଏକ ସଠିକ୍ ଚିନ୍ତାଧାରା ଏବଂ କିଛି ନୂଆ କରିବାର ଜିଦ୍ ହିଁ ଯଥେଷ୍ଟ। ସେମାନଙ୍କର ଏହି 'ମ୍ୟାଜିକାଲ୍ କପି' ଆଗାମୀ ଦିନରେ କାଗଜର ଅପଚୟ ରୋକିବା ସହ ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ।

## 'ରାକା'ରେ ଅଲ୍ଲୁଙ୍କ ସହ ସାତ ଅଭିନେତ୍ରୀ



ସାଉଥ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ତାଙ୍କ ଆଗାମୀ ଫିଲ୍ମ 'ରାକା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିର୍ଦ୍ଦେଶକ ଏଟ୍‌ଲି କୁମାର ଏହି ସାଇନ୍ସ ଫିକ୍ସନ୍ ଫିଲ୍ମ ନେଇ ଆସୁଛନ୍ତି। ଏହା ଭାରତୀୟ ସିନେମା ଇତିହାସର ଏକ ବଡ଼ ବଜେଟ୍‌ର ଫିଲ୍ମ ହେବ ବୋଲି କୁହାଯାଉଛି। ଏଥିରେ ଅଲ୍ଲୁ ତିନୋଟି ଚରିତ୍ରରେ ନଜର ଆସିବେ। ତନ୍ମଧ୍ୟରେ ଗୋଟିଏ ଭୂମିକାରେ ସେ ଯୋଦ୍ଧା ଭୂମିକାରେ ନଜର ଆସିବେ। ଅନ୍ୟ ଭୂମିକାରେ ସେ ଖଳନାୟକ ଭାବେ ଦେଖାଯିବେ। ତୃତୀୟ ଭୂମିକା ବିଷୟରେ ଫିଲ୍ମ ନିର୍ମାତା ଏଯାବତ୍ ଗୋପନୀୟତା ବଜାୟ ରଖିଛନ୍ତି। ଏଥିରେ ଅଲ୍ଲୁଙ୍କ ବିପକ୍ଷରେ ସାତ ଜଣ ନାୟିକା ନଜର ଆସିବେ। ଏହି ସାତ ଜଣ ନାୟିକାଙ୍କ ମଧ୍ୟରେ ଦୀପିକା ପାଦୁକୋନ୍, ରଶ୍ମିକା ମନ୍ଦାନା, ଜାହ୍ନବୀ କପୁର ସାମିଲ ଅଛନ୍ତି। ଏଥିରେ ଦୀପିକା ବୈଦିକ କାଳର ଜଣେ ଗର୍ଭବତୀ ମହିଳା ଭୂମିକାରେ ନଜର ଆସିବେ। ରଶ୍ମିକା ଏଥିରେ ଦୀପିକାଙ୍କ ରକ୍ଷାକର୍ତ୍ତୀ ଭାବେ ଦେଖାଯିବେ। ସେହିଭଳି ଜାହ୍ନବୀ ଏଥିରେ ଜଣେ ଆଦିବାସୀ ଯୁବତୀ ଭୂମିକାରେ ଦେଖାଯିବେ। ମଲାୟାଲମ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ଲକ୍ଷ୍ମୀ ଏଥିରେ ଖଳନାୟିକା ଭାବେ ଦେଖାଯିବେ। ଫିଲ୍ମର କାହାଣୀ ତିନୋଟି ଅଲଗା ଅଲଗା ଟାଇମ୍ ଲାଇନ୍ ଉପରେ ଆଧାରିତ ହେବ। ଏଥିରେ ଅନେକ ରହସ୍ୟମୟ ଜୀବଙ୍କୁ ଦେଖାଯିବ। ଖୁବ୍‌ଶୀଘ୍ର ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶର ସୁଟିଂ ହାଇଦ୍ରାବାଦ୍‌ସ୍ଥିତ ରାମୋଜୀ ଫିଲ୍ମ ସିଟିରେ କରାଯିବ। ଏଥିପାଇଁ ଏକ ଭବ୍ୟ ସେଟ୍ ଏଠାରେ ନିର୍ମାଣ କରାଯାଇଛି। ରାମ୍ୟା କ୍ରିଷ୍ଣନ୍, ମୃଣାଳ ଠାକୁର, ଜିମ୍ ସର୍ଭ, ଯୋଗୀ ବାବୁଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ ମଧ୍ୟ ଏଥିରେ ଅତିଥି କଳାକାର ଭୂମିକାରେ ନଜର ଆସିବେ ବୋଲି କୁହାଯାଉଛି। 'ରାକା'ରେ ବିଜୟ ସେତୁପତି ମଧ୍ୟ ନଜର ଆସିପାରନ୍ତି।

## ଭୂଟାନର ପରିବା ବଜାର:

ଭାରତରେ 'ପରିବା ବଜାର' କିମ୍ବା ସାପ୍ତାହିକ ହାଟର ନାଁ ଶୁଣିଲେ ହିଁ ଆଖି ଆଗକୁ ଚାଲିଆସେ କାଦୁଅ, କୁଢ଼ କୁଢ଼ ପନିପରିବା, ମାଛି ଭିନ୍‌ଭିନ୍ ହେଉଥିବା ଆବର୍ଜନା କୁଢ଼ ଏବଂ ଦୁର୍ଗନ୍ଧମୟ ପରିବେଶ। ହେଲେ ପଡ଼ୋଶୀ ଦେଶ ଭୂଟାନ୍‌ରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ନିକଟରେ ଭୂଟାନ୍ ବୁଲିବାକୁ ଯାଇଥିବା ଜଣେ ଭାରତୀୟ ପର୍ଯ୍ୟଟକ ସେଠାକାର ପରିବା ବଜାରର ଏକ ଭିଡିଓ ସେୟାର କରିବା ପରେ ଲୋକେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବଜାରର ସ୍ୱଚ୍ଛତା ଦେଖି ଜଣେ ଭାରତୀୟ ପର୍ଯ୍ୟଟକ ଲେଖିଛନ୍ତି– "ଏହା ତ ମୋ ବେଡ୍‌ରୁମ୍ ଏବଂ ଚେହେରାଠାରୁ ମଧ୍ୟ ଅଧିକ ସଫା।" ଭୂଟାନ୍‌ର ଏହି ପରିବା ବଜାର କୌଣସି ପାରମ୍ପରିକ ବଜାର ଭଳି ନୁହେଁ, ବରଂ ଏକ ଆଧୁନିକ ସୁପରମାର୍କେଟ୍ ଭଳି ଦେଖାଯାଉଛି। ଏହାର ଚଟାଣ ସମ୍ପୂର୍ଣ୍ଣ ଚମକୁଛି, କେଉଁଠି ହେଲେ ପାଣି କିମ୍ବା କାଦୁଅ ଜମି ନାହିଁ। ସବୁଠାରୁ ବଡ଼ କଥା ହେଉଛି, ଏଠାରେ ସବୁ ଜିନିଷକୁ ବହୁତ ଶୃଙ୍ଖଳିତ ଭାବେ ରଖାଯାଇଛି। ପନିପରିବା ଗୋଟିଏ ସୁନ୍ଦର ସେକ୍ସନରେ ସଜା ହୋଇଛି, ଫଳ ପାଇଁ ଅଲଗା ଜାଗା ଅଛି ଏବଂ ମାଂସ ବିକ୍ରି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଭଳି ସଫା ପରିବେଶ ଯୋଗୁଁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ବିନା କୌଣସି ଅସୁବିଧାରେ ଏଠାରେ ବୁଲାବୁଲି କରି କିଣାବିକାର ଆନନ୍ଦ ନେଇପାରୁଛନ୍ତି। ଏନେଇ ସ୍ଥାନୀୟ ବ୍ୟବସାୟୀଙ୍କ କହିବା କଥା, ଏହି ସଫା-ସୁତୁରା ପରିବେଶ କେବଳ ଦେଖେଇବା ପାଇଁ ନୁହେଁ, ବରଂ ଏହା ସେମାନଙ୍କର ଦୈନନ୍ଦିନ ଅଭ୍ୟାସ। ପ୍ରତିଦିନ ସକାଳେ ବଜାର ଖୋଲିବା ପୂର୍ବରୁ ଏବଂ ସଞ୍ଜ ଆସିଲେ ବନ୍ଦ ହେବା ପରେ ସମ୍ପୂର୍ଣ୍ଣ ଅଞ୍ଚଳକୁ ନିୟମିତ ଭାବେ ସଫା କରାଯାଏ। ବଜାରରୁ ବାହାରୁଥିବା ଆବର୍ଜନାକୁ ତୁରନ୍ତ ଉଠାଇ ନିଆଯାଏ। କୌଣସି ବି ବ୍ୟବସାୟୀ ନିଜ ଜାଗାକୁ ଅପରିଷ୍କାର ଛାଡ଼ନ୍ତି ନାହିଁ ଏବଂ ଯଦି କେହି ଭୁଲରେ ଅସନା କରନ୍ତି, ତେବେ ତୁରନ୍ତ ତାକୁ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଏ। ଲୋକଙ୍କ ସହଯୋଗ ଏବଂ ସରକାରୀ ନିୟମର କଡ଼ାକଡ଼ି ପାଳନ ହିଁ ଏହାର ସଫଳତାର ଚାବିକାଠି। ଭୂଟାନ୍ ଦୁନିଆର ସେହି ସୀମିତ ଦେଶଗୁଡ଼ିକ ମଧ୍ୟରୁ ଏକ, ଯିଏ ପରିବେଶ ସଂରକ୍ଷଣକୁ ନିଜର ସବୁଠାରୁ ବଡ଼ ସମ୍ପତ୍ତି ମାନିଥାଏ। 'ଗ୍ରସ୍ ନ୍ୟାସନାଲ ହାପିନେସ୍'ର ସିଦ୍ଧାନ୍ତ ଅନୁଯାୟୀ, ଏଠାରେ ସଫେଇ, ଶୃଙ୍ଖଳା ଏବଂ ସାମୁଦାୟିକ ଦାୟିତ୍ୱବୋଧ ଉପରେ ସବୁଠାରୁ ଅଧିକ ଜୋର୍ ଦିଆଯାଏ। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ, ବର୍ଜ୍ୟବସ୍ତୁ ପରିଚାଳନାର କଠୋର ନିୟମ ଏବଂ ନାଗରିକମାନଙ୍କ ମଧ୍ୟରେ ଥିବା ସଚେତନତା ଯୋଗୁଁ ଆଜି ଏହି ପରିବା ବଜାର ସାରା ବିଶ୍ୱ ପାଇଁ ଏକ ମଡେଲ ପାଲଟିଛି। ଏହି ପୋଷ୍ଟ ଭାଇରାଲ ହେବା ପରେ ଅନେକ ଭାରତୀୟ ନାଗରିକ ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ବଡ଼ ବଡ଼ ସହରର ପରିବା ବଜାର ସହ ଏହାର ତୁଳନା କରିବା ଆରମ୍ଭ କରିଛନ୍ତି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

# କଦଳୀ ଫୁଲ, ମସୁର ଡାଲି ପତ୍ରପୋଡ଼ା



**ଆବଶ୍ୟକ ସାମଗ୍ରୀ**

କଦଳୀ ଫୁଲ ଭଣ୍ଡା – ଗୋଟିଏ, ମସୁର ଡାଲି – ୨୦୦ ଗ୍ରାମ୍, ରସୁଣ – ଦୁଇ ଚାରିକୋଳା, ଅଦା – ଖଣ୍ଡେ, କଞ୍ଚା ଲଙ୍କା – ଦୁଇଟି, କଟା ପିଆଜ – ଏକ କପ୍, ହଳଦୀଗୁଣ୍ଡ- ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କଦଳୀ ଫୁଲକୁ ବାଛି ଧୋଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ପାଣି ନେଇ ମସୁର ଡାଲିକୁ ବତୁରାଇ ୨୦ ମିନିଟ୍ ଛାଡ଼ି ଦିଅନ୍ତୁ। ଚୁଲିରେ ହାଣ୍ଡି ବସାଇ ପାଣି ଗରମ କରି ଲୁଣ ଦିଅନ୍ତୁ। ଏହାପରେ ବାଛି ରଖିଥିବା କଦଳୀ ଫୁଲକୁ ଦେଇ ସିଝାନ୍ତୁ। କିଛି ସମୟ ପରେ ଫୁଲକୁ ଏକ ଚାଙ୍ଗୁଡ଼ିରେ କାଢ଼ି ଥଣ୍ଡାପାଣିରେ ଧୁଅନ୍ତୁ। ଏହାପରେ ଶିଳରେ ରସୁଣ ଅଦା, କଞ୍ଚାଲଙ୍କା ସମେତ କଦଳୀ ଫୁଲକୁ ବାଟି ଏକ ପାତ୍ରରେ ରଖନ୍ତୁ। ଏହିପରି ଭାବେ ମସୁର ଡାଲିକୁ ବାଟିଦିଅନ୍ତୁ। ଏହାକୁ କଦଳୀ ଫୁଲ ବଟାରେ ମିଶାଇ ଲୁଣ, ହଳଦୀଗୁଣ୍ଡ, ସୋରିଷ ତେଲ ସହ କଟାପିଆଜ ଦେଇ ଗୋଳାନ୍ତୁ। ଏହାପରେ କଦଳୀ ପତ୍ର ନେଇ ଚାରିକୋଣିଆ କାଟି ମଝିରେ ମସୁର କଦଳୀ ଷ୍ଟଫିଂ ଦେଇ ଚାରିକଡ଼ରୁ ମୋଡ଼ି ଦିଅନ୍ତୁ। ଚୁଲି ଲଗାଇ ତାୱା ବସାଇ ଅଳ୍ପ ତେଲ ଦେଇ ଏହାକୁ ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'କଦଳୀଫୁଲ ମସୁରଡାଲି ପତ୍ର ପୋଡ଼ା'।

## ବନ୍ୟାଞ୍ଚଳରୁ ବିଜ୍ଞାନ ଭବନ



ଗୁରୁ ଜ୍ଞାନ ବାଣ୍ଟିବା ସହ ଛାତ୍ରଛାତ୍ରୀଙ୍କୁ ଆଦର୍ଶ ନାଗରିକ ଭାବେ ଗଢ଼ିତୋଳିବାରେ ମୁଖ୍ୟ ସୂତ୍ରଧର ସାଜିଥାନ୍ତି। ଜ୍ଞାନ, ନବସୃଜନ ଏବଂ ମାର୍ଗଦର୍ଶନ କରାଇ ଛାତ୍ରଛାତ୍ରୀଙ୍କୁ ସଫଳତା ଶୀର୍ଷରେ ପହଞ୍ଚାଇବାକୁ ପ୍ରେରଣା ଦେଇଥାନ୍ତି। ସେମିତି ଜଣେ ଶିକ୍ଷୟିତ୍ରୀ ହେଲେ ବିହାର ଗୋପାଳଗଞ୍ଜ ଜିଲ୍ଲାର ପୁଷ୍ପା ପ୍ରସାଦ। ବନ୍ୟାଞ୍ଚଳରେ ଛାତ୍ରୀଙ୍କୁ ଆଧୁନିକ ଜ୍ଞାନକୌଶଳ ଏବଂ କ୍ୟୁଆର୍ କୋଡ୍ ମାଧ୍ୟମରେ ପାଠପଢ଼ାଇ ସେ ଶିକ୍ଷା ପ୍ରଣାଳୀରେ ଏକ ପରିବର୍ତ୍ତନ ଆଣିଛନ୍ତି। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ସେ ଜାତୀୟ ଶିକ୍ଷକ ପୁରସ୍କାର ସମ୍ମାନ ୨୦୨୬ପାଇଁ ମନୋନୀତ ହୋଇଛନ୍ତି।

ଗୋପାଳଗଞ୍ଜ ଜିଲ୍ଲା କୁଚାୟକୋଟ ସ୍ଥିତ ରାଜକୀୟ ବାଳିକା ମାଧ୍ୟମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ପୁଷ୍ପା ପ୍ରସାଦ କାର୍ଯ୍ୟରତ। ବିଦ୍ୟାଳୟଟି ବନ୍ୟାଞ୍ଚଳରେ ଥିବାରୁ ଏଠାରେ ପାଠପଢ଼ା ପ୍ରଭାବିତ ହୋଇଥାଏ। କମ୍ ନାମଲେଖା, ନିୟମିତ ଉପସ୍ଥାନ ସମସ୍ୟା ସହ ପାଠପଢ଼ା ଅଧାରୁ ଛାଡ଼ିବା ଭଳି ସମସ୍ୟା ଦେଖାଯାଏ। ଏହି ସମସ୍ୟାର ସମାଧାନ କରିବା ସହ ସ୍ଥାନୀୟ ଅଞ୍ଚଳରେ ନାରୀ ଶିକ୍ଷାକୁ ଗୁରୁତ୍ୱ ପାଇଁ ପୁଷ୍ପା ଛାତ୍ରୀଙ୍କୁ କଠିନ ବିଷୟଗୁଡ଼ିକ ସହଜରେ ବୁଝାଇବା ପାଇଁ ଆଧୁନିକ ଜ୍ଞାନକୌଶଳ ଓ ଆକ୍ଟିଭିଟି-ବେସଡ୍ ଲର୍ଣ୍ଣିଂକୁ ଅସ୍ତ୍ର କରିଥିଲେ। ଏହାରି ମାଧ୍ୟମରେ ସେ ଛାତ୍ରୀଙ୍କୁ ପାରମ୍ପରିକ ଶିକ୍ଷାଦାନ ପ୍ରଣାଳୀ ପରିବର୍ତ୍ତେ ହସିଖେଳି ଡିଜିଟାଲ ଶିକ୍ଷାସହ ଯୋଡ଼ିଥିଲେ। ଏପରି କରି ସେ କଠିନ ବିଷୟଗୁଡ଼ିକୁ ସହଜ, ସରଳ କରିଥିଲେ। ଏଥିସହ ଆଧୁନିକ ଟେକ୍ନୋଲୋଜି ଉପଯୋଗ କରି ଗ୍ରାମାଞ୍ଚଳରେ ଛାତ୍ରୀଙ୍କ ପାଇଁ ଭର୍ଚୁଆଲ୍ ରିଆଲିଟି ତଥା ଭିଆର୍ ଉପଯୋଗ କରି ପିଲାଙ୍କୁ ଚିତ୍ର ଦେଖି ପାଠପଢ଼ାର ଅନୁଭୂତି ଦେଇଥିଲେ। ଏଥିସହ ପୁଷ୍ପା ବିଦ୍ୟାଳୟ ପରିସରରେ ଥିବା ଗଛଗୁଡ଼ିକରେ କ୍ୟୁଆର୍ କୋଡ୍ ଲଗାଇଛନ୍ତି। ଛାତ୍ରୀମାନେ ନିଜ ମୋବାଇଲରେ ଏହାକୁ ସ୍କାନ୍ କରି ବୃକ୍ଷଲତା, ପରିବେଶ ବିଜ୍ଞାନ ସହ ଜଡ଼ିତ ଶିକ୍ଷା ଗ୍ରହଣ କରିଥାନ୍ତି। ଏହି ପଦକ୍ଷେପ ବିଦ୍ୟାଳୟ ପରିବେଶକୁ ଏକ ଆଧୁନିକ ଏବଂ ଡିଜିଟାଲ୍ ଲ୍ୟାବ୍‌ରେ ପରିବର୍ତ୍ତନ କରିବା ସହ ଛାତ୍ରୀଙ୍କୁ ବିଦ୍ୟାଳୟ ମୁଖୀ କରିଥିଲା।

ଶିକ୍ଷାର ବିକାଶ କେବଳ ଶ୍ରେଣୀରେ ସୀମିତ ନୁହେଁ, ଏହା ପୁଷ୍ପା ବୁଝିଥିଲେ। ଏଥିପାଇଁ ସେ ନାରୀଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଗ୍ରାମର ମହିଳା ଏବଂ ଅଭିଭାବକଙ୍କୁ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିଥିଲେ। ଏହି ଯୋଗସୂତ୍ର ଯୋଗୁଁ ଧୀରେ ଧୀରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଥିଲା। ସୀମିତ ସଂଶାଧନ ପ୍ରତିକୂଳ ପରିସ୍ଥିତିରେ ସେ ଶିକ୍ଷାଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଆସନ୍ତା ୫ ସେପ୍ଟେମ୍ବର ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ମହାମହିମ ଦ୍ରୌପଦୀ ମୁର୍ମୁଙ୍କ ହାତରୁ ସେ ଜାତୀୟ ଶିକ୍ଷକ ପୁରସ୍କାର ସମ୍ମାନ ୨୦୨୬ରେ ସମ୍ମାନିତ ହେବାକୁ ଯାଉଛନ୍ତି।

## କାଶ୍ମୀର ଏମ୍ବ୍ରୋଡୋରୀ ଜ୍ୟାକେଟ୍



ସମୟାନୁସାରେ ଫେଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ କାଶ୍ମୀର ଏମ୍ବ୍ରୋଡୋରୀ ଜ୍ୟାକେଟ୍ ମହିଳାଙ୍କ ମଧ୍ୟରେ ଲୋକପ୍ରିୟ ରହିଛି। ଜିନ୍ସ ଡେନିମ୍ ଜ୍ୟାକେଟ୍ ପିନ୍ଧି ବିରକ୍ତ ଲାଗୁଥିଲେ ଏହି କାଶ୍ମୀର ଜ୍ୟାକେଟ୍ ପିନ୍ଧି ନିଜକୁ ଏକ ନିଆରା ଲୁକ୍ ଦେଇପାରିବେ। ଏଥିରୁ ଉଭୟ ପାରମ୍ପରିକ ଏବଂ ଆଧୁନିକ ଲୁକ୍ ମିଳିଥାଏ।

- ଫ୍ୟୁଜନ୍ ଫେଶନ ପସନ୍ଦ ଥିଲେ, ସାଧା କିମ୍ବା ପେଷ୍ଟାଲ୍ ରଙ୍ଗର ଘନନୀଳ ଜ୍ୟାକେଟ୍ ପିନ୍ଧିପାରିବେ। ଏଥିରୁ ଏକ ସୁନ୍ଦର ଏଥ୍‌ନିକ୍ ଲୁକ୍ ମିଳିଥାଏ। ଏହା କୁର୍ତ୍ତୀ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ। ଏହାକୁ ଅଫିସ୍, ବଜାର, ଆଉଟିଙ୍ଗ୍ ଆଦି ସ୍ଥାନକୁ ସହଜରେ ପିନ୍ଧି ଯାଇପାରିବେ।
- ଜିନ୍ସ ଟପ୍ ପିନ୍ଧୁଥିଲେ ଏଥିରେ କଳା ଭେଲ୍‌ଭେଟ୍ ରଙ୍ଗର କାଶ୍ମୀର ଜ୍ୟାକେଟ୍ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ସହ ଆକର୍ଷଣୀୟ ଦିଶିଥାଏ। ଏହା ଯେ କୌଣସି ଅବସରରେ ପିନ୍ଧି ନିଜକୁ ଏକ ନୂଆ ଲୁକ୍ ଦେଇପାରିବେ। ଏଥିରୁ ଏକ କ୍ଲାସି ଲୁକ୍ ମିଳିଥାଏ।

## ସିକ୍ରେଟ୍ ଡାଏଲ୍ ୱାଚ୍



ଅନେକ ମହିଳା ଡିଜାଇନର୍ ଘଣ୍ଟା ପିନ୍ଧିବାକୁ ପସନ୍ଦ କରନ୍ତି। ଏହାକୁ ଦୃଷ୍ଟିରେ ରଖି ଏବେ ସିକ୍ରେଟ୍ ଡାଏଲ୍ ୱାଚ୍ ଲୋକପ୍ରିୟ ରହିଛି। ଏହି ଘଣ୍ଟା ଉପରୁ ବ୍ରେସ୍‌ଲେଟ୍ ଭଳି ଦେଖାଯାଉଥିବାବେଳେ ଏହାର ଡାଏଲ୍ ଉପରେ ଏକ କଭର୍ ତଥା ଢାଙ୍କୁଣୀ ଥାଏ। ଯାହାକୁ ଖୋଲି ସମୟ ଦେଖାଯାଏ। ଏହା ଘଣ୍ଟା କମ୍ ଏବଂ ଏକ ଡିଜାଇନର ଆସେସରିଜ୍ ଭଳି ଦିଶିଥାଏ।

**ଶାଢ଼ି, କୁର୍ତ୍ତୀକୁ ସୁନ୍ଦର**

ଗୋଲେଡନ୍ ତଥା ସିଲ୍‌ଭର୍ ରଙ୍ଗର ପତଳା ସିଲ୍‌କ ଶାଢ଼ିକୁ ଏହି ଘଣ୍ଟା ଭଲ ମାନିଥାଏ। ସେହିପରି ଏହା ଏଥ୍‌ନିକ୍ ଲୁକ୍‌କୁ ମଧ୍ୟ ଭଲ ମାନିଥାଏ। ଏଥିସହ ସିମ୍ପଲ୍ ଡିଜାଇନର୍ ଘଣ୍ଟା ଦୈନନ୍ଦିନ ଆଉଟ୍‌ଫିଟ୍‌କୁ ଏଲିଗେଣ୍ଟ ଲୁକ୍ ଦେଇଥାଏ।

**ୱେଷ୍ଟର୍ଣ୍ଣ ଅଫିସ୍ ଲୁକ୍‌ରେ ଦିଶିବେ ଆକର୍ଷଣୀୟ**

ମେଟାଲ ଏବଂ ସ୍ଲିମ୍ ବ୍ରେସ୍‌ଲେଟ୍ ଷ୍ଟାଇଲ୍ ୱାଚ୍ ଡ୍ରେସ୍, ସ୍କର୍ଟ, ତଥା ଫର୍ମାଲ ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ। ସେହିପରି କ୍ଲିନ୍ ଏବଂ ସଟଲ୍ ଡାଏଲ୍ ୱାଚ୍ ଏକ ଭଲ ବିକଳ୍ପ ହୋଇଥାଏ।

**କିଣିବା ପୂର୍ବରୁ ଧ୍ୟାନ**

ସିକ୍ରେଟ୍ ଡାଏଲ୍ ୱାଚ୍ କିଣିବା ପୂର୍ବରୁ ପ୍ରଥମେ ଏହାର ଡାଏଲ୍ ଖୋଲି ସହଜ କି କଷ୍ଟ ତାହା ପରୀକ୍ଷା କରିବା ଜରୁରୀ। ଏଥିସହ ଏହା ହାତକୁ ଆରାମଦାୟକ ଲାଗୁଚି କି ନାହିଁ ତାହା ମଧ୍ୟ ଜାଣି ସାଧାସିଧା ଡିଜାଇନ୍ ଘଣ୍ଟା ଦେଖି କିଣିବା ଭଲ। ଏହା ଉଭୟ ଘଣ୍ଟା ଏବଂ ଆସେସରିଜ୍ ଭାବେ କାମ କରିଥାଏ।

ୟୁଏସ୍ ଓପନ୍

# ଆନ୍ଦ୍ରିଭାଙ୍କ ବିଜୟ ଅଭିଯାନ; ବର୍ତ୍ତିଗଲେ ଜ୍ୱେରେଭ

ନ୍ୟୁୟର୍କ, ୨।୯ (ଏଜେନ୍ସି)






ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣର ତୃତୀୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସିଙ୍ଗଲ୍ସରେ କୌଣସି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିନାହିଁ। ତୃତୀୟ ଗ୍ରାଣ୍ଡସ୍ଲାମ ବିଜୟ ଲକ୍ଷ୍ୟରେ ରହିଥିବା ବିଶ୍ୱର ଦୁଇ ନମ୍ବର ଖେଳାଳି ଏଲିନା ରିବାକିନା, ପୂର୍ବତନ ଚାମ୍ପିଅନ କୋକୋ ଗଫ୍, ମାଡିସନ୍ କିଜ୍ ଓ ଫ୍ରେଞ୍ଚ ଓପନ୍ ଚାମ୍ପିଅନ ମିରା ଆନ୍ଦ୍ରିଭା ପ୍ରମୁଖ ସହଜ ବିଜୟରୁ ଏଠାରେ ଅଭିଯାନ ଆରମ୍ଭ କରିଛନ୍ତି।

କାଜାଖସ୍ତାନ ତାରକା ରିବାକିନା ପ୍ରଥମ ରାଉଣ୍ଡରେ ୬-୩, ୬-୨ ସିଧାସଳଖ ସେଟ୍‌ରେ ଆମେରିକାର ଥିଆ ଫୌର୍ଦିନଙ୍କୁ ପରାସ୍ତ କରିଥିଲେ। ସେହିଭଳି ୨୦୨୩ ବିଜୟିନୀ ତଥା ଚତୁର୍ଥ ସିଡ୍ ଆମେରିକାର ଗଫ୍ ୬-୩, ୬-୪ ସିଧାସଳଖ ସେଟରେ ବିଶ୍ୱର ୫୩ତମ ମାନ୍ୟତା ଖେଳାଳି ତୁର୍କୀର ଜିନେପ ସୋନମେଜଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ପଞ୍ଚମ ସିଡ୍ ରୁଷୀୟ ଲଳନା ମୀରା ଆନ୍ଦ୍ରିଭା ୬-୨, ୬-୨ ସିଧାସଳଖ ସେଟରେ ଇଣ୍ଡୋନେସିଆର ଜାନିସ ଜେନଙ୍କୁ, ଆମେରିକାର କିଜ୍ ପ୍ରଥମ ରାଉଣ୍ଡରେ ୭-୫, ୬-୪ ସେଟରେ ରୁଷିଆର ଆଲିନା କୋର୍ନିଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୭ତମ ସିଡ୍ ଫିଲିପାଇନ୍ସର ଆଲେକ୍ସଜାଣ୍ଡର ଇଲା ୬-୧, ୬-୨ ସେଟରେ ଆମେରିକାର କ୍ୱାଲିଫାୟର ଖେଳାଳି ମାରୀ ଷ୍ଟୋଇନାଙ୍କୁ ପ୍ରଥମ ରାଉଣ୍ଡରେ ପରାସ୍ତ କରିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ୱିମ୍ବେଲଡନ ସେମିଫାଇନାଲିଷ୍ଟ ବ୍ରିଟେନର ଆର୍ଥର ଫେରୀ ଏଠାରେ କୌଣସି ଚମକ ଦେଖାଇ ପାରିନାହାନ୍ତି। ତ୍ରୟୋଦଶ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ୬-୩, ୬-୩, ୭-୫ ସିଧାସଳଖ ସେଟରେ ଆର୍ଥରଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଟପ୍ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ବୁଧବାର ସକାଳେ ଏକ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଛନ୍ତି। ଜ୍ୱେରେଭ ପ୍ରଥମ ରାଉଣ୍ଡରେ ବିଶ୍ୱର ୮୯ତମ ମାନ୍ୟତା ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ଭେଟିଥିଲେ। ଏହି ମ୍ୟାଚଟି ଜିତିବାକୁ ଜ୍ୱେରେଭଙ୍କୁ ପଞ୍ଚମ ସେଟ୍ ପର୍ଯ୍ୟନ୍ତ ଖେଳିବାକୁ ପଡ଼ିଥିଲା। ଶେଷରେ ଜ୍ୱେରେଭ ପାଞ୍ଚ ଘଣ୍ଟା ଲଢ଼େଇ କରି ୬-୪, ୩-୬, ୬-୭, ୭-୫, ୬-୪ ସେଟରେ କଷ୍ଟସାଧ୍ୟ ବିଜୟ ହାସଲ କରିଥିଲେ। ଅପରପକ୍ଷରେ ଏଠାରେ ନିଜ କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳୁଥିବା ଫ୍ରାନ୍ସର ଗେଲ୍ ମୋନଫିଲ୍ସ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ମୋନଫିଲ ପ୍ରଥମ ରାଉଣ୍ଡରେ ୨-୬, ୬-୧, ୬-୨, ୬-୦ ସେଟରେ ପାରାଗୁଏର ଆଡଲଫ୍ ଡାନିଏଲ୍ ଭାଲେଜୋଙ୍କୁ ପରାସ୍ତ କରିଛନ୍ତି। ଫଳରେ ୟୁଏସ୍ ଓପନ୍‌ର ମୁଖ୍ୟ ପର୍ଯ୍ୟାୟରେ ଏକ ମ୍ୟାଚ ବିଜୟ ହାସଲ କରିବାରେ ମୋନଫିଲ୍ସ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି।

■ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

## ପାଡିକଲ୍ ଉଠିଲେ; ଗିଲ୍-ବୁମ୍‌ରାଙ୍କ ଅବନତୀ



ଦୁବାଇ, ୨।୯ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଦଳର ଅଧିନାୟକ ଶୁବମାନ ଗିଲ୍ ଦୁଇଟି ସ୍ଥାନ ହରାଇଛନ୍ତି। ସଦ୍ୟ ମାନ୍ୟତାରେ ଗିଲ୍ ୯ମ ସ୍ଥାନକୁ ଖସିଯାଇଛନ୍ତି। ତେବେ ଟପ୍-୧୦ରେ ରହିଥିବା ଅନ୍ୟତମ ଭାରତୀୟ ବ୍ୟାଟର୍ ଋଷଭ ପନ୍ତ ପୂର୍ବଭଳି ୭ମ ସ୍ଥାନରେ ସ୍ଥିର ରହିଛନ୍ତି। ଯଶସ୍ୱୀ ଜୟସ୍ୱାଲ ମଧ୍ୟ ୧୧ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ତେବେ ଗତ ସପ୍ତାହରେ ଶ୍ରୀଲଙ୍କା ବିପକ୍ଷରେ ସମାପ୍ତ ହୋଇଥିବା ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଦେବଦତ୍ତ ପାଡିକଲ ୫୯ରୁ ୫୪ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଶ୍ରୀଲଙ୍କାର ସୋନାଲ ଦିନୁଶା ମଧ୍ୟ ଏକାଥରକେ ୨୯ଟି ସ୍ଥାନ ଉପରକୁ ଉଠିଛନ୍ତି। ସଦ୍ୟ ତାଲିକାରେ ସୋନାଲ ୨୫ତମ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ସିରିଜରେ ସୋନାଲ ୩ଟି ଶତକ ଅର୍ଜନ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତେବେ ବୋଲିଂ ତାଲିକାରେ ଭାରତର ଯଶପ୍ରୀତ୍ ବୁମରା ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି। ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ସେହିଭଳି ମିଚେଲ ଷ୍ଟାର୍କ ପୂର୍ବଭଳି ଶୀର୍ଷ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାର ଟପ୍-୨୦ରେ ଦ୍ୱିତୀୟ ଭାରତୀୟ ଭାବରେ ମହମ୍ମଦ ସିରାଜ ୧୭ତମ ଓ ରବୀନ୍ଦ୍ର ଜାଡେଜା ୧୯ତମ ସ୍ଥାନରେ ରହିଛନ୍ତି।

■ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଲକ୍ଷ୍ୟ ପୁଣିଥରେ ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ

ଶେନଝେନ, ୨।୯ (ଏଜେନ୍ସି): ଭାରତର ପ୍ରତିଭାବାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ ପୁଣିଥରେ ଏକ ବଡ଼ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ପ୍ରଥମ ରାଉଣ୍ଡରେ ପରାଜୟବରଣ କରି ବିଦାୟ ନେଇଛନ୍ତି। ବୁଧବାର ଅନୁଷ୍ଠିତ ମ୍ୟାଚରେ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା କାନାଡାର ଭିକ୍ଟର ଲାଇ ୨୧-୧୪, ୨୧-୭ ସିଧାସଳଖ ଗେମରେ ଲକ୍ଷ୍ୟଙ୍କୁ ହରାଇଛନ୍ତି। ଲକ୍ଷ୍ୟ ୩୮ ମିନିଟ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ଶେଷରେ ପରାଜୟର ସାମ୍ନା କରିଥିଲେ। ଭିକ୍ଟରଙ୍କ ବିପକ୍ଷରେ ଶେଷ ୪ଟି ମ୍ୟାଚରୁ ଲକ୍ଷ୍ୟଙ୍କ ଏହା ତୃତୀୟ ପରାଜୟ ଥିଲା। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଲକ୍ଷ୍ୟ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ୨୧-୧୬, ୨୧-୧୫ ଗେମରେ ଚାଇନିଜ ତାଇପେଇ'ର ଚାଇ ୟୁ-ଜେନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ପ୍ରଥମ ରାଉଣ୍ଡରେ ସହଜରେ ବିଜୟୀ ହୋଇ ଆଗେଇଛନ୍ତି।

## କୁସାଲ ମେଣ୍ଡିସ୍ ଶ୍ରୀଲଙ୍କା ଟି-୨୦, ଦିନିକିଆ ଅଧିନାୟକ

କଲମ୍ବୋ,୨।୯ (ଏଜେନ୍ସି): ଇଂଲଣ୍ଡ ଗସ୍ତ ପାଇଁ ଶ୍ରୀଲଙ୍କା କ୍ରିକେଟ୍ ୧୬ ଜଣିଆ ଟି-୨୦ ଓ ଦିନିକିଆ ଦଳ ଘୋଷଣା କରିଛି। ଉଭୟ ଫର୍ମାଟ୍‌ରେ କୁସାଲ ମେଣ୍ଡିସଙ୍କୁ ଅଧିନାୟକ ଏବଂ ଚରିଥ ଅସଲଙ୍କାଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଶ୍ରୀଲଙ୍କା ଇଂଲଣ୍ଡ ବିପକ୍ଷରେ ୩ଟି ଟି-୨୦ ଓ ୩ଟି ଦିନିକିଆ ଖେଳିବ। ଟି-୨୦ ଶୃଙ୍ଖଳା ସେପ୍ଟେମ୍ବର ୧୫ରୁ ସାଉଥାମ୍ପଟନ୍‌ରେ ଆରମ୍ଭ ହେବ। ଦଳରେ ଅଭିଜ୍ଞ ଖେଳାଳିଙ୍କ ସହ ନୂଆ ମୁହଁଙ୍କୁ ମଧ୍ୟ ସୁଯୋଗ ମିଳିଛି। ଅଫ୍-ସ୍ପିନର ଥାରିନ୍ଦୁ ରଥନାୟକେ ପ୍ରଥମ ଥର ଟି-୨୦ ଦଳରେ ସ୍ଥାନ ମିଳିଛି। ଦିନିକିଆ ସିରିଜ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ୨୭ ତାରିଖରେ ଦ ଓଭାଲରେ ଶେଷ ହେବ। ଦଳରେ ପାଥୁମ ନିସାଙ୍କା, କାମିନ୍ଦୁ ମେଣ୍ଡିସ, ଦାସୁନ ଶାନାକା, ୱାନିନ୍ଦୁ ହସରଙ୍ଗା ଓ ମହୀଶ ଥୀକସାନାଙ୍କ ଭଳି ପ୍ରମୁଖ ଖେଳାଳି ରହିଛନ୍ତି।

ଆଜି ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ

## ରୋହିତ,ଅଗରକର, ଲକ୍ଷ୍ମଣଙ୍କୁ ସମନ



ମୁମ୍ବାଇ, ୨।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ବସିବାର କାର୍ଯ୍ୟସୂଚୀ ରହିଛି। ଭାରୀତୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ସେଣ୍ଟର ଅଫ୍ ଏକ୍ସଲେନ୍ସ ମୁଖ୍ୟ ଭିଭିଏସ ଲକ୍ଷ୍ମଣଙ୍କୁ ଏହି ବୈଠକରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି। ରିପୋର୍ଟ ଅନୁଯାୟୀ ଏହି ବୈଠକରେ ରୋହିତ ଶର୍ମାଙ୍କ ଭବିଷ୍ୟତ, ଆର୍ୟଲାଣ୍ଡ ଓ ଇଂଲଣ୍ଡରେ ଟିମ୍ ଇଣ୍ଡିଆର ଶୋଚନୀୟ ଟି-୨୦ ପରାଜୟ, ୨୦୨୭ ଦିନିକିଆ ବିଶ୍ୱକପ୍ ଏବଂ ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ବିଷୟରେ ଆଲୋଚନା ହେବ। ବୁଧବାର ରାତି ସୁଦ୍ଧା ସମସ୍ତ ଶୀର୍ଷର୍ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସଦସ୍ୟ ମୁମ୍ବାଇରେ ପହଞ୍ଚି ସାରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମୁଖ୍ୟତଃ ସିନିଅର ପୁରୁଷ ଦଳର ସାମ୍ପ୍ରତିକ ଫଳାଫଳ ଉପରେ ଫୋକସ୍ ରହିବ। ଦଳର ପ୍ରଦର୍ଶନରେ କ'ଣ ଠିକ୍ ହେଲା ଏବଂ କ'ଣ ଭୁଲ ହେଲା ତାହା ସମୀକ୍ଷା କରାଯିବ। ରିପୋର୍ଟ ଅନୁଯାୟୀ, ବୈଠକରେ ହାର୍ଦ୍ଦିକ ପାଣ୍ଡ୍ୟା ଭଳି ଅନେକ ଖେଳାଳିଙ୍କ ଆଘାତ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯିବ। ସେହିଭଳି ରୋହିତଙ୍କ ସମେତ ମୁଖ୍ୟ ଚୟନକର୍ତ୍ତା ଅଗରକରଙ୍କ ଭବିଷ୍ୟତ ଉପରେ ମଧ୍ୟ ବୈଠକରେ ନିଷ୍ପତ୍ତି ନେଇପାରେ। ପୂର୍ବରୁ ବିସିସିଆଇ ଏହି ବୈଠକ ପ୍ରଥମେ ଇଂଲଣ୍ଡ ଏବଂ ଆର୍ୟଲାଣ୍ଡ ବିପକ୍ଷ ସିରିଜରେ ପରାଜୟର ସମୀକ୍ଷା ଲାଗି ଡାକିଥିଲା। କିନ୍ତୁ ଜିମ୍ବାୱେ ଗସ୍ତ ଏବଂ ଶ୍ରୀଲଙ୍କାରେ ଟେଷ୍ଟ ସିରିଜ ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା।

ଶତକ ପରେ ତିଲକ୍‌ଙ୍କ ଅର୍ଦ୍ଧଶତକ

## ଦୁଲୀପ୍ ଟ୍ରଫି ଫାଇନାଲରେ ଦକ୍ଷିଣାଞ୍ଚଳ



ବେଙ୍ଗାଲୁରୁ, ୨।୯ (ଏଜେନ୍ସି): ଚଳିତ ଦୁଲୀପ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ୬୩ତମ ସଂସ୍କରଣର ଟାଇଟଲ୍ ପାଇଁ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ସେପ୍ଟେମ୍ବର ୬ ତାରିଖରେ ଲଢ଼େଇ ହେବ। ବୁଧବାର ଶେଷ ହୋଇଥିବା ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ୭ ୱିକେଟରେ ଉତ୍ତରାଞ୍ଚଳକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳକୁ ହରାଇ ପୂର୍ବାଞ୍ଚଳ ଫାଇନାଲରେ ପହଞ୍ଚିଥିଲା।

ଦ୍ୱିତୀୟ ସେମିଫାଇନାଲରେ ଉତ୍ତରାଞ୍ଚଳ ୧୮୧ ରନର ଛୋଟିଆ ଲକ୍ଷ୍ୟ ଦକ୍ଷିଣାଞ୍ଚଳ ସାମ୍ନାରେ ଧାର୍ଯ୍ୟ କରିଥିଲା। ବୁଧବାର ଅନ୍ତିମ ତଥା ଚତୁର୍ଥ ଦିବସରେ ଦକ୍ଷିଣାଞ୍ଚଳ ୪୩.୧ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ତିଲକ ବର୍ମା ପୁଣିଥରେ ବ୍ୟାଟିଂରେ କମାଲ କରିଥିଲେ। ତିଲକ ୮ ଚୌକା ସହାୟତାରେ ୭୯ ବଲରୁ ୫୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର୍ ରିକି ଭୁଇ ୪୨, ଏନ୍ ଜଗଦୀଶନ ୪୩, ସ୍ମରଣ ରବିଚନ୍ଦ୍ରନ ଅପରାଜିତ ୩୨ ରନ କରିଥିଲେ। ଏଥିପୂର୍ବରୁ ତିଲକ ପ୍ରଥମ ପାଳିରେ ମଧ୍ୟ ଅପରାଜିତ ୧୧୬ ରନର ଶତକୀୟ ପାଳି ଖେଳିଥିଲେ। ଫଳରେ ମ୍ୟାଚ୍‌ରେ ମୋଟ୍ ୧୬୭ ରନ କରିଥିବା ତିଲକ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଏହି ମ୍ୟାଚରେ ଉତ୍ତରାଞ୍ଚଳ ପ୍ରଥମ ପାଳିରେ ୧୯୫ ଓ ଦକ୍ଷିଣାଞ୍ଚଳ ୩୧୨ ରନ କରିଥିଲା। ୧୧୭ ରନ ପଛରେ ଥାଇ ଉତ୍ତରାଞ୍ଚଳ ଦ୍ୱିତୀୟ ପାଳିରେ ୨୯୭ ରନ କରିବାକୁ ସମର୍ଥ ହୋଇଥିଲା।

୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ସେଭେନ୍ସ

## ଭାରତୀୟ ଦଳରେ ରାହୁଲ, ଇଶ୍ୱର, ଅନିତା, ଖାମେଶ୍ୱରୀ




ଭୁବନେଶ୍ୱର, ୨।୯ (ସମିସ): ଚଳିତ ମାସ ୫ ତାରିଖରୁ ଚାଇନାର କ୍ୱିଙ୍ଗଦାଓଠାରେ ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ପ୍ରତିଯୋଗିତା ଆରମ୍ଭ ହେବ। ଏଥିଲାଗି ଭାରତୀୟ ପୁରୁଷ ଓ ମହିଳା ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ରାହୁଲ ମାଝି ଓ ଇଶ୍ୱର ପୂଜାରୀ ଏବଂ ମହିଳା ଦଳରେ ଅନିତା ମୁର୍ମୁ ଓ ଖାମେଶ୍ୱରୀ ମାଝିଙ୍କୁ ସୁଯୋଗ ମିଳିଛି। ଏହି ୪ଜଣ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ଦୁଇଦିନିଆ ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜୁଲାଇ ୨୧ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଜାତୀୟ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ୍ ସଂଘର ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ମନୋନୀତ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

ଭାରତ-ବ୍ରାଜିଲ୍ ଫୁଟବଲ୍ ମ୍ୟାଚ୍ ପାଇଁ ଟିକଟ ବିକ୍ରି ଆରମ୍ଭ

## ସର୍ବନିମ୍ନ ୧୫୦୦, ସର୍ବାଧିକ ୧୫,୦୦୦ ଟଙ୍କା

ଅକ୍ଟୋବର ୩ରେ କୋଲକାତାରେ ମହାମୁକାବିଲା

କୋଲକାତା,୨।୯ (ଏଜେନ୍ସି):ଭାରତ ଓ ପାଞ୍ଚଥରର ବିଶ୍ୱକପ୍ ବିଜେତା ବ୍ରାଜିଲ୍ ମଧ୍ୟରେ ବହୁ ପ୍ରତୀକ୍ଷିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ପାଇଁ ଟିକଟ ବିକ୍ରି ଆରମ୍ଭ ହୋଇଛି। ଅକ୍ଟୋବର ୩ରେ କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଏହି ମୁକାବିଲା ଖେଳାଯିବ। ଅଖିଳ ଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ସାଧାରଣ ଟିକଟ୍‌ର ମୂଲ୍ୟ ୧,୫୦୦ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ଭିଆଇପି ଟିକେଟ୍‌ର ମୂଲ୍ୟ ୧୫,୦୦୦ ଟଙ୍କା ରହିଛି। ଟିକେଟ୍ 'ଡିଷ୍ଟ୍ରିକ୍ଟ' ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି। ୧୯୯୨ରୁ ଆରମ୍ଭ ହୋଇଥିବା ଫିଫା ବିଶ୍ୱ ମାନ୍ୟତା ଅନୁସାରେ ଏହା ଭାରତର ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଦଳ ବିପକ୍ଷରେ ଏକ ମ୍ୟାଚ୍ ଖେଳିବ। ବର୍ତ୍ତମାନ ବ୍ରାଜିଲ୍ ବିଶ୍ୱ ମାନ୍ୟତାର ପଞ୍ଚମ ସ୍ଥାନରେ ରହିଛି। ଭାରତରେ ବ୍ରାଜିଲ୍‌ର ଅସଂଖ୍ୟ ପ୍ରଶଂସକ ଥିବାରୁ ମ୍ୟାଚ୍‌କୁ ନେଇ ଉତ୍ସାହ ମଧ୍ୟ ବଢ଼ିଛି। ବ୍ରାଜିଲ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ସେପ୍ଟେମ୍ବର ୨୬ରେ ଭାରତ ବେଙ୍ଗାଲୁରୁର ଶ୍ରୀ କାଣ୍ଠିରାଭା ଷ୍ଟାଡିୟମରେ ପାନାମା ବିପକ୍ଷରେ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଫିଫା ମାନ୍ୟତାରେ ପାନାମା ୪୪ତମ ସ୍ଥାନରେ ରହିଛି ଏବଂ ୨୦୨୬ ବିଶ୍ୱକପ୍‌ରେ ମଧ୍ୟ ଅଂଶଗ୍ରହଣ କରିଥିଲା। ପାନାମା ଓ ବ୍ରାଜିଲ୍ ପରେ ଅକ୍ଟୋବର ୬ରେ କୋଲକାତାରେ ଭାରତ ଦୁଇଥରର ବିଶ୍ୱକପ୍ ବିଜେତା ଉରୁଗୁଏକୁ ଭେଟିବ। ଏହି ତିନିଟି ମ୍ୟାଚ୍ ଭାରତୀୟ ଫୁଟବଲ୍ ଦଳ ପାଇଁ ଏକ ବଡ଼ ପରୀକ୍ଷା ହେବ।

## ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଆଜିଠୁ

ଭୁବନେଶ୍ୱର, ୨।୯ (ସମିସ): ସ୍ଥାନୀୟ ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମରେ ଗୁରୁବାରଠାରୁ ୟୋନେକ୍ସ-ସନରାଇଜ ପୂର୍ବାଞ୍ଚଳ ଆନ୍ତଃ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ ଆରମ୍ଭ ହେବାକୁଯାଇଛି। ଭାରତୀୟ ବ୍ୟାଡମିଣ୍ଟନ ମହାସଂଘ ଓ ଓଡିଶା ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ସେପ୍ଟେମ୍ବର ୬ ତାରିଖରେ ଉଦ୍‌ଯାପିତ ହେବ। ଏହି ଚାମ୍ପିଅନସିପ୍‌ରେ ଆୟୋଜକ ଓଡିଶା ସମେତ ପୂର୍ବାଞ୍ଚଳର ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ୨୨୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ସପୋର୍ଟ ଷ୍ଟାଫ ଭାଗନେବେ। ସିନିଅର, ଜୁନିଅର ବର୍ଗର ଦଳଗତ ସହ ବ୍ୟକ୍ତିଗତ ବିଭାଗର ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ଼ ଡବଲ୍ସରେ ଟାଇଟଲ ପାଇଁ ଲଢେଇ ହେବ। ଦଳଗତ ପ୍ରତିଯୋଗିତା ଗୁରୁବାରଠାରୁ ଓ ସିଙ୍ଗଲ୍ସ ଇଭେଣ୍ଟ ଶୁକ୍ରବାରରୁ ଆରମ୍ଭ ହେବ ବୋଲି ରାଜ୍ୟ ସଂଘ ସମ୍ପାଦକ ନିଳିନ କୁମାର ସୂଚନା ଦେଇଛନ୍ତି।




ପ୍ରତିଯୋଗିତା ସଂଯୋଜକ ଭାବେ ଓସବା ଉପସଭାପତି ପ୍ରଦୀପ ପଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ, ବିଭିନ୍ନ ବିଭାଗ ଦାୟିତ୍ୱରେ ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା ସଭ୍ୟ ମନୋରଞ୍ଜନ ପଣ୍ଡା, କମଳ ଦାସ, ସୁରୁଲାଲ ମଟକ୍ଷରୀ, ଜୟପ୍ରକାଶ ଜେନା, ମନୋରଞ୍ଜନ ଦାସ, ସନ୍ଦୀପ ମିଶ୍ର, ଶୁଭମ ନାୟକ, ଶୁଭମ ଶର୍ମା ଅବଦୁଲ ହାକିମ, ଚନ୍ଦନ ମହାରଣା ପ୍ରମୁଖ ରହିଛନ୍ତି। ଓଡିଶାର ଦଳରେ ସୋମ୍ୟଜିତ ସାହୁ, ଦିବ୍ୟମ୍ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିସା ଓଝା, ସ୍ୱାତୀ ନାୟକ, ଅମ୍ବିକା ମିଶ୍ର, ତହସିବ୍ ଖାନ, ଜୈସ ଅଗ୍ରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ, କଲଗା ଜଗଦିଶ, ତୁମି ବାଗ୍‌ଚି, ହର୍ଷିତା ରାଉତ,ଆଶ୍ରୀୟା ଜି. ବିରୋକ, ସ୍ୱିଟିପ୍ରିୟା ପ୍ରଧାନ ସ୍ଥାନ ପାଇଛନ୍ତି। ଗୋବର୍ଦ୍ଧନ ରେଡ୍ଡୀ ମୁଖ୍ୟ କୋଚ୍ ଓ ସହକାରୀ କୋଚ ଭାବେ ସଞ୍ଜୀବ ମଲ୍ଲ ଓ ଅଜିତ ମହାନ୍ତି ଦାୟିତ୍ୱ ତୁଲାଇବେ।

ଜୁନିଅର ଖୋ ଖୋ ଚାମ୍ପିଅନସିପ୍

## ଓଡ଼ିଶା ବାଳିକାଙ୍କୁ ରୌପ୍ୟ, ବାଳକ ଜିତିଲେ କାଂସ୍ୟ




ଭୁବନେଶ୍ୱର, ୨।୯ (ସମିସ): ପୁରୀସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଜୁନିଅର ଖୋ-ଖୋ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ତିନିଦିନିଆ ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ୧୨ଟି ଦଳର ୧୮୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗରେ ଆୟୋଜକ ଓଡ଼ିଶାକୁ ୪ ପଏଣ୍ଟ (୨୪-୨୦)ରେ ପରାସ୍ତ କରି ମହାରାଷ୍ଟ୍ର ଚାମ୍ପିଅନ ହୋଇଥିଲା। ସେହିଭଳି ବାଳକ ବିଭାଗର ଏକ ରୋମାଞ୍ଚକ ଫାଇନାଲରେ କର୍ଣ୍ଣାଟକ ୩୬-୩୪ରେ ଶକ୍ତିଶାଳୀ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ଜିତିଛି। ଉଭୟ ବାଳକ ଓ ବାଳିକା ବିଭାଗରେ ଯଥାକ୍ରମେ ଓଡ଼ିଶା ଓ ପଞ୍ଜାବ କାଂସ୍ୟ ପଦକ ହାସଲ କରିଛନ୍ତି। ବାଳିକାରେ ଓଡ଼ିଶାର ତୁଳସୀ ନାଏକ ଶ୍ରେଷ୍ଠ ଆଟାକର୍ ପୁରସ୍କାର ପାଇଥିଲେ। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚପିସି, ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଭାରତୀୟ ଖୋ ଖୋ ମହାସଂଘ (କେକେଏଫ୍‌ଆଇ) ଓ ଓଡ଼ିଶା ଖୋ ଖୋ ସଂଘ (ଓକେକେଏ) ମିଳିତ ଭାବେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କେକେଏଫଆଇର ସଭାପତି ସୁଧାଂଶୁ ମିତ୍ତଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓକେକେଏର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ, ଅଲିମ୍ପିଆନ୍ ତଥା ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାର, ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ବିଜୟିନୀ ପାରା ଆଥଲେଟ୍ ସୁଶ୍ରୀ ସୁଚିତ୍ରା ପରିଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହିଥିଲେ।

## ଭାରତକୁ ମିଳିଲା ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଅଧିକାର

ମୁମ୍ବାଇ, ବରୋଦାରେ ଖେଳାଯିବ ୧୬ ମ୍ୟାଚ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ପ୍ରଥମଥର ଆୟୋଜିତ ହେବାକୁ ଥିବା ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅଧିକାର ଭାରତକୁ ମିଳିଛି। ପୂର୍ବରୁ ଶ୍ରୀଲଙ୍କାକୁ ଆୟୋଜନ ଅଧିକାର ମିଳିଥିଲା। କିନ୍ତୁ ଶାସନ ଓ କ୍ରିକେଟ୍ ପ୍ରଶାସନରେ ସରକାରୀ ହସ୍ତକ୍ଷେପକୁ ନେଇ ଆଇସିସିର ଆପତ୍ତି ପରେ ଆୟୋଜନ ଭାରତକୁ ସ୍ଥାନାନ୍ତର ହୋଇଛି। ୨୦୨୭ ଫେବ୍ରୁଆରୀ ୧୪ରୁ ୨୮ ଯାଏଁ ୬ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ମୋଟ ୧୬ଟି ମ୍ୟାଚ୍ ହେବ। ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ଏଥିରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ମୁମ୍ବାଇର କ୍ରିକେଟ୍ କ୍ଲବ୍ ଅଫ୍ ଇଣ୍ଡିଆ (ସିସିଆଇ) ଓ ବରୋଦା ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ୬ଟି ଦଳ ପରସ୍ପର ବିପକ୍ଷରେ ଖେଳିବେ। ଶୀର୍ଷ ଦୁଇ ଦଳ ଫେବ୍ରୁଆରୀ ୨୮ରେ ଟ୍ରଫି ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ।

ଶ୍ରୀଲଙ୍କାରେ କ୍ରିକେଟ୍ ପ୍ରଶାସନରେ ସରକାରୀ ହସ୍ତକ୍ଷେପ ନେଇ ଆଇସିସିର ନିୟମ ଉଲ୍ଲଂଘନ ହେଉଥିବା ଅଭିଯୋଗ ରହିଥିଲା। ଏହାପରେ ଆୟୋଜନ ଅଧିକାର ପାଇଁ ଭାରତ ସହ ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକାର ପ୍ରସ୍ତାବକୁ ମଧ୍ୟ ବିଚାର କରାଯାଇଥିଲା। ଶେଷରେ ଭାରତକୁ ଆୟୋଜକ ଭାବେ ଚୟନ କରାଯାଇଛି। ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫି ମହିଳା କ୍ରିକେଟ୍‌ରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ। ପ୍ରତିବର୍ଷ ଏକ ବଡ଼ ଆଇସିସି ମହିଳା ପ୍ରତିଯୋଗିତା ଆୟୋଜନ ଦ୍ୱାରା ମହିଳା କ୍ରିକେଟ୍‌କୁ ଅଧିକ ଗତି ଓ ନିୟମିତତା ମିଳିବ ବୋଲି ସେ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS